READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର



ବର୍ଷ-୮ | ସଂଖ୍ୟା-୩୭ | ୨୩ - ୨୯ ସେପ୍ଟେମ୍ବର, ୨୦୨୪ | ଭୁବନେଶ୍ୱର | Monday Weekly | VOL-8 | ISSUE-37 | 23rd - 29th SEPTEMBER, 2024 | BHUBANESWAR | ₹ 5/- (8 Pages)

### ଇକୋସିଷ୍ଟମରୁ ପ୍ରଶାସନକୁ ବାହାର କରିପାରୁନାହାନ୍ତି ରାଜ୍ୟ ସରକାର

# ଏବେବି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ପାଣ୍ଡିଆନଙ୍କ ଘନିଷ୍ଠ

**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କ ପ୍ରମୁଖ ବିଭାଗ (ଲାଇନ୍ ଡିପାର୍ଟମେଣ୍ଟ)ଗୁଡ଼ିକ ଏବେବି ପାଣ୍ଡିଆନଙ୍କ ଖାସ୍ ସହଯୋଗୀମାନଙ୍କ ପାଖରେ ପୂର୍ବଭଳି ରହିଛି। ସେହି ବିଭାଗୀୟ ମୁଖ୍ୟ (ସଚିବମାନଙ୍କୁ) ବଦଳାଇ ପୂର୍ବ ବିଜେଡି ସରକାରର ଇକୋସିଷ୍ଟମରୁ ବାହାରିବା ପରିବର୍ତ୍ତେ ସେହି ଅଫିସରମାନଙ୍କୁ ମୋହନ ସରକାର ସେହି ଦାୟିତ୍ୱରେ ଗେହ୍ଲାପୁଅ କରି ବସାଇଥିବାକୁ ନେଇ ପାୱାର କରିଡ଼ରରେ ଭିନ୍ନ ଭିନ୍ନ ଚର୍ଚ୍ଚା ଲାଗି ରହିଛି। ରାଜ୍ୟ ସରକାରଙ୍କ ଦୁହାଁଳିଆ ବିଭାଗ ଯଥା- ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ, ଜଳସମ୍ପଦ, ଅବକାରୀ, ଖାଦ୍ୟଯୋଗାଣ, ଶିଳ୍ପ, ବାଣିଜ୍ୟ ଓ ପରିବହନ, କୃଷି, ଉଚ୍ଚଶିକ୍ଷା ସମେତ ଓଡ଼ିଶା ଖଣି ନିଗମ ଓ ଓଡ଼ିଶା ଖଣିଜ ଉତ୍ତୋଳନ ନିଗମ ଭଳି ଦାୟିତ୍ୱରେ ଥିବା ଅଫିସରଙ୍କୁ ବଦଳାଇ ନଥିବା ଜଣାପଡ଼ିଛି। ଏପରିକି ଏହି ବିଭାଗ ଗୁଡ଼ିକ ଦାୟିତ୍ୱରେ ଥିବା ଅଫିସରଙ୍କ ମଧ୍ୟରେ ଅଧିକାଂଶ ୩ବର୍ଷରୁ ଅଧିକ ସମୟ ବିତାଇ ସାରିଲେଣି। ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ସୂତ୍ରରୁ ଜଣାପଡ଼ିଛି ଯେ, ପୂର୍ବ ବିଜେଡି ସରକାର ସମୟରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ (ଲାଇନ୍ ଡିପାର୍ଟମେଣ୍ଟ)ରେ ଥିବା ଅଫିସରମାନେ ଏବେବି ମୋହନ ସରକାରଙ୍କ କାର୍ଯ୍ୟକାଳରେ ଅନୁରୂପ ଦାୟିତ୍ୱ ତୁଲାଉଛନ୍ତି। ଏପରିକି ଗୋଟିଏ ବିଭାଗରେ ୩ବର୍ଷରୁ ଅଧିକ ସମୟ ଧରି କାହିଁକି ଅଫିସରମାନେ କାର୍ଯ୍ୟ କରୁଛନ୍ତି ବୋଲି ପୂର୍ବରୁ ପ୍ରଶ୍ନ କରିଆସୁଥିବା ବିଜେପି ଏବେ ନିଜର ସରକାର ଆସିବା ପରେ ମଧ୍ୟ ସେମାନଙ୍କୁ ବଦଳାଇବାକୁ ଆଗ୍ରହ ଦେଖାଇନାହିଁ। ଉଦାହରଣ ସ୍ୱରୂପ- ୧୯୯୧ ବ୍ୟାଚ୍ ଆଇଏଏସ୍ ଅନୁ ଗର୍ଗ ଯିଏକି ଉନ୍ନୟନ କମିଶନର ଭାବେ କାର୍ଯ୍ୟ କରୁଛନ୍ତି ଓ ୨୦୨୦ ଜୁଲାଇ ମାସରୁ ଜଳସମ୍ପଦ ବିଭାଗର ସଚିବ ଦାୟିତ୍ୱରେ ଅଛନ୍ତି। ୧୯୯୩ ବ୍ୟାଚ୍ ଆଇଏଏସ୍ ସୁରେନ୍ଦ୍ର କୁମାର ୨୦୨୧ ଜୁଲାଇ ମାସରୁ ସାଧାରଣ ପ୍ରଶାସନ ବିଭାଗର ଦାୟିତ୍ୱରେ ରହିଛନ୍ତି। ଏବେ ତାଙ୍କୁ ତାଙ୍କର ପୁରୁଣା ବିଭାଗ ଇସ୍ପାତ ଓ ଖଣି ସହ ସଂସଦୀୟ ବ୍ୟାପାର ବିଭାଗର ଦାୟିତ୍ୱ ମଧ୍ୟ ମିଳିଛି। ସେ ଓଏମସି, ଓଏମଇସିଏଲ ଓ ଇଡକଲ ଅଧ୍ୟକ୍ଷ ଦାୟିତ୍ୱ ତୁଲାଉଛନ୍ତି। ମୋହନ ସରକାର ତାଙ୍କୁ ୩ଟି ବିଭାଗର ସଚିବ ଦାୟିତ୍ୱ ସହ ୩ଟି ନିଗମର ଅଧ୍ୟକ୍ଷ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ପଦବୀରେ ସେ ପ୍ରାୟ ଦେଢ଼ବର୍ଷ ଧରି ରହିବା ପରେ ୨୦୧୯ ସେପ୍ଟେମ୍ବର ମାସରେ ତାଙ୍କୁ ଇସ୍ପାତ ଓ ଖଣି ବିଭାଗର ପ୍ରମୁଖ ସଚିବ ଦାୟିତ୍ୱ ମିଳିଥିଲା। କିନ୍ତୁ ୨୦୨୧ ଜୁଲାଇରେ ତାଙ୍କୁ ସାଧାରଣ ପ୍ରଶାସନ ବିଭାଗକୁ ବଦଳି କରାଯାଇଥିଲା। ଏବେ ପୁଣିଥରେ ସେ ନିଜର ପୁରୁଣା ବିଭାଗକୁ ଫେରିଛନ୍ତି, ତା' ସହ ଅନ୍ୟ ୫ଟି ଦାୟିତ୍ୱ ମଧ୍ୟ ତାଙ୍କ ପାଖରେ। ସେହିପରି ୧୯୯୫ ବ୍ୟାଚ୍ ଆଇଏଏସ୍ ହେମନ୍ତ କୁମାର ଶର୍ମା ୨୦୧୯ ଅଗଷ୍ଟ ମାସରୁ ଶିଳ୍ପ ବିଭାଗର ସଚିବ ଦାୟିତ୍ୱରେ ଅଛନ୍ତି। ଏବେ ସେ ଶକ୍ତି ଓ ଏମଏସଏମଇ ଭଳି ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଭାଗର ସଚିବ ➤ ପୃ-୬

## 'ଏକ ରାଷ୍ଟ୍ର, ଏକ ନିର୍ବାଚନ' ବାଟ ଫିଟିଲା



**ନୂଆଦିଲ୍ଲୀ :** ଗୋଟିଏ ଦେଶ, ଗୋଟିଏ ଥର ହେଉ ନିର୍ବାଚନ। କିଛି ଏମିତି ଦାବି ଜୋର ଧରିଥିଲା। ଯେଉଁଥି ଲାଗି ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ କମିଟି ଗଠନ ହୋଇଥିଲା। କମିଟି ଗଠନ ହେବା ପରେ ରାମନାଥ ଅନେକ ରାଜ୍ୟ ଗସ୍ତ କରିବା ସହ ରିପୋର୍ଟ ବି ଦେଇଥିଲେ। ଏହାରି ଭିତରେ ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟି ରିପୋର୍ଟକୁ ଗତକାଲି କ୍ୟାବିନେଟର ଅନୁମୋଦନ ମିଳିଛି। ତେଣୁ ଆଗାମୀ ଦିନରେ ଏକା ସାଙ୍ଗରେ ନିର୍ବାଚନ ହେବ ବୋଲି ଚର୍ଚ୍ଚା ଜୋର ଧରିଲାଣି। ଏକ ରାଷ୍ଟ୍ର, ଏକ ନିର୍ବାଚନ ପାଇଁ ଫିଟିଲା ବାଟ। ଦେଶରେ ଏକାସଙ୍ଗେ ଲୋକସଭା ଓ ବିଧାନସଭାଗୁଡ଼ିକର ନିର୍ବାଚନ ପାଇଁ ଆଉ ପାଦେ ବଢିଲା ମୋଦି ସରକାରଙ୍କ ପ୍ରୟାସ। ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟି ରିପୋର୍ଟକୁ କେନ୍ଦ୍ର କ୍ୟାବିନେଟର ଅନୁମୋଦନ ମିଳିସାରିଛି। ତେଣୁ ଆଗାମୀ ଶୀତ ଅଧିବେଶନରେ ଏହି ବିଲ ଲୋକସଭାରେ ଆଗତ ହେବ। କ୍ୟାବିନେଟ୍‌ରେ ୱାନ ନେସନ ୱାନ ଇଲେକ୍ସନକୁ ମୋହର ବାଜିବା ପରେ ଏନେଇ ବିତର୍କ କରିବାକୁ ଆହ୍ୱାନ ଦେଇଛନ୍ତି କେନ୍ଦ୍ର ସରକାର। ଲୋକସଭାରେ ବିଲ୍ ଆଗତ ହେବ, ପରେ କାର୍ଯ୍ୟକାରୀ ଗ୍ରୁପ୍ ଗଠନ ହେବ ଏବଂ ରୂପରେଖ ପ୍ରସ୍ତୁତ କରାଯିବ। ଏଥିପାଇଁ ସମ୍ବିଧାନ ସଂଶୋଧନ ସହ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ସମର୍ଥନ ବି ଆବଶ୍ୟକ ରହିଛି। ତେଣୁ ଏହି ପ୍ରସଙ୍ଗରେ ଆଲୋଚନା କରିବାକୁ କେନ୍ଦ୍ର ପରାମର୍ଶ ଦେଇଛି। ଦେଶରେ ଏକା ସାଙ୍ଗରେ ନିର୍ବାଚନ ହେଲେ ➤ ପୃ-୬

## ପୁଣି ଖୋଲିବ କି ମମିତା ହତ୍ୟା ଫାଇଲ ?



**ଭୁବନେଶ୍ୱର :** ପୁଣି ଖୋଲିବ କି ବହୁ ଚର୍ଚ୍ଚିତ ମମିତା ମେହେର ହତ୍ୟା ଫାଇଲ। ପୂର୍ବତନ ସାଂସଦ ସୁଜିତ କୁମାରଙ୍କ ବୟାନ ପରେ ଜୋର ଧରିଛି ଏ ଦାବି। ସେପଟେ ମମିତାଙ୍କ ଦୋଷୀଙ୍କୁ ଦଣ୍ଡ ପାଇଁ ଜନ୍ମମାଟି କଣ୍ଟାବାଞ୍ଜିରେ ତେଜିଛି ସ୍ୱର। ହତ୍ୟାରେ ପୂର୍ବତନ ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ଭୂମିକା ନେଇ ପରିବାର ଆଣିଥିଲା ଅଭିଯୋଗ। ହେଲେ ତଦନ୍ତ ପରିସରକୁ ନଆଣି ଦିବ୍ୟଶଙ୍କରଙ୍କୁ ଘଣ୍ଟ ଘୋଡ଼ାଇଥିଲେ ନବୀନ ସରକାର। ମାମଲାର ସିବିଆଇ ତଦନ୍ତ ପାଇଁ ସୁପାରିଶ କରିବେକି ବିଜେପି ସରକାର? କଳାହାଣ୍ଡି ସନସାଇନ୍ ସ୍କୁଲର ପ୍ରିନ୍ସପାଲ ମମିତା ମେହେରଙ୍କ ହତ୍ୟାକାରୀ କିଏ? କିଏ ରଚିଥିଲା ଷଡ଼ଯନ୍ତ୍ର? କୁଆଡେ ଗଲା ମମିତାଙ୍କ ମୋବାଇଲରେ ଥିବା ଭିଡିଓ? କେମିତି ଜେଲରେ କଡ଼ା ସୁରକ୍ଷା ଭିତରେ ➤ ପୃ-୬

### ଆଂଶିକ ପ୍ଲଟ୍ ପଞ୍ଜୀକରଣ ବନ୍ଦ ପ୍ରସଙ୍ଗ

## ବିଲ୍ଡରଙ୍କ ସ୍ୱାର୍ଥ ପାଇଁ କଟକଣା

**ଭୁବନେଶ୍ୱର:** ବିଲ୍ଡରଙ୍କ ସ୍ୱାର୍ଥରେ ଆଂଶିକ ପ୍ଲଟ ପଞ୍ଜିକରଣ ବନ୍ଦ କରାଯାଇଥିବା ନେଇ ସାଧାରଣରେ ଯେଉଁ ଚର୍ଚ୍ଚା ହେଉଛି ତାହା କେତେଦୂର ସତ୍ୟ ସରକାର ବିଚାର କରିବେ। ତେବେ ପ୍ରଶ୍ନ ଉଠୁଛି କାହିଁକି ଏଭଳି କଟକଣା। ଜଣେ ବ୍ୟକ୍ତି ନିଜର ଆବଶ୍ୟକତା ପୂରଣ ପାଇଁ ନିଜ ଜମିର କିଛି ଅଂଶ କେଉଁଥିପାଇଁ ବିକ୍ରି କରିପାରିବ ନାହିଁ ଏନେଇ କୌଣସି ବିଭାଗ ସଠିକ୍ ସୂଚନା ଦେବା ବଦଳରେ କେବଳ ବିଡିଏର ଏକ ଚିଠି ଆଧାରରେ ଏହା ବନ୍ଦ କରାଯାଇଛି ବୋଲି ଜଣାପଡିଛି। ରାଜସ୍ୱ ବିଭାଗ




କରିଥିବା ଏହି କଟକଣା ଫଳରେ ସରକାର କେତେ କ୍ଷତି ସହୁଛନ୍ତି ତାହା ନକହିବା ଭଲ। ଗୋଟିଏପଟେ ଜଣେ ବ୍ୟକ୍ତି ନିଜ ପରିବାରର କାହାର ଚିକିତ୍ସା ଖର୍ଚ୍ଚ ତୁଲାଇବ, ପିଲାଙ୍କୁ ଉଚ୍ଚଶିକ୍ଷା ଦେବା କିମ୍ବା ପୁଅ-ଝିଅଙ୍କ ବାହାଘର କରିବା ପାଇଁ ଟଙ୍କାର ଆବଶ୍ୟକତା କରୁଥିଲା ବେଳେ ରାଜସ୍ୱ ବିଭାଗର ରୋକ୍ ସେଭଳି ପରିବାର ଗୁଡ଼ିକୁ କିଭଳି ନିର୍ଯାତନା ଦେଉଛି ତାହା ଚିନ୍ତା କରିବାର ବିଷୟ। ଏହାକୁ ଯେଉଁ ଉଦ୍ଦେଶ୍ୟରେ କରାଯାଇଥିବା ବିଡିଏ କହୁଛି ତାହା ସଫଳ ହେଉ ନାହିଁ, ବରଂ ଆୟକର ଛାଡ଼ ଲୋଭରେ ଫ୍ଲାଟ୍ ବିକ୍ରି ହେଉଛି ଏବଂ ବିଲ୍ଡରମାନେ ମାଲେମାଲ୍ ହୋଇଛନ୍ତି। କେବଳ ଗତ ୬ ମାସର ଚିତ୍ରକୁ ଯଦି ହିସାବକୁ ନିଆଯାଏ ତେବେ ୯ହଜାର ସାଧାରଣ ଜମି ମାଲିକ ପାର୍ଟ ପ୍ଲଟ୍ ବିକ୍ରିରୁ ବଞ୍ଚିତ ହୋଇଥିବା ବେଳେ ୬ ହଜାରରୁ ➤ ପୃ-୬

# ମଧୁସୂଦନ ଦାସଙ୍କ ନାମରେ ହେଉ ରାଜମାର୍ଗ



ଦିପକ କୁମାର କର
ଆଇନଜୀବୀ

**ଭୁବନେଶ୍ୱର :** ସାମ୍ପ୍ରତିକ ଅର୍ଥନୈତିକ ପ୍ରାଦୁର୍ଭାବ ମାଧ୍ୟମରେ ବିଶ୍ୱରେ ହାତଗଣତି ଦେଶ ଓ ଆଧାରହୀନ ଧର୍ମ ସଂସ୍କୃତି, ଅନେକ ଐତିହ୍ୟ ସମ୍ପନ୍ନ ଏବଂ ପ୍ରାଚୀନ ସଂସ୍କୃତିକୁ ଧ୍ୱଂସ କରିବା ନିମିତ୍ତ ଚେଷ୍ଟା କରୁଛନ୍ତି। ଚଳଚ୍ଚିତ୍ର ମାଧ୍ୟମରେ ହେଉ, ସଂଗୀତ ମାଧ୍ୟମରେ ହେଉ, କାଳ୍ପନିକ ସାହିତ୍ୟ ମାଧ୍ୟମରେ ଭ୍ରମିତ କଲାପରି ବେଶଭୂଷା ମାଧ୍ୟମରେ ଅବା ବିଦେଶୀ ନାମକରଣ କରି ହେଉ ଏକମାତ୍ର ଚେଷ୍ଟା ଶାସ୍ୱତ ସଂସ୍କୃତିକୁ ଧ୍ୱଂସ କରି ସେମାନଙ୍କର ଧର୍ମ ସଂସ୍କୃତିକୁ ଲଦି ଦେବା। ଏପରି ସମୟରେ ଅସ୍ମିତା ଏକ ଉତ୍କୃଷ୍ଟ ଶବ୍ଦ ଯାହା ମାଧ୍ୟମରେ କ୍ଷତ୍ରୀୟ ଯୁବ ସମାଜ ମନରେ ହୃତଗୌରବ ପ୍ରତିଷ୍ଠା ପୂର୍ବକ ନବ ଉନ୍ମାଦନା ସୃଷ୍ଟି କରି ହିନମନ୍ୟତାରୁ ଉର୍ଦ୍ଧ୍ୱକୁ ଉଠିହେବ। ଓଡ଼ିଆ ଯାହା ଉତ୍କଳ, କଳିଙ୍ଗ, ଉଡ୍ର ଆଦି ନାମରେ



ମହାଭାରତ ଯୁଗ ପୂର୍ବରୁ ନକରି ତ୍ରେତୟା ଯୁଗରେ ମଧ୍ୟ ନିଜର ଅସ୍ମିତା ବଜାୟ ରଖି ଇତିହାସର ନିଜରେ ସ୍ଥିତି ଜାହିର କରିପାରିଥିଲା। ନୌବାଣିଜ୍ୟ ପରି ଦୁଃଶାହସିକ ଯାତ୍ରା ମାଧ୍ୟମରେ ବିଦେଶରେ ବ୍ୟାପାର କରିବା ଅତ୍ୟନ୍ତ ଗର୍ବ ଓ ସ୍ୱାଭିମାନ ଏବଂ ସୌର୍ଯ୍ୟର ନିଦର୍ଶନ। ଆମର ଭାଷା ଅତି ପ୍ରାଚୀନ ଓ ଶାସ୍ତ୍ରୀୟ ହେବା ସହିତ ଅତ୍ୟନ୍ତ ଅନନ୍ୟ। ମଧ୍ୟ ସମୟରେ କୁଚକ୍ରାନ୍ତ ଓ କ୍ଷତ୍ରୀୟ ରାଜା ମାନଙ୍କର ମନମୁଖୀ ଚିନ୍ତାଧାରା ଓ ➤ ପୃ-୬

## ଲୁଇସ୍‌ରୋଡ୍ ନାମ ପରିବର୍ତ୍ତନ ଦାବି ଯଥାର୍ଥ



ରବିପ୍ରିୟ ଦାଶ, ମୁକ୍ତବୃତ୍ତ ସାମ୍ବାଦିକ

**ଭୁବନେଶ୍ୱର :** ଓଡ଼ିଆ ଜାତି ଏବଂ ଓଡ଼ିଶାର ସ୍ୱାଭିମାନକୁ ଗୁରୁତ୍ୱ ଦେଇ ଭୁବନେଶ୍ୱର କଚେରି (ବିଚାରାଳୟ) ସମ୍ମୁଖ ରାସ୍ତାର ନାମ ଲୁଇସ୍‌ରୋଡ୍ ପରିବର୍ତ୍ତେ ରାଜ୍ୟର ପ୍ରଥମ ଆଇନଜୀବୀ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ନାମରେ ନାମିତ କରିବାକୁ ଓକିଲଙ୍କ ଦାବି ଯଥାର୍ଥ ମନେହୁଏ। ଏହି ଦାବିକୁ ବିଭିନ୍ନ ମହଲରେ ସମର୍ଥନ କରାଯାଇଛି। ସ୍ୱାଧୀନତା ପୂର୍ବରୁ ଅର୍ଥାତ୍ ୧୯୪୧-୪୬ ପର୍ଯ୍ୟନ୍ତ ଓଡ଼ିଶାର ରାଜ୍ୟପାଳ ଥିବା ସାର୍ ହାଉଥ୍ରୋନ ଲୁଇସ୍‌ଙ୍କ ନାମରେ ଏହି ରାସ୍ତାର ନାମକରଣ କରାଯାଇଥିଲା। ବ୍ରିଟିଶ ସରକାରର କିଛି ଅଫିସର ଏହି ରାସ୍ତାର ନାମକରଣ କରିଥିଲେ। ସେବେଠାରୁ ଭୁବନେଶ୍ୱରର ଏହି ପ୍ରମୁଖ ରାସ୍ତାର ନାମ ପରିବର୍ତ୍ତନ କରାଯାଇ ଓଡ଼ିଶାର କୌଣସି ବରପୁତ୍ରଙ୍କ ନାମରେ ନାମିତ ହୋଇପାରିନାହିଁ। ଭୁବନେଶ୍ୱର କଚେରୀରେ ଆଇନଜୀବୀ ଭାବେ କାର୍ଯ୍ୟରତ ବହୁ ସଂଖ୍ୟକ ଓକିଲ ଅନେକ ବର୍ଷ ହେଲା ଏହି ରାସ୍ତାର ନାମ ପରିବର୍ତ୍ତନ କରାଯାଇ ଉତ୍କଳ ଗୌରବ ମଧୁସୂଦନ ଦାସ ମାର୍ଗ ରଖାଯିବାକୁ ଦାବି କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଛନ୍ତି। ଗତ ସରକାର ଓଡ଼ିଶାର ସେକ୍ରେଟାରିଏଟ ନାମ ପରିବର୍ତ୍ତନ କରି ଏହାକୁ ଲୋକସେବା ଭବନ ଭାବେ ନାମିତ କରିଛନ୍ତି। ସେହିପରି ଖାରବେଳଙ୍କ ନାମରେ ନୂତନ ସରକାରୀ ଭବନ ନିର୍ମିତ ହୋଇଛି। ରେଭେନ୍ସା କଲେଜର ନାମ ପରିବର୍ତ୍ତନ ନେଇ ଦାବି ଜୋର ଧରିଲାଣି। ଓଡ଼ିଆ ଭାଷା, ସାହିତ୍ୟ ଓ ଅସ୍ମିତାକୁ ଗୁରୁତ୍ୱ ଦେଉଥିବା ବିଜେପି ନେତୃତ୍ୱାଧୀନ ରାଜ୍ୟର ନୂତନ ସରକାର ଲୁଇସ୍‌ରୋଡ୍‌ର ନାମ ପରିବର୍ତ୍ତନ ଉପରେ ଗୁରୁତ୍ୱ ଦେବେ ବୋଲି ଜନସାଧାରଣ ଏବଂ ଓକିଲମାନେ ଆଶା ରଖିଛନ୍ତି। ଏହି ରାସ୍ତା ଦେଇ ଲୋକମାନେ ପୁରୀ ଯାଇଥାଆନ୍ତି। ରାଜଧାନୀର କଚେରି ସମ୍ମୁଖ ଏହି ପ୍ରମୁଖ ରାସ୍ତାର ନାମ ଉତ୍କଳ ଗୌରବ ମଧୁସୂଦନ ଦାସ ମାର୍ଗ ରଖାଯିବା ଉପରେ ସହରର ଜନସାଧାରଣ ଏବଂ ବିଦ୍ୱାନମାନେ ମତବ୍ୟକ୍ତ କଲେଣି। ଯଥାଶୀଘ୍ର ଏହା କରାଯିବା ଆବଶ୍ୟକ ମନେହୁଏ।

## ବକ୍ରବାଣୀ



ପିଞ୍ଜରା ଆବଦ୍ଧ ସାରୀ କହୁଛି
ପିଞ୍ଜରା ଆବଦ୍ଧ ଶୁଆଟା ଅଛି
ଡାମ୍ଫଣ ଛୁଞ୍ଚିକୁ କହୁଛି ଅନା
ତୋ ପଛରେ ଅଛି ଗୋଟାଏ କଣା
ନ୍ୟାୟ ପାଳିକାକୁ କାର୍ଯ୍ୟ ପାଳିକା
ପରମ ବାନ୍ଧବ ପରମ ସଖା
ଦୁହେଁ ମିଶି ଦ୍ୟନ୍ତି ଲୋକଙ୍କୁ ଧୋକା
ଚାହିଁଛି ଜନତା ହୋଇ ଜଳକା
ମିଡିଆ ଦଉଡ଼ି ଜନତା ଗାଈ
ଯେଣିକି ଟାଣଇ ତେଣିକି ଯାଇ।

—— ଟୁଟୁ

### ରାଜ୍ୟରେ ବିଜେପି ସରକାରର ୧୦୦ ଦିନର ହିସାବ ଦେଲେ ମୁଖ୍ୟମନ୍ତ୍ରୀ

# 'ଆଗାମୀ ଦଶକ ହେବ ଭିତ୍ତିଭୂମି ନିର୍ମାଣର ଦଶକ'

**ଭୁବନେଶ୍ୱର :** ରାଜ୍ୟରେ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ବିଜେପି ସରକାର ନିଜର ୧୦୦ଦିନ କାର୍ଯ୍ୟକାଳ ପୂରଣ କରିସାରିଛି। ଏଥିପାଇଁ ପୁରୀରେ ରାଜ୍ୟସ୍ତରୀୟ ଉତ୍ସବ ପାଳନ କରି ବିଜେପି ସରକାର ନିଜର ୧୦୦ଦିନର କାର୍ଯ୍ୟର ହିସାବ ରଖିବା ସହ ଆଗାମୀ ୫ବର୍ଷର ରୋଡମ୍ୟାପ୍ ମଧ୍ୟ ଉପସ୍ଥାପନ କରିଥିଲେ। ବିଜେପି ସରକାରଙ୍କ ୧୦୦ଦିନ କାର୍ଯ୍ୟକାଳ ପୂରଣ ଉପଲକ୍ଷେ ପୁରୀରେ ରାଜ୍ୟସ୍ତରୀୟ ଉତ୍ସବରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ, ୧୦୦ଦିନର କାର୍ଯ୍ୟକାଳରେ ଆମେ ସମସ୍ତ ପ୍ରମୁଖ ପ୍ରତିଶ୍ରୁତି ପାଳନ କରିପାରିଛୁ। ଆଗାମୀ ୧୨ବର୍ଷର କାଳଖଣ୍ଡରେ ସମୃଦ୍ଧ ଓଡ଼ିଶା ଗଠନ ହେବ। ତାଙ୍କ ସରକାରର ପ୍ରଥମ ୫ବର୍ଷରେ ଏହାର ମୂଳଦୁଆ ପଡ଼ିବ। ପ୍ରଥମ ୧୦୦ଦିନରେ ଏହି ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ଆଗାମୀ ଦଶକ ହେବ ଭିତ୍ତିଭୂମି ନିର୍ମାଣର ଦଶକ ବୋଲି ସେ କହିଛନ୍ତି। ଓଡ଼ିଆ ଅସ୍ମିତା ଓ ସ୍ୱାଭିମନା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ, ଗତ କିଛିବର୍ଷ ଧରି ଓଡ଼ିଆ ଅସ୍ମିତା, ଭାଷା, ସ୍ୱାଭିମାନ ଓ ପରିଚୟ



ଅବହେଳିତ ହୋଇ ରହିଥିଲା। ୨୦୨୪ ନିର୍ବାଚନରେ ଲୋକେ ଓଡ଼ିଆ ଅସ୍ମିତାର ପୁନଃପ୍ରତିଷ୍ଠା ପାଇଁ ଜନାଦେଶ ଦେଇଛନ୍ତି। ଆମେ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ସହିତ ଓଡ଼ିଆ ଅସ୍ମିତାର ପୁନଃପ୍ରତିପାଦନ ନିମନ୍ତେ ୨୦୦କୋଟି ଟଙ୍କାର ସ୍ଥାୟୀ ପାଣ୍ଠି ଗଠନ କରିଛୁ। ଓଡ଼ିଆ ଅସ୍ମିତା ଭବନ ନିର୍ମାଣ, ଓଡ଼ିଆ ଅନୁବାଦ ଏକାଡେମୀ ପ୍ରତିଷ୍ଠା, ଶ୍ରୀମନ୍ଦିରର ଉନ୍ନତି ପାଇଁ ୫୦୦କୋଟି ଟଙ୍କାର ସ୍ଥାୟୀ ପାଣ୍ଠି ପାଇଁ ଏହି ୧୦୦ଦିନ ମଧ୍ୟରେ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଚାଷୀଙ୍କୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୩୧୦୦ଟଙ୍କା ଦେବା ଆମର ବଡ଼ ପ୍ରତିଶ୍ରୁତି। ବଜେଟରେ ୫ହଜାର କୋଟି ଟଙ୍କାର ବ୍ୟବସ୍ଥା କରି ଏହାକୁ କାର୍ଯ୍ୟକାରୀ କରୁଛୁ। ସେହିପରି ସୁଭଦ୍ରା ଯୋଜନାରେ ମହିଳାଙ୍କୁ ଆର୍ଥିକ ଦୃଷ୍ଟିରୁ ସଶକ୍ତ ଓ ସ୍ୱାବଲମ୍ବୀ କରିବା ପାଇଁ ବର୍ଷକୁ ୧୦ହଜାର ଟଙ୍କା ଲେଖାଏଁ ୫ବର୍ଷରେ ମୋଟ ୫୦ହଜାର ଟଙ୍କା ଦେବାକୁ ଯୋଜନା ହୋଇଛି। ଏହି ଟଙ୍କା ଋଣ ଆକାରରେ ଦିଆଯାଉନି। ସେମାନେ ଏହାକୁ ନିଜ ଇଚ୍ଛାରେ ଉପଯୋଗ କରି ରୋଜଗାର ବଢ଼ାଇପାରିବେ। ➤ ପୃ-୬

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** ଆୟରେ ବୃଦ୍ଧି ଓ ଆୟର ନୂଆ ସ୍ରୋତ ପାଇଷବ। ଉଧାର ଦିଅନ୍ତୁ ନାହିଁ। ପିତା ମାତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ। ଦମ୍ପତ୍ତିଙ୍କ ମଧ୍ୟରେ ଝଗଡା ହୋଇପାରେ। ପ୍ରତିକାର : ଭଗବାନ ଶିବଙ୍କୁ ମହୁ ଅର୍ପଣ କରନ୍ତୁ ଓ ଶିବ ସହସ୍ରନାମ ପାଠ କରନ୍ତୁ।

**ବୃଷ** ଥଣ୍ଡା ଶର୍ଦ୍ଦି ହୋଇପାରେ। ଆର୍ଥିକ ସ୍ଥିତି ମଜବୁତ ହେବ। କାର୍ଯ୍ୟକ୍ଷେତ୍ରରେ ପଦୋନ୍ନତି ହୋଇପାରେ। ସହଯୋଗ କରିବେ। ଦମ୍ପତ୍ତିଙ୍କ ସମ୍ପର୍କ ମଧୁର ହେବ। ପ୍ରେମୀଙ୍କ ପାଇଁ ଭଲ ସମୟ ପ୍ରତିକାର : ହନୁମାନ ଚାଳିଶା ପାଠ କରନ୍ତୁ।

**ମିଥୁନ** ଆଣ୍ଠୁଗଣ୍ଠିରେ ଯନ୍ତ୍ରଣା ହୋଇପାରେ। ଆୟ ତୁଳନାରେ ବ୍ୟୟ ବଢ଼ିବ। ବ୍ୟବସାୟରେ ପ୍ରତିବନ୍ଧକ ଦେଖାଦେଇପାରେ। ପ୍ରତିକାର : ବିଷ୍ଣୁ ସହସ୍ୟ ନାମ ପାଠ କରନ୍ତୁ। ତୁଳସୀ ମୂଳରେ ଦୀପ ଜାଳନ୍ତୁ।

**କର୍କଟ** ପେଟ ଜନିତ ରୋଗ ହୋଇପାରେ। ଆୟ ଓ ବ୍ୟୟରେ ବୃଦ୍ଧି ହେବ। କାର୍ଯ୍ୟ କ୍ଷେତ୍ରରେ ସମସ୍ୟା ଦେଖାଦେବ। ଦୂର ଯାତ୍ରା ଯୋଗ ଅଛି। ଦମ୍ପତ୍ତିଙ୍କ ମଧ୍ୟରେ ମତାନ୍ତର ହୋଇପାରେ। ପ୍ରତିକାର : ଧଳା ଚନ୍ଦନ ଲଗାନ୍ତୁ। ଓଁ ନମଃ ଶିବାୟ ଜପ କରନ୍ତୁ।

**ସିଂହ** ରକ୍ତଚାପ ଓ ପେଟ ରୋଗ ହୋଇପାରେବ। ଆୟରେ ଅସାମାନ୍ୟ ବୃଦ୍ଧି ହେବ। ପୈତୃକ ସମ୍ପତ୍ତି ପ୍ରାପ୍ତି ଯୋଗ ଅଛି। ପ୍ରେମୀଙ୍କର ବିବାହ ଯୋଗ ଅଛି। ପ୍ରତିକାର : ବିଷ୍ଣୁ ସହସ୍ର ନାମ ପାଠ କରନ୍ତୁ।

**କନ୍ୟା** ଛୋଟଛୋଟ କ୍ଷତି ହୋଇପାରେ। ଆୟରେ ବୃଦ୍ଧି ହେବ। ପଦୋନ୍ନତି ଯୋଗ ଅଛି। କୌଣସି ଶୁଭ ଖବର ପାଇପାରନ୍ତି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପ୍ରତିକାର : ଗଣେଶ ଚାଳିଶା ପାଠ କରନ୍ତୁ।

**ତୁଳା** ସ୍ୱାସ୍ଥ୍ୟ ଉତ୍ତମ ରହିବ। ବ୍ୟବସାୟରେ ସଫଳତା ପାଇବେ। କାର୍ଯ୍ୟ କ୍ଷେତ୍ରରେ ସହଯୋଗ ବଢ଼ିବ। ପ୍ରେମରେ ସଫଳତା ମିଳିବ। ଜୀବନସାଥୀଙ୍କ ସହ ସମ୍ପର୍କରେ ମଧୁରତା ବଢ଼ିବ। ପ୍ରତିକାର : ଲଙ୍ଗାଷ୍ଟକ ପାଠ କରନ୍ତୁ।

**ବିଛା** ଗଳାରେ ସମସ୍ୟା ହୋଇପାରେବ। ଖର୍ଚ୍ଚରେ ବୃଦ୍ଧି ହେବ। କାର୍ଯ୍ୟ କ୍ଷେତ୍ରରେ ସମସ୍ୟା ଦେଖା ଦେଇପାରେ। ଶତ୍ରୁ ବଢ଼ିବେ। ପ୍ରେମୀ ମାନଙ୍କ ସମ୍ପର୍କ ଦୃଢ଼ ହେବ। ପ୍ରତିକାର : ବଜରଙ୍ଗ ବାଣ ପାଠ କରନ୍ତୁ।

**ଧନୁ** ମନ ଅସ୍ଥିର ରହିବ। ବାଣୀରେ ଲଗାମ ଦିଅନ୍ତୁ। ଆପଣଙ୍କ ବିରୁଦ୍ଧରେ ଷଡଯନ୍ତ୍ର ବଢ଼ିବ। ବ୍ୟୟ ବଢ଼ିବ। ଦାନ୍ତରେ ପୀଡା ହୋଇପାରେ। ଦାମ୍ପତ୍ୟ ଜୀବନ ସାମାନ୍ୟ ରହିବ। ପ୍ରତିକାର : ପ୍ରତିଦିନ କେଶର ତିଲକ ଲଗାନ୍ତୁ।

**ମକର** ମୁଣ୍ଡବ୍ୟଥା ରୋଗ ହୋଇପାରେ। ଆର୍ଥିକ ଦିଗରେ ଉନ୍ନତି ହୋଇପାରେ। ତର୍କରୁ ଦୂରେଇ ରହନ୍ତୁ। ବାଣୀରେ ଲଗାମ ଦିଅନ୍ତୁ। ଜୀବନସାଥୀଙ୍କ ପାଇଁ କିଛି ସମୟ ଦିଅନ୍ତୁ। ପ୍ରତିକାର : କଳା ରାଶି ଶିବ ଲିଙ୍ଗରେ ଅର୍ପଣ କରନ୍ତୁ।

**କୁମ୍ଭ** ଜୀବନସାଥୀଙ୍କ ସ୍ୱାସ୍ଥ୍ୟ ବିଗିଡିପାରେ। ଆୟରେ ବୃଦ୍ଧି ହେବ। କାର୍ଯ୍ୟକ୍ଷେତ୍ରରେ ସହଯୋଗ ବଢ଼ିବ। ପୁରୁଣା କାମ ପୂରା ହେବ। ପ୍ରେମୀମାନେ ଅନୁରାଗୀ ହେବେ। ଗୃହରେ ଶାନ୍ତି ବଜାୟ ରହିବ। ପ୍ରତିକାର : ସୁନ୍ଦର କାଣ୍ଡ ପାଠ କରନ୍ତୁ।

**ମୀନ** ସ୍ୱାସ୍ଥ୍ୟ ଉତ୍ତମ ରହିବ। ଆୟର ସ୍ରୋତ ବଢ଼ିବ। ବ୍ୟବସାୟରେ ସହଯୋଗ ବଢ଼ିବ। ଜୀବନସାଥୀଙ୍କ ସହ ଉତ୍ତମ ସମୟ ଅତିବାହିତ କରିବେ। ବିଦେଶ ଭ୍ରମଣ ଯୋଗ ଅଛି। ପ୍ରେମୀଙ୍କ ପାଇଁ ଶୁଭ ସମୟ। ପ୍ରତିକାର : ହନୁମାନ ଚାଳିଶା ପାଠ କରନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

### ଆମେରିକାରେ ମୁଦ୍ରାସ୍ଫୀତିର ଭୟଙ୍କର ରୂପ

# ଘର ଚଳାଇବା ଚିନ୍ତାରେ ୩୭% ଲୋକ

**ନୂଆଦିଲ୍ଲୀ:** ଦୁଇ ବର୍ଷ ହେବ ମହଙ୍ଗା ବଜାର ସ୍ଥିତି ଦେଶରେ ଲୋକଙ୍କ ନିଦ ହଜାଇଦେଲାଣି। ଖାଲି ଭାରତ କାହିଁକି ଆମେରିକା ଭଳି ବିକଶିତ ରାଷ୍ଟ୍ରରେ ମଧ ଦରଦାମ୍ ତାତି ରହିଛି। ଅର୍ଥାତ୍ ଉଚ୍ଚ ମୁଦ୍ରାସ୍ଫୀତି ଆମେରିକା ଭଳି ବିଶ୍ୱର ବୃହତ ଅର୍ଥନୀତିର ଲୋକଙ୍କୁ ଅସୁବିଧାରେ ପକାଇଛି। ଏକ ରିପୋର୍ଟ ଅନୁଯାୟୀ, ଦେଶର ଏକ ତୃତୀୟାଂଶ ଜନସଂଖ୍ୟା ଘରର ଖର୍ଚ୍ଚ ପୂରଣ କରିବା କଷ୍ଟକର ହୋଇପଡୁଛି। ଅର୍ଥାତ୍ ଅତ୍ୟାବଶ୍ୟକ ସାମଗ୍ରୀର ଉଚ୍ଚ ଦରଦାମ୍ ଯୋଗୁ ଆମେରିକାରେ ୩୭% ଲୋକଙ୍କୁ ଏବେ ଘର ଚଳାଇବା ଚିନ୍ତା ଘାରିଛି। ଜୁଲାଇ ମାସରେ ଦେଶର ୩୭.୪ ପ୍ରତିଶତ ବୟସ୍କ କହିଛନ୍ତି ଯେ ଅତ୍ୟଧିକ ଦରଦାମ୍ ଯୋଗୁ ପରିବାର ଖର୍ଚ୍ଚ ପରିଚାଳନାରେ ସେମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସବୁଠାରୁ ବଡ




ସମସ୍ୟା ହେଉଛି ମିସିସିପି ରାଜ୍ୟରେ। ଏଠାରେ ୪୯.୫ ପ୍ରତିଶତ ଲୋକ କହିଛନ୍ତି ଯେ ସେମାନେ ମୌଳିକ ଜିନିଷଗୁଡ଼ିକର ଖର୍ଚ୍ଚ ପୂରଣ କରିବାକୁ ସକ୍ଷମ ନୁହଁନ୍ତି। ଏହି ସଂଖ୍ୟା ଆଲାବାମାରେ ୪୫.୫ ପ୍ରତିଶତ, ପଶ୍ଚିମ ଭର୍ଜିନିଆରେ ୪୩.୫ ପ୍ରତିଶତ ଏବଂ ଲୁଧିଆନାରେ ୪୩.୧ ପ୍ରତିଶତ ରହିଛି। ଆମେରିକାରେ ୧୦ଟି ରାଜ୍ୟ ରହିଛି ଯେଉଁଠାରେ ୪୦ ପ୍ରତିଶତ ବୟସ୍କ ବ୍ୟକ୍ତି କହିଛନ୍ତି ଯେ ଘରର ଖର୍ଚ୍ଚ ପୂରଣ କରିବା ସେମାନଙ୍କ ପାଇଁ ବେଶ କଷ୍ଟକର ହୋଇପଡିଛି। ଦେଶରେ ଏଭଳି ସ୍ଥିତି ସେତିକି ବେଳେ ଉପୁଜିଛି ଯେତେବେଳେ ଦେଶରେ କ୍ରେଡିଟ କାର୍ଡ ଋଣ ଏକ ଟ୍ରିଲିୟନ ଡଲାର ଅତିକ୍ରମ କରିଯାଇଛି। ଏହା ସ୍ପଷ୍ଟ ଯେ ଖାଦ୍ୟ ସାମଗ୍ରୀର ମୂଲ୍ୟ, ଭଡା ଏବଂ ଉପଯୋଗିତା ଲୋକଙ୍କ ଦରମା ବୃଦ୍ଧି ଅପେକ୍ଷା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଗତ ବର୍ଷ ଦେଶରେ ମୁଦ୍ରାସ୍ଫୀତି ହାର ୩.୨ ପ୍ରତିଶତ ରହିଥିଲା, ଯାହା ଚଳିତବର୍ଷ ୨.୫ ପ୍ରତିଶତକୁ ଖସିଆସିଛି। କିନ୍ତୁ ତଥାପି ସାଧାରଣ ଲୋକଙ୍କ ପାଇଁ ରୋଜଗାର କରିବା କଷ୍ଟକର ହୋଇପଡିଛି। କେବଳ ଆମେରିକା ନୁହେଁ, ସମଗ୍ର ବିଶ୍ୱ ଏହି ସମୟରେ ମୁଦ୍ରାସ୍ଫୀତିର ଶିକାର ହେଉଛି। ବର୍ତ୍ତମାନ ସମୟରେ ମୁଦ୍ରାସ୍ଫୀତିର ସବୁଠାରୁ ବଡ ମୁକାବିଲା କରୁଛି ଆର୍ଜେଣ୍ଟିନା। ଆର୍ଜେଣ୍ଟିନାରେ ମୁଦ୍ରାସ୍ଫୀତି ହାର ୨୩୭%ରେ ପହଞ୍ଚିଛି। ଏ କ୍ଷେତ୍ରରେ ସିରିଆ ଦ୍ୱିତୀୟ ସ୍ଥାନରେ ରହିଛି। ଦୀର୍ଘ ଦିନ ଧରି ଗୃହଯୁଦ୍ଧରେ ପୀଡିତ ଏହି ଦେଶରେ ମୁଦ୍ରାସ୍ଫୀତି ହାର ୧୨୦%। ତୁର୍କୀରେ ମୁଦ୍ରାସ୍ଫୀତି ହାର ୫୧.୯%, ଭେନେଜୁଏଲାରେ ୩୫.୫% ଲେବାନନ୍‌ରେ ୩୫.୪୫, ପାକିସ୍ତାନରେ ୯.୬% ଏବଂ ବାଂଲାଦେଶରେ ୧୧.୬୬% ରହିଛି। ଭାରତରେ ମୁଦ୍ରାସ୍ଫୀତି ହାର ୩.୬%। ବିଶ୍ୱରେ ରାଷ୍ଟ୍ରଗୁଡିକ ମଧ୍ୟରେ ବର୍ତ୍ତମାନ ଚାଇନାରେ ମୁଦ୍ରାସ୍ଫୀତି ସବୁଠୁ କମ୍ ରହିଛି। ସେଠାରେ ମୁଦ୍ରାସ୍ଫୀତି ହାର ୦.୬% ପ୍ରତିଶତ ଅଛି। ଇଟାଲୀରେ ମୁଦ୍ରାସ୍ଫୀତି ହାର ୧.୧%, ସାଉଦି ଆରବରେ ୧.୬%, ଆୟର୍ଲାଣ୍ଡରେ ୧.୭% ଫ୍ରାନ୍ସରେ ୧.୮%, ସ୍ୱିଡେନରେ ୧.୯%, ଜର୍ମାନୀରେ ୧.୯%, ଦକ୍ଷିଣ କୋରିଆରେ ୨% ଏବଂ ଇଣ୍ଡୋନେସିଆରେ ୨.୧୨% ରହିଥିବା ଜଣାପଡିଛି।

## ମ୍ୟାଁମାର ସୀମାରେ ଦିଆଯିବ ତାରବାଡ଼

**ନୂଆଦିଲ୍ଲୀ :** ମ୍ୟାଁମାର ପଟୁ ଅନୁପ୍ରବେଶ ରୋକିବାକୁ ଭାରତ ସରକାର ୧,୬୪୩ କିଲୋମିଟର ବ୍ୟାପୀ ସୀମାରେ ତାରବାଡ଼ ଘେରାଇବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ୩୧ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ। ସୂଚନାଥାଉ କି ଭାରତର ମଣିପୁର, ମିଜୋରାମ, ନାଗାଲାଣ୍ଡ ଓ ଅରୁଣାଚଳ ପ୍ରଦେଶର ସୀମା ମ୍ୟାଁମାରକୁ ଲାଗିଛି। ମ୍ୟାଁମାର ପଟୁ ଭାରତର ବିଭିନ୍ନ ଅଞ୍ଚଳକୁ ଅସ୍ତ୍ରଶସ୍ତ୍ର ଓ ନିଶାଦ୍ରବ୍ୟ ଚୋରାଚାଲାଣ ହେଉଥିବା ବେଳେ ଏହାକୁ ରୋକିବାକୁ ଏହି ନିଷ୍ପତ୍ତି ହୋଇଛି। ମଣିପୁରରେ ଯେଉଁ ହିଂସା ସୃଷ୍ଟି ହୋଇଛି ତାହା ପଛରେ ମ୍ୟାଁମାର ଅନୁପ୍ରବେଶକାରୀ, ଅସ୍ତ୍ରଶସ୍ତ୍ର ଏବଂ ନିଶାଦ୍ରବ୍ୟ ଚୋରାଚାଲାଣର ଭୂମିକା ରହିଥିବା ଭାରତ ତରଫରୁ ଅଭିଯୋଗ ହୋଇଥିଲା। ମଙ୍ଗଳବାର କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା କହିଥିଲେ ଇତିମଧ୍ୟରେ ୩୦ କିଲୋମିଟର ମ୍ୟାଁମାର ସୀମାରେ ତାରବାଡ଼ ଘେରାଇବା କାମ ଶେଷ ହୋଇ ସାରିଛି।

## ଚନ୍ଦ୍ର ଓ ମଙ୍ଗଳ ପରେ ଶୁକ୍ର ଗ୍ରହକୁ ନେଇ ବିଜ୍ଞାନ ଲକ୍ଷ୍ୟ ଧାର୍ଯ୍ୟ କଲା ଭାରତ

**ନୂଆଦିଲ୍ଲୀ, (ପିଆଇବି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ଶୁକ୍ର ବା ଭିନସ୍ ଅର୍ବିଟର ମିଶନ (ଭିଓଏମ)ର ବିକାଶକୁ ଅନୁମୋଦନ ମିଳିଛି, ଯାହା ଚନ୍ଦ୍ର ଓ ମଙ୍ଗଳ ଗ୍ରହ ବ୍ୟତୀତ ଶୁକ୍ର ଗ୍ରହର ଅନୁସନ୍ଧାନ ଏବଂ ଅଧ୍ୟୟନ କରିବା ଲାଗି ସରକାରଙ୍କ ଦୃଷ୍ଟିକୋଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ। ପୃଥିବୀର ସବୁଠାରୁ ନିକଟତମ ଗ୍ରହ ତଥା ପୃଥିବୀ ଭଳି ପରିସ୍ଥିତିରେ ସୃଷ୍ଟି ହୋଇଥିବା ବିଶ୍ୱାସ କରାଯାଉଥିବା ଶୁକ୍ର ଗ୍ରହ ପରିବେଶ କିପରି ଭିନ୍ନ ଭାବରେ ବିକଶିତ ହୋଇପାରିବ ତାହା ବୁଝିବା ପାଇଁ ଏକ ଅନନ୍ୟ ସୁଯୋଗ ପ୍ରଦାନ କରିବ। ଶୁକ୍ରର ପୃଷ୍ଠ ଏବଂ ଉପପୃଷ୍ଠ, ବାୟୁମଣ୍ଡଳୀୟ ପ୍ରକ୍ରିୟା ଏବଂ ଶୁକ୍ରର ବାୟୁମଣ୍ଡଳ ଉପରେ ସୂର୍ଯ୍ୟଙ୍କ ପ୍ରଭାବକୁ ଭଲ ଭାବରେ ବୁଝିବା ପାଇଁ ମହାକାଶ ବିଭାଗ ଦ୍ୱାରା ସମ୍ପୂର୍ଣ୍ଣ ହେବାକୁ ଥିବା ଶୁକ୍ର ଅର୍ବିଟର ମିଶନ ଶୁକ୍ର ଗ୍ରହର କକ୍ଷପଥରେ ଏକ ବୈଜ୍ଞାନିକ ମହାକାଶଯାନ ପରିକ୍ରମା କରିବାକୁ ପରିକଳ୍ପନା କରାଯାଇଛି। ଶୁକ୍ର, ଯାହା ଏକଦା ବାସଯୋଗ୍ୟ ଥିଲା ଏବଂ ମୁଖ୍ୟତଃ ପୃଥିବୀ ସହିତ ସମାନ ଥିଲା ବୋଲି ବିଶ୍ୱାସ କରାଯାଏ। ଶୁକ୍ରର ପରିବର୍ତ୍ତନର ଅନ୍ତର୍ନିହିତ କାରଣଗୁଡ଼ିକର ଅଧ୍ୟୟନ ଉଭୟ ଶୁକ୍ର ଏବଂ ପୃଥିବୀର ସାଥୀ ଗ୍ରହଗୁଡ଼ିକର ବିବର୍ତ୍ତନକୁ ବୁଝିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଭାବରେ ସହାୟକ ହେବ। ଏହି ମହାକାଶଯାନର ବିକାଶ ଏବଂ ଉତକ୍ଷେପଣ ପାଇଁ ଇସ୍ରୋର ଦାୟିତ୍ୱ ରହିବ। ଇସ୍ରୋର ପ୍ରଚଳିତ ପଦ୍ଧତି ମାଧ୍ୟମରେ ଏହି ପ୍ରକଳ୍ପକୁ ପ୍ରଭାବୀ ଢଙ୍ଗରେ ପରିଚାଳନା ଏବଂ ତଦାରଖ କରାଯିବ। ଏହି ମିଶନରୁ ଉତ୍ପନ୍ନ ତଥ୍ୟକୁ ବର୍ତ୍ତମାନର ବ୍ୟବସ୍ଥା ମାଧ୍ୟମରେ ବୈଜ୍ଞାନିକ ସମୁଦାୟ ମଧ୍ୟରେ ପ୍ରସାରିତ କରାଯିବ।

### ପାର୍ବଣ ପୂର୍ବରୁ ମହଙ୍ଗା ମାଡ଼

# ଖାଇବା ତେଲ ଉପରେ ଆମଦାନୀ ଶୁଳ୍କ ବୃଦ୍ଧି

**ନୂଆଦିଲ୍ଲୀ:** କେନ୍ଦ୍ର ସରକାର ଖାଇବା ତେଲ ଉପରେ ଆମଦାନୀ ଶୁଳ୍କ ବୃଦ୍ଧି କରିଦେଇଛନ୍ତି। ଶନିବାରଠାରୁ ନୂଆ ଦର କାର୍ଯ୍ୟକାରୀ ହୋଇଛି। ସରକାର ଅଶୋଧିତ ପାମ୍ ଏବଂ ରିଫାଇନଡ ସୂର୍ଯ୍ୟମୁଖୀ ତେଲ ଉପରେ ଆମଦାନୀ ଶୁଳ୍କକୁ ବଢ଼ାଇ କ୍ରମଶଃ ୨୦ ପ୍ରତିଶତ ଏବଂ ୩୨.୫ ପ୍ରତିଶତ କରିଦେଇଛନ୍ତି। ଅର୍ଥ ମନ୍ତ୍ରାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ଅଶୋଧିତ ପାମ୍, ସୋୟାବିନ ଏବଂ ସୂର୍ଯ୍ୟମୁଖୀ ତେଲ ଉପରେ ମୂଳ ଆମଦାନୀ ଶୁଳ୍କକୁ ଶୂନ୍ୟରୁ ବଢ଼ାଇ ୨୦ ପ୍ରତିଶତ କରିଦିଆଯାଇଛି। ସେହିପରି ରିଫାଇନ୍ଡ ପାମ୍, ସୋୟାବିନ ଏବଂ ସୂର୍ଯ୍ୟମୁଖୀ ତେଲ ଉପରେ ଆମଦାନୀ ଶୁଳ୍କକୁ ୧୨.୫




ପ୍ରତିଶତରୁ ୩୨.୫ ପ୍ରତିଶତକୁ ବୃଦ୍ଧି କରାଯାଇଛି। ଖାଉଟିଙ୍କ ଉପରେ ଏହି ନିଷ୍ପତ୍ତିର ବଡ଼ ପ୍ରଭାବ ପଡ଼ିବ। ଦଶହରା ଏବଂ ଦୀପାବଳୀରେ ତୈଳ ମୂଲ୍ୟ ବୃଦ୍ଧି ପାଇପାରେ। ଏହା ୨୫ରୁ ୩୦ ଟଙ୍କା ପର୍ଯ୍ୟନ୍ତ ବଢ଼ିପାରେ। ମାତ୍ର କୃଷକଙ୍କୁ ସହାୟତା କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି ବୋଲି ସରକାରଙ୍କୁ ପକ୍ଷରୁ କୁହାଯାଇଛି। ଅଧିକାରୀଙ୍କ ସୂଚନା ଅନୁଯାୟୀ ଏହି ନିଷ୍ପତ୍ତି ଦ୍ୱାରା ଚାଷୀଙ୍କ ଆୟ ବୃଦ୍ଧି ପାଇବ। ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଗୁଜରାଟ, ରାଜସ୍ଥାନ, କର୍ଣ୍ଣାଟକ, ଆନ୍ଧ୍ର ପ୍ରଦେଶ, ଉତ୍ତର ପ୍ରଦେଶ, ତେଲଙ୍ଗାନା ଏବଂ ତାମିଲନାଡୁ ଚାଷୀଙ୍କୁ ବିଶେଷ ଲାଭ ମିଳିବ। ଆମଦାନୀ ଶୁଳ୍କ ବୃଦ୍ଧି ଯୋଗୁଁ ଅଶୋଧିତ ତୈଳ ୫.୫ ପ୍ରତିଶତ ବୃଦ୍ଧି ପାଇ ୨୭.୫ ପ୍ରତିଶତ ଏବଂ ରିଫାଇନଡ ତେଲ ୧୩.୭୫ ପ୍ରତିଶତ ବୃଦ୍ଧି ପାଇ ୩୫.୭୫ ପ୍ରତିଶତ ହୋଇଯାଇଛି। ଗତ ଦୁଇ ବର୍ଷ ହେଲା ଖାଇବା ତେଲ ମୂଲ୍ୟରେ ଲାଗି ରହିଥିବା ଅସ୍ଥିରତାକୁ ସ୍ଥିର କରିବାରେ ଏହା ସହାୟକ ହେବ ବୋଲି ଅଧିକାରୀ କହିଛନ୍ତି।

### ଜନସଂଖ୍ୟା ବୃଦ୍ଧି ପାଇଁ ଦେଶବାସୀଙ୍କୁ ପୁତିନଙ୍କ ପରାମର୍ଶ

# କାର୍ଯ୍ୟ ବିରତି ସମୟରେ ସମ୍ଭୋଗ କର

**ମସ୍କୋ :** ବିଭିନ୍ନ କାରଣକୁ ନେଇ ପୂର୍ବରୁ ରୁଷିଆର ଜନସଂଖ୍ୟା ସ୍ଥିତି ଚିନ୍ତାଜନକ ଥିଲା ବେଳେ ୟୁକ୍ରେନ ଯୁଦ୍ଧ ପରିପ୍ରେକ୍ଷୀରେ ଏହି ସମସ୍ୟା ଆହୁରି ଉତ୍କଟ ହୋଇପଡ଼ିଛି। ଏହା ମଧ୍ୟରେ ୟୁକ୍ରେନ ଯୁଦ୍ଧରେ ହଜାର ହଜାର ରୁଷ ସୈନ୍ୟ ମୃତ୍ୟୁମୁଖରେ ପଡ଼ିଥିବାରୁ ରୁଷ ସେନାରେ ସୈନ୍ୟଙ୍କ ସଂଖ୍ୟା ମଧ ବଢାଇବାର ଆବଶ୍ୟକତା ବଢିଛି। ଏହାକୁ ଦୃଷ୍ଟିରେ ରଖି ରାଷ୍ଟ୍ରପତି ପୁତିନ ନିଜ ସେନାରେ ଆଉ ୧ ଲକ୍ଷ ୮୦ ହଜାର ସୈନ୍ୟ ବଢାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଡିସେମ୍ବର ସୁଦ୍ଧା ଏହି ସଂଖ୍ୟକ ସୈନ୍ୟ ଭର୍ତ୍ତି କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିଲା ବେଳେ ୨୦୨୨ରେ ୟୁକ୍ରେନ ସହ ଯୁଦ୍ଧ ଆରମ୍ଭ ପରଠାରୁ ଏହା ହେବ ରୁଷିଆ ସେନାର ତୃତୀୟ ସୈନ୍ୟ ସଂପ୍ରସାରଣ। ତେବେ ଏଥିପାଇଁ ରୁଷିଆର ଜନସଂଖ୍ୟା ସବୁଠୁ ଆହ୍ୱାନପୂର୍ଣ୍ଣ ହୋଇପଡ଼ିଛି। କାରଣ ଯୁଦ୍ଧ କେବେ ଶେଷ ହେବ ତାହାର କୌଣସି ସମୟ ସୀମା ନଥିବା ବେଳେ ଏତେ



ସଂଖ୍ୟକ ସୈନ୍ୟ କେଉଁଠୁ ଆସିବେ ବୋଲି ରୁଷିଆର ଚିନ୍ତା ବଢିଛି। ପ୍ରଥମେ ୨୦୨୨ ଅଗଷ୍ଟରେ ପୁତିନଙ୍କ ନିର୍ଦ୍ଦେଶକ୍ରମେ ସେନାରେ ଅତିରିକ୍ତ ୧ ଲକ୍ଷ ୩୭ ହଜାର ସୈନ୍ୟଙ୍କୁ ଭର୍ତ୍ତି କରାଯାଇଥିଲା। ପରେ ପରେ ୨୦୨୩ ଡିସେମ୍ବରରେ ମଧ ଆଉ ୧ ଲକ୍ଷ ୭୦ ହଜାର ସୈନିକ ଭର୍ତ୍ତି ହୋଇଥିଲେ। ଏହାପରେ ଏବେ ପୁଣି ୧ ଲକ୍ଷ ୮୦ ହଜାର ଲୋକଙ୍କୁ ପ୍ରଶିକ୍ଷିତ କରିସ୍ନୋରେ ଭର୍ତ୍ତି କରିବାକୁ ପୁତିନ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ରୁଷିଆର ଜନସଂଖ୍ୟା ସବୁଠୁ ଚ୍ୟାଲେଞ୍ଜପୂର୍ଣ୍ଣ ରହିଥିଲା ବେଳେ ଶିଶୁ ଜନ୍ମ ଲାଗି ପୁତିନ ଦେଶବାସୀଙ୍କୁ ଯେଭଳି ପରାମର୍ଶ ଦେଇଛନ୍ତି ତାହା ହେବେ ଚର୍ଚ୍ଚାର ବିଷୟ ହୋଇଛି। ଲୋକମାନଙ୍କୁ କାର୍ଯ୍ୟସ୍ଥଳରେ ଯୌନ ସମ୍ଭୋଗ କରିବାକୁ ସେ କହିଛନ୍ତି। କାର୍ଯ୍ୟ କରିବା ସମୟରେ ଯେଉଁ କିଛି ସମୟ ପାଇଁ ଲୋକଙ୍କୁ ଖାଦ୍ୟ ଖାଇବା କିମ୍ବା କଫି ପିଇବା ପାଇଁ ସମୟ ମିଳୁଛି ସେ ସମୟରେ ମଧ ଲୋକ ଯୌନ ସମ୍ଭୋଗ କରନ୍ତୁ ବୋଲି ପୁତିନ କହିଛନ୍ତି। ବର୍ତ୍ତମାନ ରୁଷିଆରେ ପ୍ରତି ମହିଳାଙ୍କ ପିଛା ଶିଶୁ ପ୍ରସବ କରିବା ହାର ୧.୫ ରହିଥିଲା ବେଳେ ଏହାକୁ ୨.୧ ପ୍ରତିଶତରେ ପହଞ୍ଚାଇବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ସେହିକ୍ରମରେ ଲୋକମାନେ ଯେକୌଣସି ଅବସର ସମୟରେ ଯୌନ ସମ୍ଭୋଗ କରନ୍ତୁ ଏବଂ ଶିଶୁ ଜନ୍ମ କରିବାକୁ ଗୁରୁତ୍ୱ ଦିଅନ୍ତୁ ବୋଲି ଏଠାକାର ସ୍ୱାସ୍ଥ୍ୟ ମନ୍ତ୍ରୀ ୟେଭଜେନି ସେଷ୍ଟୋପାଲୋଭ କହିଛନ୍ତି। ଯୌନ ସମ୍ଭୋଗ ପାଇଁ କାର୍ଯ୍ୟସ୍ଥଳ ପ୍ରତିବନ୍ଧକ ହେବା ଉଚିତ ନୁହେଁ ଏବଂ କଫି ବ୍ରେକ୍ ସମୟକୁ ମଧ ଲୋକମାନେ ଏଥିପାଇଁ ଉପଯୋଗ କରିପାରିବେ ବୋଲି ୟେଭଜେନି କହିଛନ୍ତି। କେବଳ ଏତିକି ନୁହେଁ, ରୁଷିଆରେ ଜନ୍ମ ହାର ବଢାଇବା ଲାଗି ୧୮ ରୁ ୪୦ ବର୍ଷ ବୟସ୍କା ମହିଳାଙ୍କ ପାଇଁ ବହୁ ପ୍ରୋତ୍ସାହନମୂଳକ ବ୍ୟବସ୍ଥା ଘୋଷଣା କରାଯାଇଥିଲା ବେଳେ ମୁକ୍ତ ଫର୍ଟିଲିଟି ସ୍କ୍ରିନିଂ ବ୍ୟବସ୍ଥା ମଧ କରାଯାଇଛି। ଏହାବ୍ୟତୀତ ପ୍ରଥମ ସ୍ଥାନର ଅଧିକାରୀ ହୋଇଥିବା ମହିଳାଙ୍କୁ ୧.୦୨ ଲକ୍ଷ ରୁବଲ ବା ୯.୪୦ ଲକ୍ଷ ଟଙ୍କା ଦେବାକୁ ମଧ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। ଅନ୍ୟପକ୍ଷରେ ଏବେ ରୁଷିଆରେ ଭ୍ରୁଣ ନଷ୍ଟ ନ କରିବା ନିୟମକୁ ଆହୁରି କଡ଼ାକଡ଼ି କରାଯାଇଛି। ସେହିପରି ବିବାହ ବିଚ୍ଛେଦ ପାଇଁ ରହିଥିବା ନିୟମକୁ କଡ଼ାକଡ଼ି କରାଯିବା ସହିତ ଏଥିପାଇଁ ଉଦ୍ଦିଷ୍ଟ ଫିକୁ ମଧ ବୃଦ୍ଧି କରାଯାଇଛି।

## ପାକିସ୍ତାନ ଓ କଂଗ୍ରେସର ଏଜେଣ୍ଡା ସମାନ : ଅମିତ ଶାହା

**ନୂଆଦିଲ୍ଲୀ :** ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ ଜମ୍ମୁ ଓ କଶ୍ମୀରରୁ ଧାରା ୩୭୦ ପ୍ରସଙ୍ଗରେ ଦେଇଥିବା ବୟାନକୁ ନେଇ ରାଜନୀତି ଜୋର୍ ଧରିଛି। ଏକ ପାକିସ୍ତାନୀ ଟିଭି ଚ୍ୟାନେଲକୁ ସେ କହିଛନ୍ତି ଯେ ଏହି ପ୍ରସଙ୍ଗରେ ନ୍ୟାସନାଲ କନଫରେନ୍ସ-କଂଗ୍ରେସ ମେଣ୍ଟ ସହ ପାକିସ୍ତାନ ସରକାର ଏକମତ ଅଛନ୍ତି। ଏବେ ଏହି ବୟାନକୁ ନେଇ କଂଗ୍ରେସକୁ ଟାର୍ଗେଟ କରିଛନ୍ତି ଗୃହମନ୍ତ୍ରୀ ଅମିତ ଶାହା। ଗୃହମନ୍ତ୍ରୀ ଅମିତ ଶାହା କହିଛନ୍ତି, ଧାରା ୩୭୦ ଓ ୩୫ଏ କୁ ନେଇ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ କଂଗ୍ରେସ ଓ ଜେକେଏନସିକୁ ସମର୍ଥନ କରିଥିବା କଥା ପୁଣି ଥରେ କଂଗ୍ରେସକୁ ପଦାରେ ପକାଇଛି। କଂଗ୍ରେସ ଓ ପାକିସ୍ତାନର ଏଜେଣ୍ଡା ମଧ ସମାନ ବୋଲି ଏହି ବୟାନ ପୁଣି ଥରେ ସ୍ପଷ୍ଟ କରିଛି। ଗତ କିଛି ବର୍ଷ ଧରି ରାହୁଲ ଗାନ୍ଧି ପ୍ରତ୍ୟେକ ଭାରତୀୟ ବିରୋଧୀ ଶକ୍ତିଙ୍କ ସହ ଠିଆ ହୋଇ ଦେଶବାସୀଙ୍କ ଭାବନାକୁ ଆଘାତ ଦେଇଛନ୍ତି।

# ପିଏମ୍-ଆଶା ଯୋଜନା ଜାରି ରଖିବାକୁ କ୍ୟାବିନେଟ୍ ଅନୁମୋଦନ

**ନୂଆଦିଲ୍ଲୀ,(ପିଆଇବି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ କୃଷକମାନଙ୍କୁ ଲାଭଜନକ ମୂଲ୍ୟ ପ୍ରଦାନ ଏବଂ ଉପଭୋକ୍ତାଙ୍କ ପାଇଁ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ଅସ୍ଥିରତା ନିୟନ୍ତ୍ରଣ କରିବା ପାଇଁ ପ୍ରଧାନମନ୍ତ୍ରୀ ଅନ୍ନଦାତା ଆୟ ସଂରକ୍ଷଣ ଅଭିଯାନ (ପିଏମ-ଆଶା)ର ଯୋଜନାକୁ ଜାରି ରଖିବା ପ୍ରସ୍ତାବକୁ ମଞ୍ଜୁରି ମିଳିଛି। ୨୦୨୫-୨୬ ପର୍ଯ୍ୟନ୍ତ ପଞ୍ଚଦଶ ଅର୍ଥ ଆୟୋଗର ଅବଧିରେ ମୋଟ ୩୫,୦୦୦ କୋଟି ଟଙ୍କା ଖର୍ଚ୍ଚ ହେବ। କୃଷକ ଏବଂ ଉପଭୋକ୍ତାଙ୍କୁ ଅଧିକ ଦକ୍ଷତାର ସହ ସେବା ପ୍ରଦାନ କରିବା ପାଇଁ ସରକାର ପ୍ରଧାନମନ୍ତ୍ରୀ ଆଶା ରେ ମୂଲ୍ୟ ସହାୟକ ଯୋଜନା (ପିଏସଏସ) ଏବଂ ମୂଲ୍ୟ ସ୍ଥିରତା ପାଣ୍ଠି (ପିଏସଏଫ) ଯୋଜନାକୁ ଏକତ୍ର ସାମିଲ କରିଛନ୍ତି। ପିଏମ-ଆଶାର ସମନ୍ୱିତ ଯୋଜନା କାର୍ଯ୍ୟକାରିତାକୁ ଅଧିକ ପ୍ରଭାବୀ କରିବ ଯାହା କେବଳ କୃଷକମାନଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଲାଭଦାୟକ ମୂଲ୍ୟ ପ୍ରଦାନ କରିବାରେ ସାହାଯ୍ୟ କରିବ ନାହିଁ ବରଂ ଉପଭୋକ୍ତାଙ୍କୁ ସୁଲଭ ମୂଲ୍ୟରେ ଉପଲବ୍ଧତା ସୁନିଶ୍ଚିତ କରି ଅତ୍ୟାବଶ୍ୟକ ଦ୍ରବ୍ୟର ମୂଲ୍ୟ ଅସ୍ଥିରତାକୁ ମଧ ନିୟନ୍ତ୍ରଣ କରିବ । ପିଏମ-ଆଶାରେ ଏବେ ମୂଲ୍ୟ ସହାୟତା ଯୋଜନା (ପିଏସ୍ଏସ୍), ମୂଲ୍ୟ ସ୍ଥିରତା ପାଣ୍ଠି (ପିଏସ୍ଏଫ୍), ମୂଲ୍ୟ ନିଅଣ୍ଟ ଦେୟ ଯୋଜନା (ପିଓପିଏସ୍) ଏବଂ ବଜାର ହସ୍ତକ୍ଷେପ ଯୋଜନା (ଏମ୍ଆଇଏସ୍)ର ଉପାଦାନ ରହିବ। ମୂଲ୍ୟ ସହାୟକ ଯୋଜନା ଅଧୀନରେ ଏମଏସପି ଦରରେ ବିଜ୍ଞାପିତ ଡାଲି, ତୈଳବୀଜ ଏବଂ ନଡ଼ିଆ କ୍ରୟ ୨୦୨୪-୨୫ ଋତୁ ଠାରୁ ଏହି ବିଜ୍ଞାପିତ ଫସଲର ଜାତୀୟ ଉତ୍ପାଦନ ପରିମାଣର ୨୫% ଆଧାରରେ ହେବ ଯାହା ରାଜ୍ୟଗୁଡ଼ିକୁ ଲାଭଦାୟକ ମୂଲ୍ୟ ସୁନିଶ୍ଚିତ କରିବ। ଏହାସହିତ ଅଭାବୀ ବିକ୍ରିକୁ ରୋକିବା ପାଇଁ କୃଷକମାନଙ୍କଠାରୁ ଏମଏସପିରେ ଏହି ଫସଲଗୁଡ଼ିକୁ ଅଧିକ କିଣିବାରେ ସକ୍ଷମ କରିବ। ତେବେ ୨୦୨୪-୨୫ ଋତୁ ପାଇଁ ବିରି, ହରଡ଼ ଓ ମସୁର କ୍ଷେତ୍ରରେ ଏହି ସୀମା ଲାଗୁ ହେବ ନାହିଁ କାରଣ ପୂର୍ବ ନିଷ୍ପତ୍ତି ଅନୁଯାୟୀ ୨୦୨୪-୨୫ ଋତୁରେ ବିରି, ହରଡ଼ ଓ ମସୁ ଶତ ପ୍ରତିଶତ କ୍ରୟ ହେବ। କୃଷକମାନଙ୍କଠାରୁ ଏମଏସପିରେ ବିଜ୍ଞାପିତ ଡାଲି, ତୈଳବୀଜ ଏବଂ ନଡ଼ିଆ କ୍ରୟ ପାଇଁ ସରକାର ବର୍ତ୍ତମାନର ସରକାରୀ ଗ୍ୟାରେଣ୍ଟିକୁ ନବୀକରଣ କରି ୪୫,୦୦୦ କୋଟି ଟଙ୍କାକୁ ବୃଦ୍ଧି କରିଛନ୍ତି। ଏହା ଦ୍ୱାରା ଭାରତୀୟ ଜାତୀୟ



କୃଷି ସମବାୟ ବିପଣନ ମହାସଂଘ (ନାଫେଡ୍)ର ଇ-ସମୃଦ୍ଧି ପୋର୍ଟାଲ ଏବଂ ଭାରତୀୟ ଜାତୀୟ ସମବାୟ ଉପଭୋକ୍ତା ମହାସଂଘ (ଏନ୍ ସିସିଏଫ୍)ର ଇ-ସମ୍ୟୁକ୍ତି ପୋର୍ଟାଲରେ ପୂର୍ବ ପଞ୍ଜୀକୃତ ଚାଷୀଙ୍କ ସମେତ ଅନ୍ୟ ଚାଷୀଙ୍କ ଠାରୁ କୃଷି ଓ କୃଷକ କଲ୍ୟାଣ ବିଭାଗ (ଡିଏଆଣ୍ଡଏଫ୍ଡବ୍ଲ୍ୟୁ) ପକ୍ଷରୁ ଅଧିକ ଡାଲି, ତୈଳବୀଜ ଓ କୋପ୍ରା କ୍ରୟ କରାଯାଇପାରିବ। ଏହା ଦ୍ୱାରା କୃଷକମାନେ ଦେଶରେ ଅଧିକରୁ ଅଧିକ ଫସଲ ଚାଷ କରିବା ସହ ଏହି ଫସଲଗୁଡ଼ିକରେ ଆତ୍ମନିର୍ଭରଶୀଳତା ହାସଲ କରିବାରେ ସହାୟକ ହେବେ ଏବଂ ଘରୋଇ ଆବଶ୍ୟକତା ପୂରଣ ପାଇଁ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ ପାଇବ। ମୂଲ୍ୟ ସ୍ଥିରତା ପାଣ୍ଠି (ପିଏସଏଫ) ଯୋଜନାର ସମ୍ପ୍ରସାରଣ ଗ୍ରାହକମାନଙ୍କୁ ଡାଲି ଏବଂ ପିଆଜର ରଣନୀତିକ ବଫର ଷ୍ଟକ୍ ବଜାୟ ରଖି କୃଷି-ଉଦ୍ୟାନ କୃଷି ଜାତ ଦ୍ରବ୍ୟର ମୂଲ୍ୟରେ ଅତ୍ୟଧିକ ଅସ୍ଥିରତାରୁ ରକ୍ଷା କରିବାରେ ସହାୟକ ହେବ। ଏହାଦ୍ୱାରା ମହଜୁଦକାରୀ, ଅସାଧୁ କାଳ୍ପନିକ ଦରବୃଦ୍ଧି, ନିରୁତ୍ସାହିତ କରିବା ପାଇଁ ଏବଂ ଉପଭୋକ୍ତାଙ୍କୁ ସୁଲଭ ମୂଲ୍ୟରେ ଯୋଗାଣ ପାଇଁ ମଧ ସହାୟତା ମିଳିପାରିବ। ବଜାରରେ ଏମଏସପି ଠାରୁ ଅଧିକ ଦର ଲାଗୁ ହେଲେ ନାଫେଡର ଇ-ସମୃଦ୍ଧି ପୋର୍ଟାଲ ଏବଂ ଏନସିସିଏଫର ଇ-ସଂଯୁକ୍ତି ପୋର୍ଟାଲରେ ପୂର୍ବ ପଞ୍ଜୀକୃତ ଚାଷୀଙ୍କୁ ମିଶାଇ ଅନ୍ୟ ଚାଷୀଙ୍କ ଠାରୁ ଖାଉଟି ବ୍ୟାପାର ବିଭାଗ (ଡିଓସିଏ) ବଜାର ମୂଲ୍ୟରେ ଡାଲି କ୍ରୟ କରିବ। ପିଏସଏଫ ଯୋଜନା ଅଧୀନରେ ବଫର ରକ୍ଷଣାବେକ୍ଷଣ ବ୍ୟତୀତ ଅନ୍ୟ ଫସଲ ଯଥା ଟମାଟୋ ଏବଂ ଭାରତ ଡାଲି, ଭାରତ ଅଟା ଏବଂ ଭାରତ ଚାଉଳର ରିହାତି ଖୁଚୁରା ବିକ୍ରୟରେ ହସ୍ତକ୍ଷେପ କରାଯାଇଛି। ବିଜ୍ଞାପିତ ତୈଳବୀଜ ପାଇଁ ଏକ ବିକଳ୍ପ ଭାବରେ ମୂଲ୍ୟ ନିଅଣ୍ଟ ପୈଠ ଯୋଜନା (ପିଡିପିଏସ୍) କାର୍ଯ୍ୟକାରୀ କରିବାକୁ ରାଜ୍ୟମାନଙ୍କୁ ଆଗେଇ ଆସିବାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ, ତୈଳବୀଜର ରାଜ୍ୟ ଉତ୍ପାଦନର ୨୫% ରୁ ୪୦% କୁ ବୃଦ୍ଧି କରାଯାଇଛି ଏବଂ କୃଷକମାନଙ୍କ ସୁବିଧା ପାଇଁ କାର୍ଯ୍ୟକାରୀ ଅବଧିକୁ ୩ ମାସରୁ ୪ ମାସକୁ ବୃଦ୍ଧି କରାଯାଇଛି। କେନ୍ଦ୍ର ସରକାର ବହନ କରୁଥିବା ଏମଏସପି ଏବଂ ବିକ୍ରୟ/ମୋଡାଲ ମୂଲ୍ୟ ମଧ୍ୟରେ ପାର୍ଥକ୍ୟର କ୍ଷତିପୂରଣ ଏମଏସପିର ୧୫% ମଧ୍ୟରେ ସୀମିତ। ବଜାର ହସ୍ତକ୍ଷେପ ଯୋଜନା (ଏମଆଇଏସ)ର କାର୍ଯ୍ୟକାରିତା ସମ୍ପ୍ରସାରଣ ଦ୍ୱାରା ନଷ୍ଟ ହେଉଥିବା ଉଦ୍ୟାନ କୃଷି ଫସଲ ଚାଷୀମାନଙ୍କୁ ଲାଭଜନକ ମୂଲ୍ୟ ମିଳିବ। କେନ୍ଦ୍ର ସରକାର ଉତ୍ପାଦନର ୨୦%ରୁ ୨୫%କୁ ବୃଦ୍ଧି କରିଛନ୍ତି ଏବଂ ଏମଆଇଏସ ଅଧୀନରେ ଭୌତିକ କ୍ରୟ ପରିବର୍ତ୍ତେ ସିଧାସଳଖ କୃଷକଙ୍କ ଆକାଉଣ୍ଟକୁ ଭିନ୍ନ ଦେୟ ଦେବାର ଏକ ନୂତନ ବିକଳ୍ପ ଯୋଡିଛନ୍ତି। ଏହାବ୍ୟତୀତ ଟପ୍ (ଟମାଟୋ, ପିଆଜ ଓ ଆଳୁ) ଫସଲ କ୍ଷେତ୍ରରେ ଉତ୍ପାଦନକାରୀ ରାଜ୍ୟ ଏବଂ ଉପଭୋକ୍ତା ରାଜ୍ୟମାନଙ୍କ ମଧ୍ୟରେ ଟପ୍ ଫସଲର ମୂଲ୍ୟ ବ୍ୟବଧାନକୁ ପୂରଣ କରିବା ପାଇଁ ସରକାର ନାଫେଡ୍ ଓ ଏନସିସିଏଫ ଭଳି କେନ୍ଦ୍ରୀୟ ନୋଡାଲ ଏଜେନ୍ସି ଦ୍ୱାରା କରାଯାଇଥିବା କାର୍ଯ୍ୟ ନିମନ୍ତେ ପରିବହନ ଏବଂ ସଂରକ୍ଷଣ ଖର୍ଚ୍ଚ ବହନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହା କେବଳ କୃଷକମାନଙ୍କୁ ଲାଭଦାୟକ ମୂଲ୍ୟ ସୁନିଶ୍ଚିତ କରିବ ନାହିଁ ବରଂ ବଜାରରେ ଉପଭୋକ୍ତାଙ୍କ ପାଇଁ ଟପ୍ ଫସଲର ମୂଲ୍ୟ ମଧ ହ୍ରାସ କରିବ।

**ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା**

# ଓଡ଼ିଶାରେ ବାଦ୍ ପଡ଼ିଛି ୮୩୦୦ ଗାଁ

**ଭୁବନେଶ୍ୱର :** ରାଜ୍ୟରେ ଗ୍ରାମାଞ୍ଚଳରେ ସବୁଦିନିଆ ଯୋଗାଯୋଗ ସୁବିଧା ଯୋଗାଇ ଦେବାକୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଏକାଧିକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏପରିକି ଗୋଟିଏ ରାସ୍ତାକୁ ବାରମ୍ବାର ନିର୍ମାଣ ଏବଂ ମରାମତି ମଧ୍ୟ କରାଯିବାର ନଜିର୍ ରହିଛି। ମାତ୍ର ରାଜ୍ୟରେ ଏବେ ବି ୮୩୦୦ ଜନବସତି ରହିଛି, ଯେଉଁଠିକୁ ଯିବା ନିମନ୍ତେ ସବୁଦିନିଆ ରାସ୍ତା ନାହିଁ। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଏହି ଜନବସତି ଗୁଡ଼ିକୁ ଏଯାଏଁ ସାମିଲ କରାଯାଇ ନାହିଁ। ନିକଟରେ ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଦେଇଥିବା ଏହି ତଥ୍ୟ କେନ୍ଦ୍ର ସରକାରଙ୍କ ଜନସଂଖ୍ୟା ନିୟମ ଦିଗକୁ ସିଧା ଅଙ୍ଗୁଳି ନିର୍ଦ୍ଦେଶ କରିଛି। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ନିମନ୍ତେ କେନ୍ଦ୍ର ସରକାର ଶତ ପ୍ରତିଶତ କେନ୍ଦ୍ରୀୟ ପାଣ୍ଠି ଯୋଗାଇ ଦେଇଥାଆନ୍ତି। ମାତ୍ର ଏହି ଯୋଜନାରେ ସଡ଼କ ନିର୍ମାଣ ନିମନ୍ତେ କେନ୍ଦ୍ର ସରକାର ଜନସଂଖ୍ୟାକୁ ଆଧାର ରୂପେ ଗ୍ରହଣ କରିଛନ୍ତି। ଯାହା ଫଳରେ ଓଡ଼ିଶାର ୮୩୦୦ ଜନବସତି ଯୋଜନାରୁ ବଞ୍ଚିତ ହୋଇଛନ୍ତି। ବିଡ଼ମ୍ବନା ହେଉଛି ୨୦୨୪ରେ ମଧ୍ୟ ୧୩ ବର୍ଷ ତଳର ୨୦୧୧ ଜନଗଣନାକୁ ଆଧାର ରୂପେ ଗ୍ରହଣ କରାଯାଉଛି। ଗତ ୧୩ ବର୍ଷ ମଧ୍ୟରେ ସଡ଼କ ଅସ୍ପୃଶ୍ୟ ଜନବସତିର ଜନସଂଖ୍ୟା ଦୁଇଗୁଣରୁ ୩ ଗୁଣ ବୃଦ୍ଧି ପାଇଥିଲେ ହେଁ ଏହାକୁ ବିଚାରକୁ ନିଆଯାଉ ନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବାଦ୍ ପଡ଼ିଥିବା ପ୍ରାୟ ସମସ୍ତ ଜନବସତିଗୁଡ଼ିକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ୨୦୧୭- ୧୮ ମସିହାରେ ପ୍ରସ୍ତୁତ ହୋଇଥିବା ଜିଲ୍ଲା ଗ୍ରାମୀଣ ସଡ଼କ ଯୋଜନା ଅନୁସାରେ ରାଜ୍ୟରେ ଏହି ଯୋଜନାରେ



ଉପରୋକ୍ତ ଜନବସତିଗୁଡ଼ିକ ଯୋଗ୍ୟ ବିବେଚିତ ହେଉନାହିଁ। ମାନଦଣ୍ଡ ଭାବେ ବିଭାଗ ପକ୍ଷରୁ ୨୦୧୧ ମସିହାର ଜନଗଣନାକୁ ଆଧାର ରୂପେ ଗ୍ରହଣ କରିଥିବାରୁ ସମସ୍ୟା ବଢ଼ିବାରେ ଲାଗିଛି। ଏହି ଜନବସତିଗୁଡ଼ିକରେ ଲୋକ ସଂଖ୍ୟା ବୃଦ୍ଧି ପାଇଥିବା ବେଳେ ରାସ୍ତା ନିର୍ମାଣ ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି। ଦୈନିକ ସ୍କୁଲ ପିଲାମାନଙ୍କଠାରୁ ଆରମ୍ଭ କରି ମହିଳା, ବୃଦ୍ଧ, ବୃଦ୍ଧା ଉକ୍ତ ରାସ୍ତା ଦେଇ ଯାତାୟାତ କରୁଛନ୍ତି। ତେଣୁ ସରକାର ତୁରନ୍ତ ଏହାକୁ ଗୁରୁତର ସହ ଗ୍ରହଣ କରି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଏହାକୁ ସାମିଲ କରିବାକୁ ଦାବି ହେଉଛି। ଅପରପକ୍ଷେ ବିଭାଗୀୟ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି ଯେ ବର୍ତ୍ତମାନ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା-୪ କେନ୍ଦ୍ର ସରକାରଙ୍କର ସକ୍ରୀୟ ବିଚାରାଧୀନ ରହିଛି। ଏହି ଯୋଜନା କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ର ସରକାରଙ୍କ ସ୍ତରରେ ବିଭିନ୍ନ ରାଜ୍ୟ ପଦାଧିକାରୀ ମାନଙ୍କ ସହ ନିକଟରେ ବିଚାର ବିମର୍ଷ ସରିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ମଧ୍ୟ ଆବଶ୍ୟକ ତଥ୍ୟ ଓ ମତାମତ ଉପସ୍ଥାପନ କରାଯାଇଛି। କେନ୍ଦ୍ର ସରକାରଙ୍କ ଅନୁମୋଦନ ପରେ ନିୟମ ଅନୁଯାୟୀ ଯୋଗ୍ୟ ବିବେଚିତ ହେଉଥିବା ଜନବସତି ଗୁଡ଼ିକୁ ପର୍ଯ୍ୟାୟକ୍ରମେ ସଂଯୋଗ କରିବାକୁ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

## ସରକାରଙ୍କ କଠୋର ନିୟମକୁ ଫୁଁ ; ତାଳଗଛ କାଟିଲେ ଠିକାଦାର

**ପାରାଦ୍ୱୀପ :** ବଜ୍ରପାତରୁ ସୁରକ୍ଷା ପାଇଁ ପ୍ରଚୁର ପରିମାଣରେ ତାଳଗଛ ଲଗାଇବାକୁ ସରକାରଙ୍କ ତରଫରୁ ସଚେତନତା କରାଯାଉଥିବା ସହ ତାଳଗଛ କାଟିଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନିୟମ କରାଯାଇଛି। କିନ୍ତୁ ନିୟମକୁ ବେଖାତିର କରି ଲଗା ଯାଇଥିବା ତାଳ ଗଛକୁ ଓପାଡ଼ି ଫୋପାଡି ଦେଇଛନ୍ତି ଠିକାଦାର। ଏଭଳି ଘଟଣା ଘଟିଛି ପାରାଦ୍ୱୀପ ମେରାଇନ ଡ୍ରାଇଭ ରାସ୍ତା ପାର୍ଶ୍ୱରେ। ଅଦ୍ୟାବିଧି ୨୦୧୮ ମସିହା ଠାରୁ ବଜ୍ରପାତରୁ ସୁରକ୍ଷା ପାଇଁ ୫୦୦୦ରୁ ଊର୍ଦ୍ଧ୍ୱ ତାଳଗଛ ଲଗାଇବା ଏବଂ ତାହାର ଯତ୍ନ ନେବା ସହ ସଚେତନତା ମାଧ୍ୟମରେ ସଚେତନ କରି ଆସୁଛି ପାରାଦ୍ୱୀପର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଦର୍ଶ ପ୍ରୟାସ। ପାରାଦ୍ୱୀପ ମେରାଇନ ଡ୍ରାଇଭ୍ ରୋଡ ଷଣ୍ଢକୁଦ ଠାରୁ ହନୁମାନ ମନ୍ଦିର ୨୦୧୮ ମସିହାରେ ଲଗାଯାଇଥିବା ତାଳ ମଞ୍ଜି ପାଖାପାଖି ୩ ରୁ ୪ ଫୁଟ ଉଚ୍ଚତାର ଗଛ ହୋଇ ଯାଇଥିବା ବେଳେ କୌଣସି କାର୍ଯ୍ୟ ପାଇଁ ଠିକାଦାର ପଚାଶରୁ ଊର୍ଦ୍ଧ୍ୱ ଗଛକୁ ଓପାଡି ଫୋପାଡି



ଦେଇଛନ୍ତି। ସେହି ପାର୍ଶ୍ୱରେ ଆଉ ଅନେକ ଗଛ ଲଗାଇଥିବାରୁ ସେଗୁଡିକୁ କିଭଳି ସୁରକ୍ଷା ଦେବା ସହ ଗଛକୁ କାଟୁଥିବା ଠିକାଦାର ବିରୁଦ୍ଧରେ ତଦନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଲିଖିତ ଆକାରରେ କୁଜଙ୍ଗ ରେଞ୍ଜ ଅଧିକାରୀଙ୍କୁ ଜଣାଇଛନ୍ତି।

## ଡିଜିପିଙ୍କ କାର୍ଯ୍ୟକାଳ ୨ବର୍ଷ ବୃଦ୍ଧି



**ଭୁବନେଶ୍ୱର :** ବଢିଲା ପୁଲିସ ଡିଜି ୱାଇବି ଖୁରାନିଆଙ୍କ କାର୍ଯ୍ୟକାଳ। ୧୬ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ କାର୍ଯ୍ୟକାଳ ବଢାଇଛନ୍ତି ରାଜ୍ୟ ସରକାର। ସର୍ବନିମ୍ନ ୨ ବର୍ଷ କାର୍ଯ୍ୟ କରିବା ନେଇ କାର୍ଯ୍ୟକାଳ ବଢାଯାଇଛି। ସୂଚନାଯୋଗ୍ୟ ଗତ ମାସରେ ପୁଲିସ ମହାନିର୍ଦ୍ଦେଶକ ଭାବେ ୧୯୯୦ ବ୍ୟାଚର ଭାରତୀୟ ପୁଲିସ ସେବା ଅଧିକାରୀ ଯୋଗେଶ ବାହାଦୂର ଖୁରାନିଆ ଦାୟିତ୍ୱ ଗ୍ରହଣ କରିଛନ୍ତି। ରାଜ୍ୟ ପୁଲିସ ମୁଖ୍ୟାଳୟରେ ସେ କାର୍ଯ୍ୟକାରୀ ପୁଲିସ ମହାନିର୍ଦ୍ଦେଶକ ଅରୁଣ ଷଡଙ୍ଗୀଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ଉଲ୍ଲେଖଯୋଗ୍ୟ, ହରିଆଣା କୈଥଲ ଜିଲା ବାସିନ୍ଦା ଯୋଗେଶ ବାହାଦୁର ଖୁରାନିଆ ୧୯୯୦ ମସିହାରେ ଆଇପିଏସ ପାଇଥିଲେ। ଓଡିଶା କ୍ୟାଡର ଚୟନ କରିଥିବା ଖୁରାନିଆ ନୟାଗଡ଼, ଯାଜପୁର, ରାଉରକେଲା , ମୟୂରଭଞ୍ଜ, ଗଞ୍ଜାମ ଭଳି ବିଭିନ୍ନ ଜିଲ୍ଲାରେ ଏସପି ଭାବେ କାର୍ଯ୍ୟ କରିଥିଲେ। ଏହା ପରେ ଡିଆଇଜି ପଦକୁ ପଦୋନ୍ନତି ପାଇ ସେ ଡିଆଇଜି ବ୍ରହ୍ମପୁର, ଭୁବନେଶ୍ୱର ଓ ଅତିରିକ୍ତ ପୋଲିସ କମିଶନର ଏବଂ ଡିଆଇଜି ସମ୍ବଲପୁର ଭାବେ କାର୍ଯ୍ୟ କରିଥିଲେ। ଏହା ସହ ସେ ବିଜୁ ପଟ୍ଟନାୟକ ପୁଲିସ ଏକାଡେମୀର ନିର୍ଦ୍ଦେଶକ ଓ କ୍ରାଇମବ୍ରାଞ୍ଚ ଆଇଜି ଭାବେ କାର୍ଯ୍ୟ କରିଥିଲେ। ପରବର୍ତ୍ତି ସମୟରେ ଅତିରିକ୍ତ ଡିଜି ପଦକୁ ପଦୋନ୍ନତି ପାଇ ଭିଜିଲାନ୍ସ ନିର୍ଦ୍ଦେଶକ ଓ ପୁଲିସ କମିଶନର ଭାବେ କାର୍ଯ୍ୟ କରିଥିଲେ। ଓଡ଼ିଶା ପୁଲିସ ଜଣେ ଦକ୍ଷ ଅଫିସର ଭାବେ ପରିଗଣିତ ହେଉଥିବା ୱାଇ ବି ଖୁରାନିଆ ନିଜ କାର୍ଯ୍ୟକାଳ ମଧ୍ୟରେ ଅନେକ ସଫଳତା ହାସଲ କରିଛନ୍ତି। ବିଶେଷ କରି ମୟୁରଭଞ୍ଜ ଏସପି ଭାବେ କାର୍ଯ୍ୟକରୁଥିବା ସମୟରେ ସେ ବହୁଚର୍ଚ୍ଚିତ ଅଷ୍ଟ୍ରେଲିୟ ଧର୍ମପ୍ରଚାରକ ଗ୍ରାହାମ ଷ୍ଟେନ୍ସ ଓ ତାଙ୍କ ଦୁଇ ଶିଶୁପୁତ୍ର ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଦାରା ସିଂଙ୍କୁ ଧରିବାରେ ପ୍ରମୁଖ ଭୂମିକା ନେଇଥିଲେ। ସେହିଭଳି ଭାବେ ପୁଲିସ କମିଶନର ଭାବେ କାର୍ଯ୍ୟ କରିବା ସମୟରେ ସେ ଟୁଇନ ସିଟିକୁ ଅପରାଧ ମୁକ୍ତ କରିବା ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଥିଲେ ଏବଂ ଏହି କ୍ରମରେ ଡି ବ୍ରଦର୍ସ, ଟିଟୋ, ହାଇଦର ଭଳି କୁଖ୍ୟାତ ଅପରାଧୀଙ୍କ ଗ୍ୟାଙ୍ଗକୁ ସମୁଳେ ବିନାଶ ମଧ୍ୟ କରିଥିଲେ।

## ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ମିଳିବ ପରିଚୟପତ୍ର, ଲାଗୁ ହେବ ସ୍ୱତନ୍ତ୍ର ଡ୍ରେସ୍ କୋଡ୍

**ଭୁବନେଶ୍ୱର :** ରାଜ୍ୟରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଲୋକଙ୍କ ସୁରକ୍ଷା ନେଇ ଜାରି ହେଲା ଗାଇଡଲାଇନ୍। ଡାକ୍ତର, ଛାତ୍ରଛାତ୍ରୀ ଓ ସ୍ୱାସ୍ଥ୍ୟ ସେବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କ ପାଇଁ ଗାଇଡଲାଇନ ଜାରି ହୋଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶାବଳୀରେ ସ୍ପଷ୍ଟ କରାଯାଇଛି ଯେ, ଏଣିକି ସବୁ ମେଡିକାଲ ଶିକ୍ଷାନୁଷ୍ଠାନ ଚାରିପାଖରେ ପାଚେରି ରହିବ। ସବୁ କର୍ମଚାରୀଙ୍କ ପାଇଁ ପରିଚୟପତ୍ର ଓ ସ୍ୱତନ୍ତ୍ର ଡ୍ରେସ୍ କୋଡ୍ ରହିବ। ପୁରୁଷ ଓ ମହିଳା ଡାକ୍ତରଙ୍କ ପାଇଁ ଡ୍ୟୁଟି ଓ ରେଷ୍ଟ ରୁମ୍ ରହିବ। ସବୁ ସରକାରୀ ମେଡିକାଲ କଲେଜରେ ଫାଣ୍ଡି ବାଧ୍ୟତାମୂଳକ। ଇନଡୋର ରୋଗୀଙ୍କ ପାଇଁ ଭିଜିଟର ପାସ୍ ବ୍ୟବସ୍ଥା କରିବାକୁ ବି ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଓପିଡିରେ ୨୪ ଘଣ୍ଟିଆ ସୁରକ୍ଷାକର୍ମୀ ମୁତୟନ ରହିବେ। ଯେତେ ସମ୍ଭବ ଉଭୟ ପୁରୁଷ ଓ ମହିଳା ସୁରକ୍ଷାକର୍ମୀ ଦାୟିତ୍ୱରେ ରହିବେ। ସୁରକ୍ଷାକର୍ମୀ କ୍ୟାମ୍ପସ ଭିତରେ ପାଟ୍ରୋଲିଂ କରି ଅନଧୀକୃତ ଯାତ୍ରୀଙ୍କୁ ତଡ଼ିବେ। ଗୁରୁତ୍ୱପୂର୍ଣ୍ଣ ସ୍ଥାନ, ହଷ୍ଟେଲ ଓ ଗେଟ୍ ବାହାରେ ଲାଗିବ ସିସିଟିଭି କ୍ୟାମେରା। ଆପଦକାଳୀନ ସୂଚନା ଦେବାକୁ ପାନିକ ବଟନ୍, ଜରୁରୀ ଫୋନ୍ ଏବଂ ଆପ୍ ରହିବ। କୌଣସି ଅଘଟଣ ସୂଚନା ହେଲେ କର୍ତ୍ତୃପକ୍ଷ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବେ। କୋଲକାତା ଆରଜି କର ମେଡିକାଲରେ ଜଣେ ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ସମଗ୍ର ଦେଶରେ ନିଆଁ ଜଳିଥିଲା। ଡାକ୍ତରମାନେ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନରେ ବସିଥିଲେ। ଫଳରେ ବହୁ ଦିନ ପର୍ଯ୍ୟନ୍ତ ସମଗ୍ର ଦେଶରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇ ପଡ଼ିଥିଲା। ଏହାପରେ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସୁରକ୍ଷା ନେଇ ଏହି ଗାଇଡଲାଇନ୍ ଜାରି ହୋଇଛି।

## ସ୍ୱାସ୍ଥ୍ୟ ବିଭାଗରୁ ଛଟେଇ ହେବେ ୩୫୦ କର୍ମଚାରୀ

**ଭୁବନେଶ୍ୱର :** ପୂର୍ବ ସରକାରଙ୍କ ସମୟରେ ନିଯୁକ୍ତି ପାଇଥିବା ଲୋକମାନଙ୍କୁ ଛଟେଇ କରିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଏବେ ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟ କରୁଥିବା ୩୫୦ କର୍ମଚାରୀଙ୍କୁ ଛଟେଇ କରିବାକୁ ସରକାର ଯୋଜନା କରିଛନ୍ତି। ରାଜ୍ୟର ବିଭିନ୍ନ ସହରାଞ୍ଚଳ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ବା ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରେ ୨୦୨୩ ମସିହାରେ ୧୨୭ ଜଣ ଲ୍ୟାବ୍ ଟେକ୍ନିସିଆନ୍‌ଙ୍କୁ ଚୁକ୍ତି ଭିତ୍ତିକ ନିଯୁକ୍ତି ଦିଆଯାଇଥିଲା। ଏମାନେ ଆରୋଗ୍ୟ କେନ୍ଦ୍ର ପରିସରରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି। ଆରୋଗ୍ୟ କେନ୍ଦ୍ର ପରିସରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ପାରୁଥିବାରୁ ବଡ଼ ଡ଼ାକ୍ତରଖାନାରେ ଭିଡ଼ କେବଳ କମୁନାହିଁ, ଲୋକମାନଙ୍କୁ ଧାଡ଼ିରେ ଦୀର୍ଘ ପ୍ରତୀକ୍ଷା କରିବାକୁ ପଡୁନାହିଁ। ଏହା ଦ୍ୱାରା ମୁଖ୍ୟ ଚିକିତ୍ସାଳୟ ଗୁଡ଼ିକରେ ମଧ୍ୟ ଚାପ କମ୍ ହେଉଛି। ମାତ୍ର ସରକାର ବଦଳିବା ପରେ ଏମାନଙ୍କୁ ଛଟେଇ କରିବାକୁ ଚିଠି କରାଯାଇଛି। ଆସନ୍ତା ୨୯ ତାରିଖ ସୁଦ୍ଧା ରାଜ୍ୟର ସମସ୍ତ ସହରାଞ୍ଚଳ ଆରୋଗ୍ୟ କେନ୍ଦ୍ରଗୁଡ଼ିକରୁ ଏମାନଙ୍କୁ ହଟାଇ ଦିଆଯିବ। ଏମାନଙ୍କ ସମତେ ଆରୋଗ୍ୟ କେନ୍ଦ୍ରରେ ଚାକିରି ପାଇଥିବା ଡିଓ କମ୍ ଆକାଉଣ୍ଟାଣ୍ଟଙ୍କୁ ମିଶାଇ ରାଜ୍ୟରେ ପ୍ରାୟ ୩୫୦ କର୍ମଚାରୀଙ୍କୁ ଛଟେଇ କରିବା ନିମନ୍ତେ ଏନ୍‌ଆରଏଚ୍‌ଏମ୍ ପ୍ରକଳ୍ପ ନିର୍ଦ୍ଦେଶକ ନିର୍ଦ୍ଦେଶ ଦେଇଛନ୍ତି ଓ ଅତିରିକ୍ତ ଜିଲ୍ଲା ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଙ୍କ କାର୍ଯ୍ୟାଳୟ ଏହାକୁ କାର୍ଯ୍ୟକାରୀ କରିବାକୁ କୁହାଯାଇଛି। ଅନ୍ୟପକ୍ଷରେ ଏହି କର୍ମଚାରୀମାନେ କରୁଥିବା ସ୍ୱାସ୍ଥ୍ୟ ପରୀକ୍ଷାକୁ ୩ ଭାଗ କରି ଘରୋଇ ସଂସ୍ଥାକୁ ପ୍ରଦାନ କରାଯିବାକୁ ବ୍ୟବସ୍ଥା ହୋଇଛି। ୨୪ଟି ସ୍ୱାସ୍ଥ୍ୟ ପରୀକ୍ଷାକୁ କ୍ରିଷ୍ଣା ଡାଇଗ୍ନୋଷ୍ଟିକ୍ ନାମକ ଘରୋଇ ପରୀକ୍ଷାଗାର ଦ୍ୱାରା କରାଯିବ। ସମ୍ପୃକ୍ତ ସଂସ୍ଥା ସ୍ୱାସ୍ଥ୍ୟ କେନ୍ଦ୍ରରେ ନମୁନା ସଂଗ୍ରହ କରି ନିଜ ଲ୍ୟାବକୁ ପରୀକ୍ଷା ପାଇଁ ନେବ। ଅନ୍ୟପକ୍ଷରେ ୨୮ଟି ପ୍ରକାର ନମୁନା ପରୀକ୍ଷା ସହରାଞ୍ଚଳ ଜନ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ୧୩ ପ୍ରକାର ପରୀକ୍ଷା ନର୍ସିଂ ଅଫିସରମାନଙ୍କ ଦ୍ୱାରା କରାଯିବ। ଯେଉଁମାନଙ୍କର ଏ ପ୍ରକାର ସ୍ୱାସ୍ଥ୍ୟ ପରୀକ୍ଷା ସମ୍ପର୍କରେ ସାମାନ୍ୟତମ ଜ୍ଞାନ ନାହିଁ, ସେମାନେ ଏହି ପରୀକ୍ଷା କରିବେ। ସରକାରଙ୍କ ଏପରି ବ୍ୟବସ୍ଥାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଗୋଟିଏ ସ୍ଥାନରେ ସବୁ ପ୍ରକାର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଥିଲା, ମାତ୍ର ଏବେ ତାହାକୁ ୩ଟି ସ୍ଥାନରେ କରାଯିବା ଏବଂ ଘରୋଇ ସଂସ୍ଥାକୁ ପ୍ରଦାନ କରାଯିବାକୁ ନେଇ ପ୍ରଶ୍ନ ଉଠିଛି। ସବୁଠାରୁ କୌତୂହଳର ବିଷୟ ହେଉଛି ଏ ସଂକ୍ରାନ୍ତରେ ଲ୍ୟାବ୍ ଟେକ୍ନିସିଆନମାନେ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିବାର କେଇଦିନ ପରେ ସେମାନଙ୍କୁ ବହିଷ୍କାର କରାଯିବ ବୋଲି ନିର୍ଦ୍ଦେଶ ଆସିଛି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି ଏବଂ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।

**କାର୍ଯ୍ୟକ୍ଷମ ହେଉନି ଆଦର୍ଶ ବିଦ୍ୟାଳୟ ହଷ୍ଟେଲ**

# ଘରୋଇ ହଷ୍ଟେଲରେ ଶୋଷିତ ଅଭିଭାବକ

**ଭୁବନେଶ୍ୱର :** ସ୍ୱୟଂସମ୍ପୂର୍ଣ୍ଣ ହୋଇପାରୁନି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବା ଓଏଭି। କେଉଁଠି ନିଜସ୍ୱ ଶ୍ରେଣୀଗୃହ ନାହିଁ ତ କେଉଁଠି ଛାତ୍ରଛାତ୍ରୀମାନେ ରହିବାକୁ ହଷ୍ଟେଲ ସୁବିଧା ନାହିଁ। ଅନେକ ବିଦ୍ୟାଳୟରେ ହଷ୍ଟେଲ ନିର୍ମାଣ କାର୍ଯ୍ୟ ସରିଥିବା ସତ୍ତ୍ୱେ କାର୍ଯ୍ୟକ୍ଷମ ହୋଇପାରିନି। ଫଳରେ ଛାତ୍ରଛାତ୍ରୀମାନେ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ରାଜ୍ୟର ସମସ୍ତ ୩୧୪ଟି ଓଏଭିରେ ଉଭୟ ଛାତ୍ରାବାସ ଓ ଛାତ୍ରୀନିବାସ କରିବାକୁ ସରକାର ଯୋଜନା ରଖିଛନ୍ତି; ହେଲେ ଏଯାଏଁ ସରୁନି ନିର୍ମାଣ କାର୍ଯ୍ୟ। ମୋଟ୍ ୨୨୨ଟି ଛାତ୍ରୀନିବାସ ଓ ୩୨ଟି ଛାତ୍ରାବାସ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ହେଲେ ମାତ୍ର ୧୪୦ଟି ଛାତ୍ରୀନିବାସ କାର୍ଯ୍ୟକ୍ଷମ ହୋଇପାରିଛି। ଅବଶିଷ୍ଟ



୮୨ଟି ଛାତ୍ରୀନିବାସ କାର୍ଯ୍ୟକ୍ଷମ ହୋଇନାହିଁ। ସେହିପରି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ୩୨ଟି ଛାତ୍ରାବାସ ମଧ୍ୟରୁ ଗୋଟିଏ ମଧ୍ୟ ଛାତ୍ରାବାସ କାର୍ଯ୍ୟକ୍ଷମ ହୋଇନାହିଁ। କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ସତ୍ତ୍ୱେ କାହିଁକି କାର୍ଯ୍ୟକ୍ଷମ ହେଉନାହିଁ, ସେନେଇ ଅଭିଭାବକମାନେ ପ୍ରଶ୍ନ ଉଠାଇଛନ୍ତି। ହଷ୍ଟେଲ ସୁବିଧା ନ ଥିବାରୁ ଛାତ୍ରଛାତ୍ରୀମାନେ ଘରୋଇ ହଷ୍ଟେଲରେ ରହିବାକୁ ବାଧ ହେଉଛନ୍ତି। ଫଳରେ ଆର୍ଥିକ ସ୍ୱଚ୍ଛଳ ନ ଥିବା ଅଭିଭାବକ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମନଇଚ୍ଛା ହଷ୍ଟେଲ ଭଡ଼ା ଦେଇ ଶୋଷଣର ଶିକାର ହେଉଛନ୍ତି। ଅନେକ ସ୍ଥାନରେ ବିଦ୍ୟାଳୟଠାରୁ ଘରୋଇ ହଷ୍ଟେଲ ମଧ୍ୟ ବହୁ ଦୂରରେ ରହିଛି। ହଷ୍ଟେଲ ମାଲିକ ନିଜସ୍ୱ ବସ୍ କରି ପିଲାଙ୍କୁ ନେବା ଆଣିବା କରୁଛନ୍ତି। ଏ ବାବଦକୁ ମଧ୍ୟ ଅଭିଭାବକମାନେ ଅତିରିକ୍ତ ଅର୍ଥ ଦେଉଛନ୍ତି। ହଷ୍ଟେଲ ମାଲିକଙ୍କ ବସ୍ ସେବା ମଧ୍ୟ ଏକ ବ୍ୟବସାୟରେ ପରିଣତ ହୋଇଛି। ଏହାଦ୍ୱାରା ଛାତ୍ରଛାତ୍ରୀଙ୍କୁ ଉନ୍ନତମାନର ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାକୁ ସରକାର ରଖିଥିବା ଲକ୍ଷ୍ୟ ସାକାର ହୋଇପାରୁନାହିଁ ବୋଲି କୁହାଯାଉଛି। ସେହିପରି ୧୭ଟି ଆଦର୍ଶ ବିଦ୍ୟାଳୟର ନିଜସ୍ୱ ଶ୍ରେଣୀଗୃହ ନାହିଁ। ଛାତ୍ରଛାତ୍ରୀମାନେ ଅନ୍ୟତ୍ର ପଢୁଛନ୍ତି। ଅସ୍ଥାୟୀ ବିଦ୍ୟାଳୟରେ ଆବଶ୍ୟକ ଭିତ୍ତିଭୂମି ଅଭାବରୁ ପାଠପଢ଼ା ବ୍ୟାଘାତ ହେଉଛି। ୨୦୧୫ ମସିହାରୁ ସରକାର ମଡେଲ ପ୍ରୋଜେକ୍ଟ ଭାବେ ଆଦର୍ଶ ବିଦ୍ୟାଳୟ ଆରମ୍ଭ କରିଥିବା ବେଳେ ଏଯାଏ ନିର୍ମାଣ କାର୍ଯ୍ୟ ସରିପାରୁନି। ଅଧପନ୍ତରିଆ ହୋଇଥିବା ନିଜସ୍ୱ ବିଦ୍ୟାଳୟରେ ମଧ୍ୟ ପାଠପଢ଼ା ହେଉଛି। ଅନେକ ସ୍ଥାନରେ ଭିତ୍ତିଭୂମି ଅଭାବରୁ ପିଲାମାନେ ତଳେ ବସି ପାଠ ପଢୁଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ଓଏଭି ନିଜସ୍ୱ ଶ୍ରେଣୀଗୃହରେ ଶିକ୍ଷାଦାନ କରୁଥିଲେ ମଧ୍ୟ ଏଠାରେ ଛାତ୍ରଛାତ୍ରୀମାନେ ତଳେ ବସୁଥିବା ଅଭିଯୋଗ ହୋଇଛି। ସେହିପରି ପିଇବା ପାଣି ପରି ମୌଳିକ ଆବଶ୍ୟକତା ମଧ୍ୟ ଏଠାରେ ନାହିଁ। ନିର୍ମାଣ ସରିଥିବା ସମସ୍ତ ହଷ୍ଟେଲ କେବେ କାର୍ଯ୍ୟକ୍ଷମ କରାଯିବ ଓ ସମସ୍ତ ମୌଳିକ ଆବଶ୍ୟକତା ପୂରଣ କରାଯିବ, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଖୋଲୁଛି କିରାଣୀଙ୍କ ଗୁମର

**ଭଦକ, (ବିକାଶ କୁମାର ଧଳ) :** ଭଦ୍ରକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ କିରାଣୀ ନିରଞ୍ଜନ ପଣ୍ଡା ଦୀର୍ଘ ୨୦ ବର୍ଷ ହେବ ବିନା ବଦଳିରେ ଏଠାରେ କାର୍ଯ୍ୟ କରୁଛନ୍ତି। ଦୀର୍ଘଦିନ ରହିବା ହେତୁ ସେ ଅନେକ



ଅନିୟମିତତା କରିବା ସହିତ ସମ୍ପୂର୍ଣ୍ଣ ଦୁର୍ନୀତିଗ୍ରସ୍ତ ହୋଇପଡିଥିବା ଅଭିଯୋଗ ହେଉଛି। ଅଭିଯୋଗ ଅନୁସାରେ ଉଚ୍ଚଶିକ୍ଷା ପାଇଁ ଯେଉଁ ଅଭିଭାବକ ଅନୁମତି ଆବଶ୍ୟକ କରୁଛନ୍ତି ତାଙ୍କଠାରୁ ଶ୍ରୀ ପଣ୍ଡା ମୋଟା ଅଙ୍କର ଲାଞ୍ଚ ନେଉଛନ୍ତି। ଡିଇଓଙ୍କ ଅଜାଣତରେ ଫାଇଲ ଭିତରେ ଫାଇଲ ରଖି ଅନେକ ବେନିୟମ କାର୍ଯ୍ୟ ହାସଲ କରିନେବା ସହିତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ନିକଟରୁ ମାସିକିଆ ବଟି ନେଉଥିବା ଅଭିଯୋଗ ହେଉଛି। ଶ୍ରୀ ପଣ୍ଡା ବିଭିନ୍ନ କେଳେଙ୍କାରୀରେ ଲିପ୍ତ ରହିବା ସହିତ ଲାଞ୍ଚ ଟଙ୍କାରେ ଦୁଇଟି କୋଠାଘର ନିର୍ମାଣ କରିଛନ୍ତି। ଏଥିମଧ୍ୟରୁ ନିଜ ଗାଁରେ ଏକ କୋଠାଘର ସହିତ ଭଦ୍ରକ ସହରରେ ମଧ୍ୟ କୋଠା ନିର୍ମାଣ କରିଛନ୍ତି। ଏବେ ତାଙ୍କ କଳାକାରନାମା ପଦାରେ ପଡିଯିବା ଫଳରେ ସେ ବିଚଳିତ ଦିଶୁଛନ୍ତି। ଆସନ୍ତା ସପ୍ତାହରେ ତାଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରକାଶ ପାଇବ।


**ସୂର୍ଯ୍ୟମନ୍ଦିର ଗର୍ଭଗୃହରୁ ବାଲି କାଢ଼ିବା ପ୍ରସଙ୍ଗ**

# ମନ୍ଦିରର ସ୍ଥିତି ଅନୁଧ୍ୟାନ କଲେ ଏଡିଜି ଓ ବୈଷୟିକ ଟିମ୍

**କୋଣାର୍କ :** ବିଶ୍ୱ ଐତିହ୍ୟ ସୂର୍ଯ୍ୟ ମନ୍ଦିର ଗର୍ଭ ଗୃହରୁ ବାଲି କାଢିବା ପାଇଁ ନୂଆଦିଲ୍ଲୀ ସ୍ଥିତ ଏଏସଆଇର ଅତିରିକ୍ତ ମହାନିର୍ଦ୍ଦେଶକ ଜାନଭିଜି ଶର୍ମାଙ୍କ ନେତୃତ୍ୱରେ ଏକ ଛଅ ଜଣିଆ ବୈଷୟିକ ଟିମ ସୂର୍ଯ୍ୟମନ୍ଦିର ସଂରକ୍ଷଣ ଓ ବାଲିକଢ଼ା ପ୍ରକ୍ରିୟାର ସ୍ଥିତି ଅନୁଧ୍ୟାନ କରିବା ସହ ବିଭିନ୍ନ ଦିଗ ଉପରେ ତର୍ଜମା କରିଥିବା ଜଣାପଡିଛି। ଏହି ସ୍ୱତନ୍ତ୍ର ବୈଷୟିକ ଟିମ୍‌ରେ ଏଏସଆଇ ଅତିରିକ୍ତ ମହାନିର୍ଦ୍ଦେଶକ ଜାନଭିଜି ଶର୍ମାଙ୍କ ସହ ଏଏସଆଇ ସଂରକ୍ଷଣ ନିର୍ଦ୍ଦେଶକ ଭିମା ଆଜମୀରା, ଏଏସଆଇ ଆଞ୍ଚଳିକ ନିର୍ଦ୍ଦେଶକ ଡଃ ଦିଲୀପ ଖମାରିଙ୍କ ସମେତ ଛଅ ଜଣିଆ ବିଶେଷଜ୍ଞ ଦଳ ରହିଥିଲେ। ଦୀର୍ଘ ଦୁଇବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିବା ବେଳେ ଅଦ୍ୟାବଧି ଏଏସଆଇ ଏହି ବାଲି କଢା କାର୍ଯ୍ୟ ଆରମ୍ଭ କରିବାରେ ଅହେତୁକ ବିଳମ୍ବ ହେଉଛି। ସୂଚନାଯୋଗ୍ୟ ଯେ ୧୩ ଶହ ଶତାବ୍ଦୀର ନିର୍ମିତ ବିଶ୍ୱଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିରର ଗର୍ଭ ଗୃହ ଦୀର୍ଘ ୧୨୦ ବର୍ଷ ପରେ ପୁଣି ଖୋଲାହେବା ପାଇଁ ଐତିହାସିକ ନିଷ୍ପତି ଏଏସଆଇ ପକ୍ଷରୁ ନିଆଯାଇ ଗତ୨୦୨୨ ମସିହା ସେପ୍ଟେମ୍ବର ମାସ ଗୁରୁବାର ଦିନ ସକାଳୁ ସମୟରେ ସୂର୍ଯ୍ୟମନ୍ଦିର ଉତ୍ତର ଦିଗ ଗର୍ଭ ଗୃହ ଦ୍ୱାର ନିକଟରେ ବାସ୍ତୁ ପୂଜାର୍ଚ୍ଚନା ଓ ହୋମଯଜ୍ଞ କରାଯାଇଥିଲା। ଏହାପରେ ୨୦୨୩ ଜାନୁୟାରୀ ୩ ତାରିଖରୁ ବାଲି କଢା କାର୍ଯ୍ୟ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଚାଲିଥିଲା। ମାତ୍ର କୌଣସି କାରଣକୁ ନେଇ ଏଏସଆଇ ପକ୍ଷରୁ ଏହି ବାଲି କଢା ପ୍ରସ୍ତୁତି କାର୍ଯ୍ୟ ଦୀର୍ଘ ଦିନ ପାଇଁ ବନ୍ଦ ରଖାଯାଇଥିଲା। ମାତ୍ର ୫ ମାସ ପରେ ଏଏସଆଇ ପକ୍ଷରୁ ନିଯୁକ୍ତ ଠିକାଦାର ପୂର୍ବ ଯୋଜନା ଅନୁଯାୟୀ ନିଜର କାର୍ଯ୍ୟ ଆରମ୍ଭ କରି ମନ୍ଦିରର ଉତ୍ତର ଓ ପଶ୍ଚିମ କୋଣରେ ଲିଫ୍ଟ ପାଇଁ ମୂଳଦୁଆ ନିର୍ମାଣ ପରେ ଲୁହା ବିମ୍ ଲଗାଯାଇଥିଲା। ଉନ୍ନତ ଜ୍ଞାନକୌଶଳ ପ୍ରୟୋଗ କରାଯାଇ ସ୍ୱତନ୍ତ୍ର



ଲିଫ୍ଟ ମାଧ୍ୟମରେ ମନ୍ଦିର ଚୂଡ଼ାର ଗର୍ଭଗୃହରେ ରହିଥିବା ୧୦୩ ବର୍ଷର ବାଲି ଗୁଡିକୁ ପର୍ଯ୍ୟାୟ କ୍ରମେ ୩ ବର୍ଷ ମଧ୍ୟରେ ମନ୍ଦିର ପାଦଦେଶକୁ ସୁରକ୍ଷିତ ଉପାୟରେ ବାହାର କରାଯାଇ ପାଦଦେଶରୁ ପାଇପ ସାହାଯ୍ୟରେ ବାଲି ଗୁଡିକ ସ୍ୱତନ୍ତ୍ର ରାସ୍ତା ଦେଇ ଉତ୍ତର ପଶ୍ଚିମ କୋଣରେ ଏହାକୁ ସୁରକ୍ଷିତ ଭାବେ ରଖାଯିବା ପାଇଁ ନିଷ୍ପତି ନିଆଯାଇ କାର୍ଯ୍ୟ କରାଯାଉଥିଲା। ମାତ୍ର କୌଣସି କାରଣ ନ ଥାଇ ଏଏସଆଇ ପକ୍ଷରୁ ସମସ୍ତ କାର୍ଯ୍ୟକୁ ବନ୍ଦ କରିଦିଆଦେଇଥିଲା। ସୂଚନା ମୁତାବକ କୋଣାର୍କ ସୂର୍ଯ୍ୟମନ୍ଦିରକୁ ଇଂରେଜମାନେ ଉଦ୍ଧାର କରିବା ପରେ ସୂର୍ଯ୍ୟମନ୍ଦିରର ଜଗମୋହନ ମନ୍ଦିରରୁ ପଥର ଗୋଟେ ପରେ ଗୋଟେ ଖସିବାକୁ ନେଇ ଏହାକୁ ସୁରକ୍ଷିତ ରଖିବା ପାଇଁ ସୂର୍ଯ୍ୟମନ୍ଦିରର ଗର୍ଭଗୃହରେ ସେମାନେ ଉପାୟ ନପାଇ ୧୯୦୩ ମସିହାରେ ସୂର୍ଯ୍ୟ ମନ୍ଦିର ଜଗମୋହନର ଗର୍ଭଗୃହରେ ସମ୍ପୂର୍ଣ୍ଣ ବାଲି ଭର୍ତ୍ତି କରାଯାଇ ମନ୍ଦିରର ସମସ୍ତ ପ୍ରବେଶ ପଥ ଗୁଡିକୁ ବନ୍ଦ କରାଯାଇଥିଲା। ଆଜି ପର୍ଯ୍ୟନ୍ତ ଏହି ପ୍ରବେଶ ପଥ ବନ୍ଦ ରହିଥିବା ସହିତ କୌଣସି ପଥର ଆଉ ଖସି ନଥିବା ନଜିର ରହିଛି। କୋଣାର୍କ ସୁରକ୍ଷା ସମିତିର ପୂର୍ବତନ ସଭାପତି ସ୍ୱର୍ଗତ ବାଦଲ ଦାଶଙ୍କ ନେତୃତ୍ୱରେ ଦୀର୍ଘ ଦିନର ଆନ୍ଦୋଳନ ଗର୍ଭ ଗୃହରୁ ବାଲି କାଢି ସର୍ବସାଧାରଣ ପାଇଁ ପ୍ରବେଶ ପଥ ଖୋଲିବା ପାଇଁ ଦାବି ଓ କଟକର ବରିଷ୍ଠ ଆଇନଜୀବୀଙ୍କ ପକ୍ଷରୁ ଜନସ୍ୱାର୍ଥ ଏକ ମାମଲା ମାନ୍ୟବର ହାଇକୋର୍ଟ ଦ୍ୱାରା ନିଯୁକ୍ତ ଆମିକସକ୍ୟୁରି ସୂର୍ଯ୍ୟମନ୍ଦିର ପରିଦର୍ଶନ କରି ସମସ୍ତ ତଥ୍ୟ ସଂଗ୍ରହ କରିଥିଲେ। ସୂର୍ଯ୍ୟମନ୍ଦିର ଗର୍ଭଗୃହରୁ ବାଲି କଢାଗଲେ କୌଣସି ପ୍ରକାର ବିପଦ ନଥିବା ପରାମର୍ଶ ଦେବା ପରେ ଓ କେନ୍ଦ୍ର ସଂସଦୀୟ କମିଟିର ପରାମର୍ଶ କ୍ରମେ ଏଏସଆଇ ପକ୍ଷରୁ କୋଣାର୍କ ସୂର୍ଯ୍ୟମନ୍ଦିରର ଗର୍ଭଗୃହ ଖୋଲାଯିବା ନିମନ୍ତେ ଐତିହାସିକ ନିଷ୍ପତି ନିଆଯାଇଥିଲା। ଦୁଇବର୍ଷ ହେବ ବିଭିନ୍ନ ବିଭାଗର ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଇଞ୍ଜିନିୟରଙ୍କୁ ନେଇ ସର୍ଭେ କରାଯାଇ ସମସ୍ତ ତଥ୍ୟ ସଂଗ୍ରହ କରାଯିବା ପରେ ଏଏସଆଇ ପକ୍ଷରୁ ସୂର୍ଯ୍ୟମନ୍ଦିର ଗର୍ଭଗୃହରୁ ବାଲି କଢ଼ାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସମସ୍ତ ନିଷ୍ପତ୍ତି ଓ ପୂର୍ବ ପ୍ରସ୍ତୁତି ଅନୁଯାୟୀ ପ୍ରଥମେ ସୂର୍ଯ୍ୟମନ୍ଦିର ଜଗମୋହନର ଉପରି ଭାଗ ପଶ୍ଚିମ ଦିଗରେ ୫ଫୁଟ X ୬ ଫୁଟରେ ଏକ ସ୍ୱତନ୍ତ୍ର ଟନେଲ ପଥର କଟାଯାଇ କରାଯିବା ପରେ ତାପରେ ସୁରକ୍ଷିତ ଭାବେ ଗର୍ଭଗୃହ ମଧ୍ୟରେ ଥିବା ବାଲି ଗୁଡିକୁ ସ୍ୱତନ୍ତ ଲିଫ୍ଟ ମାଧ୍ୟମରେ ସେଠାରୁ ସ୍ଥାନାନ୍ତରିତ କରାଯିବ। ଏନେଇ ପ୍ରଥମେ ଏଏସଆଇ ପକ୍ଷରୁ ନିଯୁକ୍ତ ବିଡ଼ିଆର ପ୍ରାଇଭେଟଲିମିଟେଡ଼ ପକ୍ଷରୁ ବରିଷ୍ଠ ଇଞ୍ଜିନିୟର ଓ ଆର୍ଟିଟେକ ଡିଜାଇନର ଲୋକନାଥ ବେହେରାଙ୍କ ତତ୍ତ୍ୱାବଧାନରେ ଓ ଏଏସଆଇର ଉଚ୍ଚ ଇଞ୍ଜିନିୟରଙ୍କ ଉପସ୍ଥିତିରେ ବିଡ଼ିଆର ନିର୍ମାଣ ଦ୍ୱାରା ସ୍ୱତନ୍ତ୍ର ଧାତୁରେ ନିର୍ମିତ ପ୍ଲାଟଫର୍ମ ଗୁଡିକୁ ଗର୍ଭଗୃହରେ ପର୍ଯ୍ୟାୟ କ୍ରମେ ଲଗାଯାଇ ଜଗମୋହନ ମନ୍ଦିରକୁ ସୁରକ୍ଷିତ ଓ ସୁଦୃଢ଼ କରାଯିବା ପରେ ଦୀର୍ଘ ଦିନରୁ ସୁରକ୍ଷିତ ପ୍ରାଚେରୀ ସଦୃଶ ରହିଥିବା ଦୀର୍ଘ ବର୍ଷ ହେବ ପଡି ରହିଥିବା ଏହି ବାଲି ଗୁଡିକୁ କଢ଼ାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏନେଇ ଏଏସଆଇର ପୁରୀ ସର୍କଲ ସୁପରିଟେଣ୍ଡେଣ୍ଟ ଡିବି.ଗଡନାୟକଙ୍କୁ ପଚାରିବାରେ ସେ କୁହନ୍ତି ବାଲି କଢା ଓ ସୂର୍ଯ୍ୟମନ୍ଦିରର ସଂରକ୍ଷଣକୁ ନେଇ ଏହା ଏଡିଜିଙ୍କର ପାରମ୍ଭିକ ଗସ୍ତ ରହିଥିଲା ବୋଲି ପ୍ରକାଶ କରିଛନ୍ତି।



କାହା କଥାରେ ଯଦି କୌଣସି ଭୁଲ୍ କିମ୍ବା ଠିକ୍ ହୋଇଯାଉଥାନ୍ତା, ତେବେ ଦୁନିଆ ସ୍ୱର୍ଗ ପାଲଟି ଯାଇଥାନ୍ତା।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୩ - ୨୯ ସେପ୍ଟେମ୍ବର, ୨୦୨୪

# ଘାରିଲାଣି ଚିନ୍ତା

କଥା ଦେଇ କଥା ରଖୁଛି ଓଡିଶା ସରକାର। ନିର୍ବାଚନ ପୂର୍ବରୁ ବିଜେପି ଯେଉଁ ସଂକଳ୍ପ ପତ୍ର ଜାରି କରିଥିଲା ତାହା ମୋହନ ଚରଣ ମାଝିଙ୍କ ସରକାର ଯଥାସମ୍ଭବ ପୂରଣ କରିଛନ୍ତି। ତାହା ଧାନର ଏମଏସପି ହେଉ କି ଶ୍ରୀମନ୍ଦିର ଚାରି ଦ୍ୱାର ଖୋଲା। ସୁଭଦ୍ରା ଟଙ୍କା ଜନ୍ମ ଦିନରେ ଓଡିଶା ଆସି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଣ୍ଟନ କରିଛନ୍ତି। ପ୍ରଥମ ପର୍ଯ୍ୟାୟ ଅର୍ଥ ରାଜ୍ୟର ମହିଳା ମାନଙ୍କ ଖାତାକୁ ଯାଇଛି। ପ୍ରଧାନମନ୍ତ୍ରୀ ଜନତା ମୈଦାନରେ ଆୟୋଜିତ ସଭାରେ ସୁଭଦ୍ରା ସହ ଓଡ଼ିଶାରେ ରେଳ ବିକାଶ ପାଇଁ ଅର୍ଥ ଘୋଷଣା କରିଥିଲେ। କିନ୍ତୁ ସୁଭଦ୍ରାକୁ ନେଇ ଅଧିକ ଚିନ୍ତିତ ହୋଇପଡିଛନ୍ତି ଆମର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ପୂର୍ବରୁ ସେ ରାଜ୍ୟରେ ମହିଳା ମାନଙ୍କ ଆର୍ଥିକ ଓ ସାମାଜିକ ବିକାଶର ସ୍ୱପ୍ନ ଦେଖୁଥିଲେ, ଯୋଜନା କରୁଥିଲେ ଓ ଏସଏଚଜି ଜରିଆରେ ଋଣ ଦେଉଥିଲେ। ହେଲେ ଓଡ଼ିଶାର ସବୁ ମହିଳା ସଶକ୍ତ ହେବେ ବୋଲି ପ୍ରଧାନମନ୍ତ୍ରୀଙ୍କ ଘୋଷଣା ବିଜେଡିର ମହିଳା ଭୋଟ ବ୍ୟାଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ୨୮୦୦ କୋଟିର ରେଳ ପ୍ରକଳ୍ପ ଓ ହଜାରେ କୋଟିର ଜାତୀୟ ରାଜପଥର ଶୁଭାରମ୍ଭ କରିଥିଲେ ମୋଦି। ହେଲେ ଏହାକୁ ହଜମ କରିପାରୁନାହାନ୍ତି ବୋଧେ ବିଜେଡି ସୁପ୍ରିମୋ ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। କାରଣ ଯେଉଁ ମହିଳାଙ୍କ ଭୋଟ ତାଙ୍କୁ ୨୫ ବର୍ଷ କ୍ଷମତାରେ ରହିବାର ସୁଯୋଗ ଦେଇଥିଲା ସେହି ଭୋଟ ଯଦି ହାତରୁ ଖସିଯିବ ତାହା ଆଉ ବିଜେଡି ଭୋଟ ହୋଇପାରିବନାହିଁ। କେବଳ ସୁଭଦ୍ରା ନୁହେଁ, ଡବଲ ଇଂଜିନ ସରକାର ଓଡିଶାକୁ ନୂଆ ଶିଖରରେ ପହଞ୍ଚାଇବ ବୋଲି କହିଥିଲେ ମୋଦି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ପ୍ରଶଂସାରେ ପୋତି ପକାଇଥିଲେ। ଜନତା ମୈଦାନରେ 'ସୁଭଦ୍ରା' ଯୋଜନାର ଶୁଭାରମ୍ଭ କରିବା ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ, ଏଠାରେ ମହାପ୍ରଭୁ ଜଗନ୍ନାଥଙ୍କ ସହିତ ଦେବୀ ସୁଭଦ୍ରାଙ୍କ ଉପସ୍ଥିତି ଆମକୁ ନାରୀ ସଶକ୍ତିକରଣ ବିଷୟରେ କହିଥାଏ। ଯେକୌଣସି ରାଷ୍ଟ୍ର ସେତିକିବେଳେ ଦ୍ରୁତ ଗତିରେ ଆଗକୁ ବଢିଥାଏ ଯେତେବେଳେ ଏହାର ଅଧା ଜନସଂଖ୍ୟା ଅର୍ଥାତ ମହିଳା ଶକ୍ତିଙ୍କ ସମାନ ଭାଗିଦାରୀ ରହିଥାଏ। ରାଜ୍ୟରେ ବିଜେପି ସରକାର ୧୦୦ ଦିନ ପୂରଣ ପରିପ୍ରେକ୍ଷୀରେ ପୁରୀ ଶରଧା ବାଲିରେ ଚାରି ଦିନିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ସାଂସଦ ଓ ବିଧାୟକଙ୍କ ସହ ଜିଲ୍ଲା ସ୍ତରୀୟ ନେତୃବର୍ଗ ଯୋଗ ଦେଇଥିଲେ। ନିର୍ବାଚନ ବେଳେ ବିଜେପି ଓଡିଶାବାସୀଙ୍କୁ ଦେଇଥିବା ପ୍ରତିଶୃତି ପାଳନ କରୁଛନ୍ତି। ଯାହାକୁ ହଜମ କରିପାରୁନାହାନ୍ତି ନବୀନ ପଟ୍ଟନାୟକ। ହେଲେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଏବେ ଚିଟଫଣ୍ଡ ଟଙ୍କା ଫେରସ୍ତ ବିଷୟ କହିଲେଣି।

ସମ୍ପାଦକୀୟ
ତାରକ ମହାନ୍ତି



ତାହା ହେଲେ ଯଦି ସଫଳ ହୁଏ ତାହା ବିଜେଡି ପାଇଁ ଆହୁରି ସଙ୍କଟ ସୃଷ୍ଟି କରିବ। କାରଣ ସବୁ କଥାରେ କମିଶନ ବସାଇ ଦିନ ଗଡ଼ାଇଥିବା ନବୀନଙ୍କ ସରକାରଙ୍କ ଉପରେ ଲୋକଙ୍କର ଆଉ ଭରଷା ରହିବ ନାହିଁ। ତେଣୁ ଏଭଳି ହେଲେ ଭୋଟରଙ୍କ ମନ ଆହୁରି ପରିବର୍ତ୍ତନ ହେବ ଏବଂ ସେମାନେ ଶଙ୍ଖ ଉପରୁ ଆସ୍ଥା ତୁଟାଇ ପଦ୍ମ ମୁହାଁ ହୋଇଯିବେ, ଯାହା ବିଜେପିକୁ ଫାଇଦା ଦେବ। ଏଇ କଥାକୁ ନବୀନ ବାବୁ ବିଚଳିତ ହେଉଛନ୍ତି। ଏପଟେ ନିଜ ଦଳର ଭବିଷ୍ୟତ ମଙ୍ଗ କିଏ ଧରିବ ଓ କାହା ଦ୍ୱାରା ବିଜେଡି ଶକ୍ତ ହୋଇପାରିବ ତାହା ମଧ୍ୟ ଚିନ୍ତାର ବିଷୟ। ଅତୀତରେ ଓଡ଼ିଶାର ଲୋକ ବିଜେଡିର କିଏ ହେବ ଉତ୍ତରାଧିକାରୀ ତାହା ସ୍ଥିର କରିବେ ବୋଲି କହିଥିଲେ। ଯେଉଁଥିପାଇଁ ଭିକେ ପାଣ୍ଡିଆନଙ୍କୁ ଏକୁଟିଆ ମୈଦାନକୁ ପଠାଇଥିଲେ। ସେ ବର୍ଷେ କାଳ ସାରା ଓଡିଶା ବୁଲି ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କ ନିକଟରେ ପହଞ୍ଚିଥିଲେ। ଆଶା କରାଯାଉଥିଲା ସେ ହୁଏତ ବିଜେଡିର ଭବିଷ୍ୟତ ଓ ନବୀନଙ୍କ ଉତ୍ତରାଧିକାରୀ ବୋଲି ବିଜେଡିର ନେତା କର୍ମୀ ଭାବି ନେଇଥିଲେ। ହେଲେ ଶେଷକୁ ଯାହା ଜଣାପଡିଲା ଓଡ଼ିଆ ଲୋକ ତାଙ୍କୁ ଗ୍ରହଣ କଲେନାହିଁ, ବରଂ ପ୍ରତ୍ୟାଖ୍ୟାନ କଲେ।

ଫଳସ୍ୱରୂପ ରାଜ୍ୟରେ ବିଜେଡି ଶାସନର ଅନ୍ତ ଘଟିଲା ଏବଂ ପ୍ରଥମ ଥର ଲାଗି ବିଜେପି ଏଠାରେ ସଂଖ୍ୟା ଗରିଷ୍ଠତା ହାସଲ କରି ସରକାର ଗଢିଲା। ପୂର୍ବରୁ ଚର୍ଚ୍ଚାରେ ନଥିବା ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କଲେ। ଗତ ଗୁରୁବାର ମୋହନ ସରକାରଙ୍କ ୧୦୦ ଦିନ ପୂର୍ତ୍ତି ହେଲା। ଏହି ସ୍ୱଳ୍ପ ଅବଧି ମଧ୍ୟରେ ଓଡ଼ିଶାରେ ବିଜେପି ସରକାର କରିଥିବା ବିକାଶ ଓ ଭବିଷ୍ୟତ ରାଜ୍ୟ ପ୍ରଗତି ନିମନ୍ତେ ପୁରୀରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ୧୦୦ ଦିନର ରିପୋର୍ଟ କାର୍ଡ ପ୍ରଦାନ କରି କହିଛନ୍ତି ଯେ, ଦେଶର ବିକାଶ ରେଳରେ ଓଡିଶା ପ୍ରଥମ ବଗି ହେବ। ସୁଭଦ୍ରା ଯୋଜନାରେ ଏକ କୋଟି ମହିଳାଙ୍କୁ ସାମିଲ କରାଯିବା ସହିତ ପାଞ୍ଚ ବର୍ଷରେ ଦେଢ଼ ଲକ୍ଷଙ୍କୁ ନିଯୁକ୍ତି ମିଳିବ। ସେହିଭଳି ରାଉରକେଲା, ସମ୍ବଲପୁର, ପାରାଦୀପ ଓ ଧାମରାରେ ଶିଳ୍ପ କରିଡ଼ର ପ୍ରତିଷ୍ଠା କରାଯିବ। ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଗାମୀ ଦିନରେ ଜନତାଙ୍କ ଆଶୀର୍ବାଦରେ ୨୦୩୬ରେ ସମୃଦ୍ଧ ଓଡିଶା ଗଠନର ସଂକଳ୍ପ ପୂରଣ ହେବ। ଏହାର ମୂଳଦୁଆ ପ୍ରଥମ ୫ ବର୍ଷରେ ପଡିବ। ଏ ନେଇ ପ୍ରକ୍ରିୟା ପ୍ରଥମ ୧୦୦ ଦିନ ଭିତରେ ଆରମ୍ଭ ହୋଇସାରିଛି। ଏହା ଯଦି ବାସ୍ତବ ରୂପ ନିଏ ତେବେ ତାହା ନବୀନ ବାବୁଙ୍କ ଆଖିରୁ ନିଦ ହଜାଇଦେବ। ସେଭଳି କିଛି ଘଟିଲେ ନବୀନ ଯାହା ଭରଷାରେ ଏତେ ଦମ୍ଭ ଦେଖାଇବା ଆରମ୍ଭ କରିଛନ୍ତି ସେଥିରେ ଛିଟା ପଡିବ। କଥା ହେଉଛି ଓଡ଼ିଆ ଲୋକ ଭିକେ ପାଣ୍ଡିଆନଙ୍କୁ ଗ୍ରହଣ କରୁନଥିଲା ବେଳେ ସେ ଏବେ ବି ନବୀନଙ୍କ ପ୍ରିୟ ଏବଂ ନବୀନ ନିବାସ ତାଙ୍କର ଠିକଣା। କେହି କେହି ନବୀନଙ୍କ ଉତ୍ତରାଧିକାରୀ ତାଙ୍କ ପୁତୁରା ତଥା ସେ ବଡଭାଇ ପ୍ରେମ ପଟ୍ଟନାୟକଙ୍କ ପୁଅ ଅରୁଣ ପଟ୍ଟନାୟକଙ୍କ କଥା ଉଠନ୍ତି। କିନ୍ତୁ ଅରୁଣ ନା ଓଡିଶା ନା ଓଡ଼ିଆ ଲୋକଙ୍କୁ ଜାଣନ୍ତି? ଗୋଟେ ଖାନଦାନୀ ଲୁଟ ଚକ୍ରାନ୍ତ କିଏ କରୁଛି, ନବୀନ ନା ପାଣ୍ଡିଆନ? ଯେଉଁ ପୁରୁଣା ବିଜେଡି ଟିମ ଓଡିଶାକୁ ଲୁଟି ହଜାର ହଜାର କୋଟି ଲୁଟି ରାଜ୍ୟକୁ ଦରିଦ୍ର କରିଦେଲେ ସେମାନେ ଏବେ କିଭଳି ମୋହନ ସରକାର ସହ ସାଲିସ କରିବେ ତାହା ଷଡଯନ୍ତ୍ର କରୁଛନ୍ତି। ମୋହନ ସରକାରଙ୍କ ଆଭିମୁଖ୍ୟ ବିଜେଡି ବିରୋଧରେ ଯାହା ଥିଲା ତାହା ଏବେ ଶିଥିଳ ପଡିଯାଇଛି। ଏହାର କାରଣ କଣ ରାଜ୍ୟବାସୀ ବୁଝିପାରୁନାହାନ୍ତି। ଲୁଟେରାଙ୍କୁ ବାନ୍ଧିବେ କହି ସରକାରକୁ ଆସିଛନ୍ତି ମୋହନ ଚରଣ ମାଝୀ। ନିର୍ବାଚନ ପ୍ରଚାର ବେଳେ ନବୀନ ସରକାରଙ୍କ ସମୟରେ ହୋଇଥିବା ଦୁର୍ନୀତି ସହିତ ଜଡିତ ବବି ଦାସ, ପାଣ୍ଡିଆନ, ଅରୁଣ ସାହୁଙ୍କ ଭଳି ଅନେକ ଦୁର୍ନୀତିଗ୍ରସ୍ତଙ୍କ ଗୁମର ଖୋଲିବେ ବୋଲି କହିଥିଲା ବିଜେପି। ଏବେ ଓଡ଼ିଶାରେ ବିଜେପି ସରକାରର ୧୦୦ ଦିନ ପୂର୍ତ୍ତି ହୋଇସାରିଥିଲେ ବି ପୂର୍ବ ସରକାରରେ କେଉଁମାନେ କେଉଁ କେଉଁ ଦୁର୍ନୀତିରେ ଜଡିତ ଥିଲେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇନାହିଁ। କେବେ ହେବ?

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଅଗ୍ନିପଥ ଯୋଜନା କାହିଁକି ବିବାଦୀୟ ?



ଅସିତ ମହାନ୍ତି

ଭାରତ ସରକାର ୧୪ ଜୁନ୍ ୨୦୧୨ ରେ ଅଗ୍ନିବୀର ଯୋଜନା ଘୋଷଣା କରିଥିଲେ ଏବଂ ଏହା ସେପ୍ଟେମ୍ବର ୨୦୨୨ ରୁ କାର୍ଯ୍ୟକାରୀ ହୋଇଥିଲା। ଏହି ଯୋଜନା ଅଧୀନରେ, କମିଶନ ଅଫିସର ପଦବୀ ତଳେ ଥିବା ସୈନିକମାନେ ସଶସ୍ତ୍ର ବାହିନୀର ସମସ୍ତ ତିନୋଟି ସେବାରେ ନିଯୁକ୍ତ ହୁଅନ୍ତି। ଏହି ଯୋଜନାର ନାମ ହରିବଂଶ ରାୟ ବଚ୍ଚନଙ୍କ କବିତା 'ଅଗ୍ନିପଥ' ଏବଂ ସମାନ ନାମର ଏକ ଲୋକପ୍ରିୟ ଚଳଚ୍ଚିତ୍ର ଉପରେ ଆଧାରିତ। କିନ୍ତୁ, ଯୁବକମାନେ ଏହାକୁ ବିରୋଧ କରିବାକୁ ରାସ୍ତାରେ ଓହ୍ଲାଇଥିବା ଘୋଷଣାଠାରୁ କିଛି ଦିନ ବିତିଯାଇ ନଥିଲେ। ସବୁଥର ପରି, କିଛି ବିରୋଧ ହିଂସା ଜନିତ ସମ୍ପତ୍ତିରେ ପରିଣତ ହୋଇଥିଲା। କିନ୍ତୁ ଏଠାରେ ସବୁଠାରୁ ବଡ ପ୍ରଶ୍ନ ହେଉଛି, ଏହି ଯୋଜନା କାହିଁକି ବିବାଦୀୟ ? ଏହି ଅଗ୍ନିପଥ ଯୋଜନାକୁ ନେଇ ଲୋକମାନେ କାହିଁକି ରାଗିଛନ୍ତି / ଅଗ୍ନିପଥ ଯୋଜନା ଅନୁଯାୟୀ, ପ୍ରତିବର୍ଷ ୪୬,୦୦୦ ସୈନିକ ଭାରତୀୟ ସଶସ୍ତ୍ର ବାହିନୀରେ ନିଯୁକ୍ତ ହେବେ। ୧୭.୫ ବର୍ଷରୁ ୨୧ ବର୍ଷ ବୟସର ଲୋକମାନେ ଯୋଗ୍ୟ ଅଟନ୍ତି, ଏବଂ ଯେଉଁମାନେ ଏହି ଯୋଜନା ପାଇଁ ମନୋନୀତ ହୋଇଥିଲେ ସେମାନେ ଅଗ୍ନିବୀର ଭାବରେ ଜଣାଶୁଣା। ଏକ ଗୁରୁତ୍ୱପୂର୍ଣ୍ଣ ନାମ, କିନ୍ତୁ ଏହି ସେବା କମିଶନ ହୋଇଥିବା ପୋଷ୍ଟଗୁଡିକ ପାଇଁ ହେବ ନାହିଁ। ଯେପରିକି ଲେଫ୍ଟନାଣ୍ଟ ଏବଂ ଲେଫ୍ଟନାଣ୍ଟ ଜେନେରାଲ୍। ଏହି ମନୋନୀତ ପ୍ରାର୍ଥୀମାନେ କେବଳ ଅଣ-କମିଶନ ପଦବୀ ପାଇଁ ନିଯୁକ୍ତ ହେବେ। ଯେପରିକି ସିପାହୀ ଏବଂ ନାୟକଙ୍କ ପଦବୀ। ଭାରତୀୟ ସେନାରେ ଅଧିକାରୀଙ୍କ ପଦବୀକୁ ଭିନ୍ନ ତାଲିକାଭୁକ୍ତ କରାଯାଇଛି। ଅଗ୍ନିବୀର କେବଳ ଏହି ନିମ୍ନ ମାନ୍ୟତା ପାଇଁ ଯୋଗ୍ୟ ହେବେ। ପ୍ରଥମ ବର୍ଷରେ, ନିଯୁକ୍ତ ବ୍ୟକ୍ତିମାନେ ମାସକୁ ପ୍ରାୟ ୩୦,୦୦୦ / ବେତନ ପାଇବେ। ଏବଂ ଚତୁର୍ଥ ବର୍ଷ ସୁଦ୍ଧା ଏହାକୁ ମାସକୁ ୪୦,୦୦୦ କୁ ବୃଦ୍ଧି କରାଯିବ। ଏଥିସହ, ଯେତେବେଳେ ୪ ବର୍ଷ ପରେ ସୈନିକମାନେ ନିଜ ପଦ ଛାଡିଥା'ନ୍ତି, ସେତେବେଳେ ସେମାନଙ୍କୁ ସରକାରଙ୍କ ସେବା ନିଧି ଯୋଜନାରୁ ୧.୧ ମିଲିୟନ୍ (୧୧ ଲକ୍ଷ) ଟଙ୍କା ପ୍ରଦାନ କରାଯିବ। ଏହି ଅତିରିକ୍ତ ୧.୧ ନିୟୁତ ଟଙ୍କା ସମ୍ପୂର୍ଣ୍ଣ ରୂପେ ସରକାରଙ୍କଠାରୁ ନୁହେଁ। ଏହାର ପ୍ରାୟ ୩୦% ଅଗ୍ନିବୀରଙ୍କ ମାସିକ ବେତନରୁ ହେବ। ଆପଣ ପଚାରିପାରନ୍ତି ୪ ବର୍ଷ ପରେ ସେମାନେ କାହିଁକି ସେମାନଙ୍କର ପୋଷ୍ଟ ଛାଡିବେ ? ବାସ୍ତବରେ ଏହା ହେଉଛି ଯୋଜନାର ସବୁଠାରୁ ବଡ ଅସୁବିଧା। ଏହି ନିଯୁକ୍ତି, ଅଗ୍ନିବୀରଙ୍କ ପୋଷ୍ଟ କେବଳ ୪ ବର୍ଷ ହେବ। ଏହି ୪ ବର୍ଷ ସରିବା ପରେ ସରକାର ସେମାନଙ୍କୁ ଏକ ସାର୍ଟିଫିକେଟ୍ ଏବଂ ଟଙ୍କା ଦେବେ, ଏବଂ ପରେ ସେମାନଙ୍କୁ ଛାଡିଦେବେ। ସେମାନଙ୍କୁ ଅନ୍ୟ ଚାକିରି ଖୋଜିବାକୁ ପଡ଼ିବ। ଅତିକମରେ ୭୫% ଅଗ୍ନିବୀରଙ୍କ ସହିତ ଏହା ଘଟିବ। ସରକାର କହିଛନ୍ତି ଯେ ୨୫% ପର୍ଯ୍ୟନ୍ତ ଅଗ୍ନିବୀରଙ୍କୁ ପୂର୍ଣ୍ଣକାଳୀନ ସେବା ପାଇଁ ନିୟମିତ କ୍ୟାଡରରେ ପୁନଃ ତାଲିକାଭୁକ୍ତ କରାଯିବ। କିନ୍ତୁ କେବଳ ୨୫%। ସେମାନଙ୍କୁ ନିଯୁକ୍ତି ଦେବେ ବୋଲି ସରକାର ପ୍ରତିଶୃତି ଦେଇଛନ୍ତି। ଯେ ନିଯୁକ୍ତି ସୃଷ୍ଟି ହେବ। କିନ୍ତୁ ବାସ୍ତବତା ହେଉଛି, ଅଗ୍ନିବୀରର ୭୫% କେବଳ ୪ ବର୍ଷ ପାଇଁ ନିୟୋଜିତ ହେବେ, ଯାହା ପରେ ସେମାନେ ପୁଣି ଥରେ ବେକାର ହୋଇଯିବେ, ଏବଂ ତା'ପରେ ସେମାନଙ୍କୁ ଆଉ ଏକ ଚାକିରି ଖୋଜିବାକୁ ପଡ଼ିବ। କୌଣସି ଚାକିରି ସୁରକ୍ଷା ନାହିଁ ଏବଂ ପେନ୍‌ସନ୍ ନାହିଁ। ଦେଶର ଯୁବକମାନେ ଅଗ୍ନିପଥ ଯୋଜନା ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିବାର ଏହା ହେଉଛି ମୁଖ୍ୟ କାରଣ। ସାମ୍ପ୍ରତିକ ପରିସ୍ଥିତିକୁ ଦେଖିଲେ ଲୋକମାନେ ସେମାନଙ୍କର ଭବିଷ୍ୟତ ପାଇଁ ଚିନ୍ତିତ। ଯେତେବେଳେ ଲୋକମାନେ ସରକାରୀ ଚାକିରି ବିଷୟରେ ଭାବନ୍ତି, ସେମାନେ ଏକ ଚାକିରି ଆଶା କରନ୍ତି ଯେଉଁଠାରେ ସେମାନେ ସ୍ଥାୟୀ ଆୟ, ସାମାଜିକ ସୁରକ୍ଷା ଏବଂ ପେନ୍‌ସନ୍ ପାଇବେ। ଏବଂ ଜଣେ ଆର୍ମି ଅଫିସର ହେବା ଏକ ସମ୍ମାନଜନକ କାର୍ଯ୍ୟ। ଭାରତରେ ସେନା ଅଧିକାରୀମାନେ ମଧ୍ୟ ଅତିରିକ୍ତ ସୁବିଧା ପାଆନ୍ତି। ସବସିଡିଯୁକ୍ତ ଗୃହ ଏବଂ ଖାଦ୍ୟ ଭଳି, କିନ୍ତୁ ନୂତନ ଯୋଜନା ଅଧୀନରେ, କୌଣସି ଅତିରିକ୍ତ ସୁବିଧା ନାହିଁ, ଅନ୍ୟ ସରକାରୀ ଚାକିରିର ମୌଳିକ ଲାଭ ମଧ୍ୟ ନୁହେଁ। ବାସ୍ତବରେ ସେମାନେ ଚାକିରି ସୃଷ୍ଟି କରିବାକୁ ଛଳନା କରୁଛନ୍ତି, କିନ୍ତୁ ଚାକିରି ପ୍ରକୃତରେ କାହାକୁ ଲାଭ ଦେଉନାହିଁ। ଅଗ୍ନିପଥ ଯୋଜନାର ସମର୍ଥକମାନେ କହିଛନ୍ତି ଯେ, ଅଧା ପୂର୍ଣ୍ଣ ହେଲେ ଏହାକୁ ଅଧା ଖାଲି କାଚ ପରି ଦେଖ ନାହିଁ। ସରକାର ଯୁବକମାନଙ୍କୁ ଏକ ଅଦ୍ଭୁତ ସୁଯୋଗ ଦେଉଛନ୍ତି ବୋଲି ସେମାନେ ଦାବି କରିଛନ୍ତି। ୪ ବର୍ଷର ଗ୍ୟାରେଣ୍ଟି କାମ ପ୍ରାପ୍ତ ହେଉଛି। ଯଦିଓ ସେମାନେ ପୂର୍ଣ୍ଣ - ସମୟ ରୋଜଗାର ପାଇନାହାଁନ୍ତି, ସେମାନେ ୪ ବର୍ଷ ପାଇଁ ଚାକିରି ପାଇଛନ୍ତି, ଯେଉଁଥିରେ ସେମାନେ ପ୍ରତି ମାସରେ ୩୦,୦୦୦ ର ଭଲ ବେତନ ପାଇବେ, ଉତ୍କୃଷ୍ଟ ତାଲିମ ସୁବିଧା। ଏବଂ ସେମାନେ ବହୁତ କିଛି ଶିଖିବାକୁ ପାଇବେ, ନୂତନ କୌଶଳ ବିକାଶ କରିବାକୁ, ନୂତନ ଅଭିଜ୍ଞତା ହାସଲ କରିବାକୁ ଏବଂ ୪ ବର୍ଷ ଶେଷରେ, ସେମାନେ ଏକ ପ୍ରମାଣପତ୍ର ଏବଂ କିଛି ଅତିରିକ୍ତ ଟଙ୍କା ପାଇବେ। ୪ ବର୍ଷ ପରେ ଏକ ନୂତନ ବ୍ୟବସାୟ ଆରମ୍ଭ କରିବା ପାଇଁ ସେମାନେ ଟଙ୍କା ବ୍ୟବହାର କରିପାରିବେ, କିମ୍ବା ସେମାନେ ଏକ ନୂତନ ଚାକିରି ଖୋଜିବା ପାଇଁ କିଛି ସମୟ ବିତାଇ ପାରିବେ। ସେମାନେ ଏହା ମଧ୍ୟ ଦାବି କରିଛନ୍ତି ଯେ ପୂର୍ବ ଅଗ୍ନିବୀରଙ୍କ ପାଇଁ ଏକ ନୂତନ ଚାକିରି ପାଇବା କଷ୍ଟସାଧ ହେବ ନାହିଁ, କାରଣ ସେମାନେ ହାସଲ କରିବେ ଦକ୍ଷତା ଏବଂ ସେମାନଙ୍କର ଅଭିଜ୍ଞତା। ସର୍ବଶେଷରେ, ସେମାନେ ଏକ ଆଗ୍ନିବୀର ହେବେ। କିନ୍ତୁ କାଉଣ୍ଟର ପଏଣ୍ଟ କାଉଣ୍ଟର ପଏଣ୍ଟ ହେଉଛି ଅଭିଜ୍ଞତା ସେମାନଙ୍କୁ ଏକ ନୂତନ ଚାକିରି ପାଇବାରେ ସାହାଯ୍ୟ କରିବ କି ? ଯଦି ସେମାନେ ଏକ ଟେକ୍ନିକାଲ ଚାକିରି ଚାହାଁନ୍ତି, ଯଦି ସେମାନେ ଏକ ଘରୋଇ କମ୍ପାନୀରେ ଚାକିରି ଚାହାଁନ୍ତି ତେବେ ସେମାନେ ଚାରି ବର୍ଷରେ କଲେଜ ଡିଗ୍ରୀ ପାଇଁ କାମ କରିଥାନ୍ତେ। ବୋଧହୁଏ ତାହା ଭଲ ହୋଇଥାନ୍ତା। ୪ ବର୍ଷ ପାଇଁ ଜଣେ ଅଗ୍ନିବୀର ହେବା ପରିବର୍ତ୍ତେ। ୪ ବର୍ଷ ଶେଷରେ, ଅଗ୍ନିବୀରଙ୍କ ପାଇଁ ନିୟମିତ କଲେଜରେ ଆଡମିଶନ କରିବା ଅଧିକ କଷ୍ଟସାଧ ହେବ, କାରଣ ସେମାନେ ୧୮ ବର୍ଷ ବୟସ୍କ ହାଇସ୍କୁଲ ସ୍ନାତକ ସହିତ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। କାରଣ ଏହି ଯୋଜନା ଅଣ-କମିଶନ ଅଧିକାରୀଙ୍କ ପାଇଁ, ଲୋକମାନେ ମଧ୍ୟ ଚିନ୍ତିତ ଅଛନ୍ତି ଯଦି ସେମାନେ ଏହି ୪ ବର୍ଷରେ ଗୁରୁତ୍ୱପୂର୍ଣ୍ଣ କୌଶଳ ଶିଖିବାକୁ ନ ପାଆନ୍ତି, ଯାହା ସେମାନଙ୍କୁ ଏକ ନୂତନ ଚାକିରି ପାଇବାରେ ସାହାଯ୍ୟ କରିପାରେ ? ଆପଣ ବର୍ତ୍ତମାନ ସୁଦ୍ଧା ଏହାର ଏକ ଉଦାହରଣ ଦେଖିପାରିବେ। ଆଜିକାଲି, ପ୍ରାୟ ୩୮ କିମ୍ବା ୪୦ ବର୍ଷ ବୟସ୍କ ଅବସରପ୍ରାପ୍ତ ଅଣ-କମିଶନର୍ ଅଫିସରମାନଙ୍କ ମଧ୍ୟରୁ ଅଧିକାଂଶ, ସେମାନେ କେଉଁ ପ୍ରକାର ଚାକିରି ପାଆନ୍ତି ? ପ୍ରାୟତଃ, ସେମାନେ ଜଣେ ସୁରକ୍ଷାକର୍ମୀଙ୍କ ଚାକିରି ପାଆନ୍ତି। ସେମାନଙ୍କୁ ଏଟିଏମ୍ କିମ୍ବା ବ୍ୟାଙ୍କ ବାହାରେ ସୁରକ୍ଷା କର୍ମୀ ଭାବରେ ଦେଖାଯାଏ। ସେମାନେ ଭଲ ବେତନ ପ୍ରାପ୍ତ, ପେନ୍‌ସନ୍ ପ୍ରାପ୍ତ ଚାକିରି ପାଆନ୍ତି ନାହିଁ। ତେବେ, ଅନେକ ଅବସରପ୍ରାପ୍ତ ସେନା ଅଧିକାରୀଙ୍କ ଦ୍ୱାରା ଉଠାଯାଇଥିବା ବିଷୟ ହେଉଛି, ଅଗ୍ନିଭାଇର୍ ଯଥେଷ୍ଟ ଉତ୍ସାହିତ ହେବେ କି ? ଭାବପ୍ରବଣ ଭାବରେ କହିବାକୁ ଗଲେ, ସେମାନଙ୍କର ସମାନ ପ୍ରତିବଦ୍ଧତା, ନିୟମିତ ସେନା ଅଧିକାରୀଙ୍କ ପରି ସମାନ ଉତ୍ସାହ ରହିବ / କାରଣ ସେମାନଙ୍କର ଚାକିରୀ ପୂର୍ଣ୍ଣ ସମୟ ହେବ ନାହିଁ। ଏହା ଉପରେ, ପରିବାରଗୁଡିକ ସମାନ ସୁରକ୍ଷା ପାଇବେ ନାହିଁ। ଆମେ ଜାଣୁ ସୈନିକ ହେବା ପାଇଁ ପ୍ରେରଣା ସ୍ତର ଆବଶ୍ୟକ। ବିଶେଷ କରି ଯେତେବେଳେ ସେମାନେ ହିମାଳୟର ପର୍ବତ ଉପରେ ଅତ୍ୟଧିକ ଭୟାନକ ପରିସ୍ଥିତିରେ ନିୟୋଜିତ ହୁଅନ୍ତି। ଯଦି ତୁମେ ଅନ୍ୟ ଦେଶକୁ ଦେଖ, ତୁମେ ସମାନ ଜିନିଷ ଦେଖି ପାରିବ। ଏପରିକି ଆମେରିକା, ଆମେରିକା ସେନା ପାଇଁ ମଧ୍ୟ ସମାନ ଯୋଜନା ଅଛି। କିନ୍ତୁ ଆପଣ ଏହାର ଫଳାଫଳ ଜାଣିଛନ୍ତି କି ? ସମ୍ପ୍ରତି ଆମେରିକାରେ, ଭୂମିହୀନ ଜନସଂଖ୍ୟାର ଅତି କମରେ ୧୧% ସେନାରେ କାର୍ଯ୍ୟକରିଥିବା ବ୍ୟକ୍ତି। ଯୁକ୍ତରାଷ୍ଟ୍ରରେ ସାଧାରଣ ଆମେରିକୀୟଙ୍କ ତୁଳନାରେ ସେନା ଭେଟେରାନର ବେକାର ହେବାର ସମ୍ଭାବନା ଅଧିକ। ଏହାର ସବୁଠାରୁ ବଡ କାରଣ ହେଉଛି ଆମେରିକାର ତ୍ରୁଟିପୂର୍ଣ୍ଣ ପେନ୍‌ସନ୍ ବ୍ୟବସ୍ଥା ଯାହା ଭେଟେରାନମାନଙ୍କ ପାଇଁ ସେମାନଙ୍କ ପେନ୍‌ସନ୍ ଆହରଣ କଷ୍ଟକର କରିଥାଏ। ଆମେରିକା ସରକାର ଏହାର ସାଇନିଆଙ୍କ ମାନଙ୍କୁ ଭଲ ସୁବିଧା ପ୍ରଦାନ କରୁନାହାଁନ୍ତି। ଗୋଟିଏ କଥା ନିଶ୍ଚିତ, ବିରୋଧକାରୀଙ୍କ ଯୁକ୍ତି ଭୁଲ ନୁହେଁ। କାରଣ ସରକାର ଏହାର ପ୍ରତିକ୍ରିୟା ରଖିଥିଲେ। ଉତ୍ତରପ୍ରଦେଶ, ହରିୟାଣା ଏବଂ ମଧ୍ୟପ୍ରଦେଶର ବିଜେପି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସେମାନେ ନିଜ ରାଜ୍ୟରେ ଚାକିରି ପାଇଁ ପୂର୍ବତନଅଗ୍ନିବୀର ମାନଙ୍କୁ ପ୍ରାଥମିକତା ଦେବେ, ସେମାନଙ୍କ ରାଜ୍ୟ ଏବଂ ବିଭାଗରେ ସରକାରୀ ଚାକିରି ପାଇଁ। ସରକାର ପ୍ରଥମ ବ୍ୟାଚ୍ ପାଇଁ ବୟସ ସୀମା ବୃଦ୍ଧି କରିଥିଲେ। ସର୍ବାଧିକ ୨୧ ବର୍ଷରୁ ୨୩ ବର୍ଷ ପର୍ଯ୍ୟନ୍ତ। ଏବଂ ବିଭିନ୍ନ ସରକାରର ରାଜନେତାମାନେ କହିଛନ୍ତି ଯେ ସେମାନଙ୍କ ରାଜ୍ୟ ତଥା ବିଭାଗରେ ସରକାରୀ ଚାକିରିରେ ସେମାନଙ୍କୁ ସୁବିଧା ଦେବେ। କିନ୍ତୁ ପ୍ରଶ୍ନ ହେଉଛି, ଏହି ପସନ୍ଦ ଗ୍ୟାରେଣ୍ଟିର ଏକ ରୂପ କି ? ସେମାନେ ୭୫%ଅଗ୍ନିବୀରଙ୍କୁ ଏକ ଗ୍ୟାରେଣ୍ଟି ଦେଉଛନ୍ତି, ଯାହାକୁ ପ୍ରତ୍ୟାଖ୍ୟାନ କରାଯିବ, ତା'ପରେ ନୂତନ ଚାକିରି ଦିଆଯିବ ? ବର୍ତ୍ତମାନ ପର୍ଯ୍ୟନ୍ତ ସେପରି କୌଣସି ଗ୍ୟାରେଣ୍ଟି ନାହିଁ।

*(ଶେଷ, ଆଗାମୀ ଲେଖାରେ)*

*ସୁଜନପୁର, ଯାଜପୁର*
*ଦୂରଭାଷ : ୯୩୪୮୭୬୮୮୧୨*

# ବିଶ୍ୱଶାନ୍ତି ପାଇଁ ଆତଙ୍କବାଦୀଙ୍କ ସମୂହ ବିନାଶ ଅପରିହାର୍ଯ୍ୟ



ଆଶୁତୋଷ ନାୟକ

ଏକବିଂଶ ଶତାବ୍ଦୀରେ ଆତଙ୍କବାଦ ଏକ ଗମ୍ଭୀର ସମସ୍ୟା ଭାବେ ଦଣ୍ଡାୟମାନ। ବିଶ୍ୱ ବ୍ୟାପି ସମସ୍ୟା ଭାବେ ଏହା ଉଭା ହୋଇଛି। ଆନ୍ତର୍ଜାତୀୟ ଶାନ୍ତି ଏବଂ ନିରାପତ୍ତା ପାଇଁ ଏହା ମୁଖ୍ୟ ପ୍ରତିବନ୍ଧକ। ଆତଙ୍କବାଦୀଙ୍କ ମୁଖ୍ୟ ଲକ୍ଷ୍ୟ ନିଜର ସଂକୀର୍ଣ୍ଣ ସ୍ୱାର୍ଥ ହାସଲ ପାଇଁ ଧ୍ୱଂସର ତାଣ୍ଡବଲୀଳା ରଚିବା ଏବଂ ହିଂସା ମାଧ୍ୟମରେ ବର୍ବରତା ଓ ନିଷ୍ଠୁରତାର ସହ ନିରୀହ ମନୁଷ୍ୟକୁ ହତ୍ୟା କରିବା। ଆତଙ୍କବାଦୀ ମାନେ ସମଗ୍ର ମାନବ ଜାତି ପାଇଁ କଳଙ୍କ। ସେମାନଙ୍କ ପାଖରେ ମନୁଷ୍ୟତ୍ୱ ନଥାଏ। ଆତଙ୍କବାଦୀଙ୍କ ପାଖରେ କୌଣସି ମାନବୀୟ ଗୁଣ ନଥାଏ। ଦୟା, କ୍ଷମା, ସହନଶୀଳତା, ସାଧୁତା, ନମ୍ରତା, ଭଳି ମହନୀୟ ଗୁଣ ତାଙ୍କ ପାଖରେ ଆଶା କରିବା ସୈତାନର ବେଦ ପାଠ ସଦୃଶ। ଆତଙ୍କବାଦର ଫରାସୀ ଶବ୍ଦ 'ଟେରୋରିଜମେ' ଯାହା ଲାଟିନ କ୍ରିୟା ଟେରେରେ ରୁ ଆସୁଅଛି। ଏହାର ଅର୍ଥ ଭୟ ଦେଖାଇବା। ଆତଙ୍କବାଦ ଏକ ପନ୍ଥା ଯାହାଦ୍ୱାରା ଏକ ସଂଗଠିତ ଗୋଷ୍ଠୀ ବା ଦଳ ନିଜର ଲକ୍ଷ୍ୟ ସାଧନ ପାଇଁ ହିଂସାର ପଦ୍ଧତି ଅବଲମ୍ବନ କରନ୍ତି। 'ହାନସ ଯେ ମୋର୍ଗେଂଥାଉ' ମତରେ 'ଖରାପ ଲୋକମାନେ ଯାହା କରନ୍ତି ତାହା ହେଉଛି ଆତଙ୍କବାଦ'। ଜଣେ ଚୀନ ଦାର୍ଶନିକଙ୍କ ମତରେ ଆତଙ୍କବାଦର ମୁଖ୍ୟ ଲକ୍ଷ୍ୟ ହେଉଛି ଜଣକୁ ହତ୍ୟା କରି ଅନେକଙ୍କୁ ଭୟଭୀତ କରାଇବା। ଈଶ୍ୱରଙ୍କ ସୁନ୍ଦର ସୃଷ୍ଟିରେ ମନୁଷ୍ୟ ଶ୍ରେଷ୍ଠ ଜୀବ। ମାନବ ଜନ୍ମର ସାର୍ଥକତା ଥାଏ ସୁନ୍ଦର ସମାଜ ଗଠନରେ। ମାତ୍ର ଅନେକ ସମୟରେ ନିର୍ବୋଧ ସ୍ୱାର୍ଥପର ମାନବ ପରିବେଶ ଓ ପରିସ୍ଥିତିର ପ୍ରଭାବରେ ପାଶବିକ ଆଚରଣ କରିଥାଏ ଏବଂ ନିଜ ପ୍ରାଣରେ ଭରିଦିଏ ପଶୁତ୍ୱ। ଏହି ପଶୁତ୍ୱରୁ ଜନ୍ମ ହୁଏ ଆତଙ୍କବାଦ। ମନୁଷ୍ୟ ନିଜର ସଂକୀର୍ଣ୍ଣ ସ୍ୱାର୍ଥବାଦୀ ଅଭିଳାଷା ଚରିତାର୍ଥ କରିବା ନିମନ୍ତେ ବାଛିନିଏ ଆତଙ୍କର ପଥ, ଖେଳେ ରକ୍ତର ପୈଶାଚିକ ହୋଲି। ସେ କେବଳ ବୁଝେ ବନ୍ଧୁକ ଗୁଳିଗୋଳା ଓ ରକ୍ତର ପରିଭାଷା। ହିଂସା ହୁଏ ତାର ଅଳଙ୍କାର। ଏହି ଆତଙ୍କବାଦ ଭାରତବର୍ଷ ତଥା ସମଗ୍ର ବିଶ୍ୱର ଅନେକ ଦେଶକୁ କବଳିତ କରିଛି। ଏହିଭଳି ପରିସ୍ଥିତିକୁ ଲକ୍ଷ୍ୟ କରି କୁହାଯାଇଛି। 'ମାନବ ପିଶାଚ କରିଅଛି ଆଜି ଭାରତ ମାକୁ ବନ୍ଦୀ କେତେ ନରହନ୍ତା କରନ୍ତି ତାଣ୍ଡବ ନେତ୍ରରେ ପୁଟୁଳୀ ବାନ୍ଧି' ମୁମ୍ବାଇର ୨୬/୧୧ ଆତ୍ମଘାତୀ ଆକ୍ରମଣରେ ୨୫୦ରୁ ଅଧିକ ନିରୀହ ବ୍ୟକ୍ତିଙ୍କ ଜୀବନ ପ୍ରଦୀପ ଲିଭିଯାଇଥିଲା। ଆମେରିକାର ବିଶ୍ୱବାଣିଜ୍ୟ କେନ୍ଦ୍ର ଉପରେ ୯/୧୧ରେ ଅପହୃତ ବିମାନକୁ ଧକ୍କା କରାଇବା ଫଳରେ ୩୦୦୦ରୁ ଅଧିକ ବ୍ୟକ୍ତି ଚିରନିଦ୍ରାରେ ଶୋଇଗଲେ। ଆମେରିକା ଏହାର ପ୍ରତିଶୋଧ ନେଇ ଉକ୍ତ ଆକ୍ରମଣର ମାଷ୍ଟରମାଇଣ୍ଡ କୁହାଯାଉଥିବା ଓସାମାବିନ ଲାଡେନକୁ ମୃତ୍ୟୁର ସ୍ୱାଦ ଚଖାଇଥିଲେ। ମୁମ୍ବାଇ ଆକ୍ରମଣରେ ଧରାପଡିଥିବା ମୁଖ୍ୟ ଖଳନାୟକ କସାବକୁ ଭାରତ ସରକାର ଫାଶୀ ଖୁଣ୍ଟରେ ଝୁଲାଇ ଦେଇଥିଲେ। ପୁଲୱାମାରେ ହୋଇଥିବା ଆତ୍ମଘାତୀ ବିସ୍ଫୋରଣରେ ୪୦ରୁ ଉର୍ଦ୍ଧ ଆମ ଦେଶର ଲଢୁଆ ସାହସୀ ବୀର ଯବାନ ସହୀଦ ହୋଇଥିଲେ। ଏହାର ପ୍ରତିଶୋଧ ସ୍ୱରୂପ ଭାରତୀୟ ବାୟୁସେନା ଆତଙ୍କବାଦୀଙ୍କ ଉପରେ ସର୍ଜିକାଲ ଷ୍ଟ୍ରାଇକ କରି ୧୪୦କୋଟି ଭାରତୀୟଙ୍କ ଦୁଃଖ ଓ କ୍ରୋଧ ଜର୍ଜରିତ ହୃଦୟରେ ଆନନ୍ଦର ଲହରୀ ସୃଷ୍ଟି କରିଥିଲେ। 'ସେଣ୍ଟର ଫ୍ରୋ ରିସର୍ଚ୍ଚ ଷ୍ଟଡି' ପାକିସ୍ଥାନ ପକ୍ଷରୁ ଆସିଥିବା ରିପୋର୍ଟ ଅନୁସାରେ ଆତଙ୍କବାଦୀଙ୍କ ପୋଷ୍ଟପୋଷାକତା ଓ ହର୍ତ୍ତାକର୍ତ୍ତା ଦୈବ୍ୟବିଧାତା ସାଜିଥିବା ପାକିସ୍ଥାନରେ ଆତଙ୍କବାଦୀଙ୍କ ଆକ୍ରମଣ ଯୋଗୁଁ ୨୦୨୩ରେ ୭୦୦ରୁ ଉର୍ଦ୍ଧ ନିରୀହ ବ୍ୟକ୍ତିଙ୍କ ଜୀବନ ପ୍ରଦୀପ ଲିଭିଯାଇଛି। ଭାରତ ସରକାରଙ୍କ ତଥ୍ୟ ଅନୁସାରେ ୧୯୭୦ରୁ ୨୦୧୫ ମଧ୍ୟରେ ଭାରତରେ ୯୯୮୨ଟି ଆତଙ୍କବାଦୀ ହମଲା ହୋଇଥିଲା ବେଳେ, ୧୮,୮୪୨ରୁ ଉର୍ଦ୍ଧ ନିରୀହ ଜନତାଙ୍କ ମୃତ୍ୟୁ ହୋଇଥିଲା। ୨୦୧୬ ସେପ୍ଟେମ୍ବର ୧୮ରେ କାଶ୍ମୀରର ଉରୀରେ ସବୁଠୁ ଭୟାନକ ହମଲା ହୋଇଥିବା ବେଳେ ଆମ ଦେଶର ୧୯ଜଣ ସାହସୀ ବୀର ଯବାନ ସହୀଦ ହୋଇଥିଲେ। ୨୦୧୯ ଫେବୃଆରୀ୧୪ରେ ବିଶ୍ୱ ଭାଲେଣ୍ଟାଇନସ ଦିବସ ପାଳୁଥିବା ବେଳେ ଆମ ଦେଶର ବୀର ଯବାନ ୪୨ଜଣ ସହୀଦ ହୋଇଥିଲେ। ଦୁର୍ଦ୍ଦାନ୍ତ ଆତଙ୍କବାଦୀ ସଂଗଠନ ହମାସ ୨୦୦୭ରେ ଆତଙ୍କୀ ଗତିବିଧି କାର୍ଯ୍ୟକଳାପ ଦ୍ୱାରା ନିଜର ଉପସ୍ଥିତ ଜାହିର କରିଆସିଛି। ଗାଜା ଷ୍ଟ୍ରିପକୁ ନିଜ ନିୟନ୍ତ୍ରଣରେ ରଖିଥିବା ପାଲେଷ୍ଟାଇନ ଆତଙ୍କବାଦୀ ଗୋଷ୍ଠୀ ହମାସ ଏବେ ନିକଟରେ ଇସ୍ରାଏଲ ଉପରେ ଭୟଙ୍କର ଆକ୍ରମଣ କରିଛି। ସମଗ୍ର ବିଶ୍ୱରେ ଏଭଳି ଆତଙ୍କବାଦୀ ଆକ୍ରମଣ ପୂର୍ବରୁ କେବେ ଦୃଶ୍ୟମାନ ହୋଇନଥିଲା। ବିଶ୍ୱର ଦ୍ୱିତୀୟ ବୃହତ୍ତ ଆତଙ୍କବାଦୀ ଆକ୍ରମଣ ବୋଲି ଏହାକୁ ଦାବି କରାଯାଉଛି। ଏହି ଭୟଙ୍କର ଆତଙ୍କବାଦୀ ଆକ୍ରମଣ ପାଇଁ ୧୪୦୦ରୁ ଉର୍ଦ୍ଧ ନିରୀହ ଇସ୍ରାଏଲ ଜନତାଙ୍କ ଜୀବନ ପ୍ରଦୀପ ଲିଭିଯାଇଛି। ଏଥିରେ ଅନେକ ବ୍ୟକ୍ତି ପଙ୍ଗୁ ଏବଂ ଗୁରୁତର ଆହତ ହୋଇଛନ୍ତି। ଏହାସହିତ ଅନେକ କୋମଳମତି ଶିଶୁ ଅନାଥ ହୋଇଯାଇଛନ୍ତି। ଏହି ବର୍ବରୋଚିତ ନରସଂହାର ପାଇଁ ହମାସ ନିଜକୁ ଦାୟୀ କରିଛି। ଏହି ହମାସ ଆତଙ୍କବାଦୀ ସଂଗଠନ ଏବେବି ୨୦୦ରୁ ଉର୍ଦ୍ଧ ନିରୀହ ଇସ୍ରାଏଲ ବ୍ୟକ୍ତିଙ୍କୁ ପଣବନ୍ଦୀ କରିରଖିଛି। ଇସ୍ରାଏଲ ଉପରକୁ ହଜାର ହଜାର ରକେଟ ମାଡ଼ ଏବଂ ପାଲଷ୍ଟାଇନ ଆତଙ୍କବାଦୀମାନେ ଇସ୍ରାଏଲରେ ଅନୁପ୍ରବେଶ କରି ବିଭତ୍ସ ସଂହାରଲୀଳା ଘଟାଇବା ଘଟଣା ଅତ୍ୟନ୍ତ ହୃଦୟ ବିଦାରକ ଏବଂ ଲୋମହର୍ଷଣକାରୀ। ଏହି ବର୍ବରୋଚିତ ନରସଂହାର ଆତଙ୍କବାଦୀ ସଂଗଠନ ହମାସ ୨୦ମିନିଟରେ ୫୦୦୦ ରକେଟ ମାଡ଼କରି ଇସ୍ରାଏଲରେ ଧ୍ୱଂସର ତାଣ୍ଡବଲୀଳା ଘଟାଇଥିଲେ। ଏହାକୁ ଶବ୍ଦ ରେ ପ୍ରକାଶ କରିବା ଅସମ୍ଭବ। ଇସ୍ରାଏଲ ପ୍ରଧାନମନ୍ତ୍ରୀ ଜନତାଙ୍କ ଉଦ୍ଦେଶ୍ୟରେ ଦେଇଥିବା ବାର୍ତ୍ତା ଅନୁସାରେ ପାଲେଷ୍ଟାଇନ ଆତଙ୍କବାଦୀ ଗୋଷ୍ଠୀ ହମାସର ମୂଳଉତ୍ପାଟନ କରିବାପାଇଁ ଏବଂ ସେଇ ଆତଙ୍କବାଦୀ ଗୋଷ୍ଠୀଙ୍କ ସମୂହ ବିନାଶ ପାଇଁ ଶପଥ ନେଇଛନ୍ତି। ଏହା ସହିତ ସେ କହିଛନ୍ତି ହମାସ ଆତଙ୍କବାଦୀ ମାନେ ଯୁଦ୍ଧ ଆରମ୍ଭ କରିଥିଲେ, ଆଉ ଯୁଦ୍ଧର ଅନ୍ତ ଇସ୍ରାଏଲ ସେନା କରିବ ଯାହାକୁ ସାରା ବିଶ୍ୱ ଦେଖିବ। ପାଲେଷ୍ଟାଇନ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ମନ୍ତବ୍ୟ ଅନୁସାରେ ଆଜି ପ୍ରର୍ଯ୍ୟନ୍ତ ୪୪୬୯ଜଣ ନିରୀହ ପାଲେଷ୍ଟାଇନ ଜନତାଙ୍କର ଜୀବନ ପ୍ରଦୀପ ଲିଭିଯାଇଛି ଏବଂ ୧୪୦୦ଜଣ ନିରୀହ ଇସ୍ରାଏଲ ଜନସାଧାରଣଙ୍କ ଅକାଳ ବିୟୋଗ ଘଟିଛି ଏହି ରକ୍ତାକ୍ତ ସଙ୍ଘର୍ଷ ହେବା ଦ୍ୱାରା। ଏଥିପାଇଁ ଏବେ ସମୟ ଆସିଛି ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ନିଜର ପୂର୍ବ ଶତ୍ରୁତା ଭୁଲି ବିଶ୍ୱର ସମସ୍ତ ରାଷ୍ଟ୍ର ଏହି ବିଜୟା ଦଶମୀରେ ଶପଥ ନିଅନ୍ତୁ ଯେପରିକି ସବୁ ଛୋଟ, ବଡ ଆତଙ୍କବାଦୀ ଗୋଷ୍ଠୀଙ୍କ ସମୂହ ବିନାଶ କରିବେ।

ସାରା ବିଶ୍ୱରେ ଶାନ୍ତି ଓ ଏକତା ପାଇଁ ଆତଙ୍କବାଦୀ ମାନଙ୍କର ସମୂହ ବିନାଶ ଅପରିହାର୍ଯ୍ୟ। ପାକିସ୍ଥାନ ଓ କାନାଡ଼ା ଭଳି କିଛି ରାଷ୍ଟ୍ର ନିଜର ରାଜନୈତିକ ସ୍ୱାର୍ଥ ପାଇଁ ଆତଙ୍କବାଦୀ ମାନଙ୍କୁ ନିଜ ଦେଶରେ ପ୍ରଶୟ ଦେଉଛନ୍ତି। ଆତଙ୍କବାଦୀ ମାନଙ୍କୁ ନିଜ ଦେଶରେ ପ୍ରଶୟ ଦେବା ଅର୍ଥ ବିଷଧର ସର୍ପକୁ ଦଂଶନ ପାଇଁ ଆମନ୍ତ୍ରଣ କରିବା ସଦୃଶ। ଭସ୍ମାସୁର ପରି ପରିସ୍ଥିତି ସୃଷ୍ଟି ହେବ, ରକ୍ଷା କରିବା ପାଇଁ କେହିନଥିବେ। ସେଥିପାଇଁ ଆମ ଭାଗବତରେ କୁହାଯାଇଛି

'ଆପଣା ହସ୍ତେ ଜିହ୍ୱା ଛେଦି,
କେ ଅଛି ତାର ପ୍ରତିବାଦୀ"

ବିଶ୍ୱର ସମସ୍ତ ରାଷ୍ଟ୍ରଙ୍କ ମିଳିତ ଉଦ୍ୟମ ଓ ପ୍ରଚେଷ୍ଟା ବଳରେ ଆତଙ୍କବାଦୀଙ୍କ ସମୂହ ବିନାଶ ସମ୍ଭବ ହୋଇପାରିବ। ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ।

*ଗୋପାଳପୁର, ବାଲେଶ୍ୱର*
*ଦୂରଭାଷ : ୭୦୨୦୬୧୧୩୦୦*

# ସେକ୍ସଟୋରସନ୍: ଡିଜିଟାଲ୍ ମହାମାରୀ



ଡା ଇପ୍ସିତା ପ୍ରଧାନ

*(ପୂର୍ବପ୍ରକାଶ ଉତ୍ତାରୁ)*

ଇଗନୋର୍ କିମ୍ବା ବ୍ଲକ୍ କରିବା ଦ୍ୱାରା ଜଣଙ୍କର ଭବିଷ୍ୟତରେ ନିଜର ଏବଂ ପରିଚିତ ମାନଙ୍କର ଏହି ସେକ୍ସଟୋରସନର ଶୀକାର ହେବାର ଆଶଙ୍କା କମିଯାଏନି। ତେଣୁ ଏପରି କୌଣସି ଦୁର୍ଘଟଣାର ଶୀକାର ହେଲେ, ବ୍ଲକ୍ କରିବା ପୂର୍ବରୁ ମେସେଜ୍ ଏବଂ ଲିଙ୍କର ସ୍କ୍ରିନ୍-ସଟ୍ ରଖିବା ସହ ଅଭିଯୋଗ କରନ୍ତୁ। ପ୍ରଥମେ ଆପଣ ବ୍ୟବହାର କରୁଥିବା ସୋସିଆଲ୍ ମିଡିଆ ପ୍ଲାଟଫର୍ମର "ରିପୋର୍ଟ ୟୁଜର" ଅପ୍ସନ୍ ରେ ଅଭିଯୋଗ କରିବା ଉଚିତ୍। ଏହା ଦ୍ୱାରା ଉକ୍ତ ସୋସିଆଲ୍ ମିଡ଼ିଆ ସାଇଟକୁ ଅଭିଯୁକ୍ତର ଆକାଉଣ୍ଟ, ଆଇ ଡିକୁ ବ୍ଲକ୍ କରିବା ଏବଂ ଅନ୍ୟ ମାନଙ୍କ ପାଖରେ ସେ ଆଉ ଯେପରି ନପଶେ, ଉପଯୁକ୍ତ ପଦକ୍ଷେପ ନେବାରେ ସାହାଯ୍ୟ କରେ। ଏହାଛଡା ଭାରତରେ ଆପଣ ନିକଟସ୍ଥ ଥାନା ଏବଂ ସାଇବର୍ କ୍ରାଇମ୍ ସେଲରେ ଅଭିଯୋଗ କରିବା ସହ "**cybercrime.gov.in**" ମାଧ୍ୟମରେ ଅନଲାଇନ୍ ଅଭିଯୋଗ ମଧ୍ୟ ଫାଇଲ୍ କରି ପାରିବେ (ନିଜ ରାଜ୍ୟର ଅଧିକାରୀ, ଫୋନ ନମ୍ବର, ଇମେଲ୍ ଆଇ ଡି ଏବଂ ସେକ୍ସଟୋରସନ୍ ବିଷୟରେ ନ୍ୟାସନାଲ୍ ସାଇବର୍ କ୍ରାଇମ୍ ରିପୋର୍ଟର ପୋର୍ଟାଲରୁ ବିବରଣୀ ମିଳିଯିବ)। ଅନଲାଇନ୍ ସେକ୍ସଟୋରସନର ମାମଲାଟି ନିଜ ଥାନା ଧିନରେ ନଘଟିଥିଲେ ମଧ୍ୟ କୋଡ୍ ଅଫ୍ କ୍ରିମିନାଲ୍ ପ୍ରୋସିଡ୍ୟୁରର ସେକ୍ସନ୍ ୧୫୪ ଅନୁସାରେ ଥାନା ଅଧିକାରୀ ପିଡୀତଙ୍କ ଅଭିଯୋଗ ରିକର୍ଡ କରିବା ପାଇଁ ବାଧ୍ୟ ଅଟନ୍ତି। ଯଦି ଅପରାଧୀକୁ ପିଡୀତା ଚିହ୍ନଟ କରି ପାରନ୍ତି ଏବଂ ତା' ପାଖରେ ଉପଲବ୍ଧ ଫଟୋ କିମ୍ବା ବସ୍ତୁ ତାଙ୍କ ବିରୋଧରେ ଯୌନନିର୍ଯ୍ୟାତନାର ମାଧ୍ୟମ ହୋଇପାରେ ତାହେଲେ କୋଡ୍ ଅଫ୍ କ୍ରିମିନାଲ୍ ପ୍ରୋସିଡ୍ୟୁର, ୧୯୭୩, ଧାରା ୧୦୮ (୧)(i)(ବ) ଅନୁସାରେ, ପିଡୀତା ସ୍ଥାନୀୟ ମାଜିଷ୍ଟ୍ରେଟଙ୍କୁ ସ୍ୱୟଂ ଫୋନ୍ ମାଧ୍ୟମରେ ଅଭିଯୋଗ କରି ପାରିବେ। ଇନଫରମେସନ୍ ଆଣ୍ଡ୍ ଟେକ୍ନୋଲୋଜି ଆକ୍ଟ ୨୦୦୦ ଏବଂ ଆଇ ପି ସି ୧୮୬୦ରର ଧାରା ୩୫୪ (ଏ- ଡି) ଅଧିନରେ ଅନଲାଇନ୍ ସେକ୍ସଟୋରସନର ଦଣ୍ଡବିଧାନ ରହିଛି। ଏହାପାଇଁ ଜରିମାନା ସହ ତିନିରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ସଶ୍ରମ କାରାଦଣ୍ଡ ମିଳିଥାଏ।

କିନ୍ତୁ କେବଳ ମାମଲା ଦର୍ଜ କରି ଆଇନ ଅନୁଯାୟୀ ଦଣ୍ଡ ମିଳିଗଲେ ସମସ୍ୟାର ସମାଧାନ ହେବନି। ଆଉ ସବୁବେଳେ ଯେ ଅନଲାଇନ୍ ବା ସାଇବର୍ ଅପରାଧୀକୁ ସଠିକ୍ ସମୟରେ ଧରି ଦଣ୍ଡିତ କରା ଯାଇ ପାରୁଛି ତାହା ମଧ୍ୟ ସମ୍ଭବ ନୁହେଁ। ତେଣୁ ଏହା ପାଇଁ ଅଭିଭାବକ ମାନଙ୍କୁ ହିଁ ସଜାଗ ରହିବା ପାଇଁ ପଡିବ। ନିଜ କିଶୋର ସନ୍ତାନକୁ କେବଳ ଆକଟ, ଶାସନ କିମ୍ବା ଉପଦେଶ ଦେବା ବଦଳରେ ପ୍ରଥମେ ତା' ସହ ବନ୍ଧୁତା ସ୍ଥାପନ କରନ୍ତୁ। ସନ୍ତାନର ଗତିବିଧି ଉପରେ ଧ୍ୟାନ ଦେବାର ଅର୍ଥ ନୁହେଁ ଆପଣ ତା' ପଛରେ ଡିଟେକ୍ଟିଭ୍ ପରି ଲାଗିଯିବେ। ପ୍ରଥମେ ତା' ସହ ନିଜ ମନକଥା ବାଣ୍ଟି, ଉତ୍ସାହିତ କରି, ତା' ସ୍କୁଲ, ସାଙ୍ଗ ଏବଂ ସୋସିଆଲ୍ ମିଡିଆ ଆକ୍ଟିଭିଟି ବିଷୟରେ ଶୁଣନ୍ତୁ। ବିଶ୍ୱରେ ଘଟୁଥିବା ବିଭିନ୍ନ ଘଟଣା ବିଷୟରେ ନିଜେ ପଢିବା ସହ ତାକୁ ମଧ୍ୟ ପଢିବା ପାଇଁ ଉତ୍ସାହିତ କରି ସଜାଗ ରହିବା ପାଇଁ ବୁଝାନ୍ତୁ। ନିଜ ସନ୍ତାନଙ୍କୁ ବୁଝାଇବା ସହ ନିଜେ ମଧ୍ୟ କେତୋଟି କଥା ଧ୍ୟାନ ରଖନ୍ତୁ ଏବଂ ଘରର ବୟସ୍କ ମାନଙ୍କୁ ମଧ୍ୟ ବୁଝାନ୍ତୁ: (୧) ଯେତେ ପ୍ରିୟ ଏବଂ ବିଶ୍ୱସ୍ତ ସାଙ୍ଗ ହେଲେ ମଧ୍ୟ ତା' ସହ ନିଜର ଅନ୍ତରଙ୍ଗ ଏବଂ ଆପତ୍ତିଜନକ ଫଟୋ ସେୟାର କରନ୍ତୁ ନାହିଁ; (୨) ଅଜଣା ନମ୍ବର ଏବଂ ବ୍ୟକ୍ତିଙ୍କ ପାଖରୁ ମେସେଜରେ ମିଳୁଥିବା ଆଟାଚମେଣ୍ଟ କିମ୍ବା ଲିଙ୍କ୍ ଖୋଲନ୍ତୁ ନାହିଁ; (୩) ବ୍ୟବହାର ନକରୁଥିବା ସମୟରେ ନିଜର ଲ୍ୟାପଟପ୍, କମ୍ପ୍ୟୁଟର, ୱେବ୍-କ୍ୟାମ୍ ଆଦି ବନ୍ଦ (ସଟ୍-ଡାଉନ୍) କରି ରଖନ୍ତୁ; (୪) ସୋସିଆଲ୍ ମିଡିଆରେ ନୂଆ କରି ହୋଇଥିବା ବନ୍ଧୁ ଯଦି ସାଙ୍ଗେସାଙ୍ଗେ ଅନ୍ୟ କୌଣସି ସୋସିଆଲ୍ ମିଡିଆ ମାଧ୍ୟମରେ କଥାବାର୍ତ୍ତା ହେବାକୁ ତତ୍ପର ହୁଅନ୍ତି କିମ୍ବା ଆକାଉଣ୍ଟ ବଦଳାଇ ବଦଳାଇ କଥା ହୁଅନ୍ତି ତେବେ ସାବଧାନ ରୁହନ୍ତୁ; (୫) ସୋସିଆଲ୍ ମିଡିଆରେ ନୂଆ କରି ହୋଇଥିବା ବନ୍ଧୁ ହଠାତ୍ ଅନ୍ତରଙ୍ଗ କଥାବାର୍ତ୍ତା ଆରମ୍ଭ କଲେ ସଜାଗ ରୁହନ୍ତୁ; (୬) ଯଦି କୌଣସି ସୋସିଆଲ୍ ମିଡିଆ ବନ୍ଧୁ ନିଜର କୌଣସି ଆପତ୍ତିଜନକ, ଅନ୍ତରଙ୍ଗ ଫଟୋ ପଠାନ୍ତି ତାହେଲେ ଆଗକୁ କଥା ନହୋଇ, ବିରତି ନିଅନ୍ତୁ। ଏହା ହିଁ ସେକ୍ସଟୋରସନ୍ ଠକେଇର ପ୍ରଥମ ସୋପାନ; (୭) ମେସେଜ୍ କିମ୍ବା କଲ୍ ମାଧ୍ୟମରେ ଟଙ୍କା ମଗାଗଲେ ସାଙ୍ଗେସାଙ୍ଗେ ଟଙ୍କା ନପଠାଇ। ଧୈର୍ଯ୍ୟଧରି ପ୍ରଥମେ କଥୋପକଥନର ସମ୍ପୂର୍ଣ୍ଣ ବିବରଣୀର ସ୍କ୍ରିନ୍-ସଟ୍, ଆକାଉଣ୍ଟ ଡିଟେଲ୍ସ ସେଭ୍ କରି ରଖିବା ସହ ଉକ୍ତ ସୋସିଆଲ୍ ମିଡ଼ିଆ ପ୍ଲାଟଫର୍ମରେ ରିପୋର୍ଟ କରନ୍ତୁ। ଆଗକୁ ଆଉ କୌଣସି ବାର୍ତ୍ତାଳାପ ନକରି ନିକଟସ୍ଥ ସାଇବର ସେଲ୍ କିମ୍ବା ଅନଲାଇନ୍ ଅଭିଯୋଗ ଦର୍ଜ କରନ୍ତୁ। (୮) ଜଣେ ବନ୍ଧୁଙ୍କ ପାଖରୁ ବାରମ୍ବାର ଫ୍ରେଣ୍ଡ୍ ରିକ୍ୱେଷ୍ଟ ଆସିଲେ ଗ୍ରହଣ କରିବା ପୂର୍ବରୁ ଉକ୍ତ ବନ୍ଧୁଙ୍କୁ ପଚାରି ନିଅନ୍ତୁ।

*ଦୂରଭାଷ : ୮୦୧୮୦୫୩୩୯୫*

ଧାରାବାହିକ ଉପନ୍ୟାସ

# ମୌନ ଯୋଗୀ



## ପୁଷ୍ପାରାଣୀ ପଟେଲ

ଭାଗ-୩୨

**ପୂର୍ବାଭାଷ**

*ସ୍ନିଗ୍ଧା ଓ ପୂରବୀ ଆଜି ଖୋଲି ଦେଇଥିଲେ ପରସ୍ପରକୁ ପରସ୍ପର ନିକଟରେ। ପୂରବୀ ଶୁଣୁଥିଲା ଓ ସ୍ନିଗ୍ଧା ବଖାଣି ଚାଲିଥିଲା ନିଜକୁ, ସେ ଭୋଗିଥିବା କିଛି ଦୁଃଖକୁ-କିଛି ସୁଖକୁ। ପୂରବୀ ଭାବୁଥିଲା, 'ଆହା, କେତେ ଦୁଃଖ ଜମାଟ ବାନ୍ଧିଛି ସ୍ନିଗ୍ଧାର କୋମଳ ମନଟିରେ ସତେ। ବାପାଙ୍କର ବିଶ୍ୱାସକୁ, ଭଲ ପାଇବାକୁ ପାଇବା ପାଇଁ ଏତେ ପରିଶ୍ରମ କରି ପ୍ରଥମ ସ୍ଥାନ ଅଧିକାର କଲା ପରେ ମଧ କଣ ସେ ଜିତି ପାରିଲାକି ତା' ବାପାଙ୍କର ବିଶ୍ୱାସକୁ ? 'କାହିଁ ପାରିଲାନି ତ !' ତେବେ କ'ଣ ହେଲା ଆଗକୁ .... ! !*

*(ପୂର୍ବପ୍ରକାଶ ଉତ୍ତାରୁ)*

*"ହାଏ ... ପୂରବୀ ! ମୁଁ କେତେ ମିଛରେ ନିଜ ଭିତରେ ଗୁଡେଇ ହେଉଥିଲି ଏତେ ଦିନ। ଦେଖିପାରି ନଥିଲି, ମୋ' ବାପାଙ୍କ ଭିତରେ ଲୁଚିଥିବା ସେଇ ସାଧାରଣରୁ ଅତି ସାଧାରଣ ବାପାଙ୍କୁ ମୋ'ର। ଭେଟିଲି, ଯେତେବେଳେ ଶୁଣିଲି ସବୁ ସାଧାରଣ ବାପାଙ୍କ ପରି ସେ ବି କହୁଥିଲେ, 'ଝିଅ ଘିଅ ! ଯେତେ ଶୀଘ୍ର ଦାୟିତ୍ୱ ମୁକ୍ତ ହେଇଯିବ, ସେତେ ଭଲ।'*

*ମନ, ମସ୍ତିଷ୍କ ସବୁ ଆନ୍ଦୋଳିତ ହେଇ ଉଠିଲା ବାପାଙ୍କ କଥା ଶୁଣି। ହୁଏତ ବିଦ୍ରୋହ ବି କଲା ତେବେ ନିଜ ଭିତରେ। ମୋ' ନିଜ ମନର ପ୍ରଶ୍ନସବୁ ଜମାଟ ବାନ୍ଧି ପାହାଡ ପରି କଠିଣ ରୂପ ନେଉଥିଲା ମୋ' ଭିତରେ। କାହା ପାଖରୁ ବା ଉତ୍ତର ଆଶା କରନ୍ତି, ମୋ'ର ଯେ ପ୍ରଶ୍ନ କରିବାର ହିଁ ସାମର୍ଥ୍ୟ ନଥିଲା। ଛୋଟଟି ବେଳୁ ସଂସ୍କାରୀ, ସୁଶିଳ ଝିଅଟିଏର ମୁକୁଟ ପିନ୍ଧାଇ ସେମାନେ ଯେ ଛଡାଇ ନେଇଥିଲେ ମୋ'ର ସ୍ୱର ମୋ' ପାଖରୁ।*

*ତା' ବୋଲି ମୋ' ପ୍ରଶ୍ନର ମୁଁ ଉତ୍ତର ପାଇଲିନି ବୋଲି ତ ନୁହଁ। ପାଇଲି, ଯେବେ ଯାଇ ବସିଲି ବିବାହ ବେଦୀରେ। ତାଲା ପକାଇଲି ମୋ'ର ସେଇ ଦୁର୍ମୂଲ୍ୟ ସାର୍ଟିଫିକେଟ୍ ମାନଙ୍କୁ ଘରର ପୁରୁଣା କାଠ ଆଲମାରୀ ଭିତରେ ଓ ଚୁପ୍ ଚାପ୍ ଯାଇ ବସିଲି ଜଣେ ଅଜଣା ଅଶୁଣା ମଣିଷର ଡାହାଣ କଡରେ, ତା'ର ଓ ତା' ପରିବାରର ଦାୟିତ୍ୱକୁ ମୁଣ୍ଡରେ ମୁଣ୍ଡାଇ।*

*- ଉତ୍ତର କ'ଣ ଜାଣ ?*

*- ମୁଁ ଏ ସମାଜର ସବୁ ଝିଅଙ୍କ ପରି ଏକ ସାଧାରଣ ଝିଅ ହିଁ, ଯାହାର ଜନ୍ମ ପରଠୁ ସଭିଏଁ ଗୋଟିଏ କଥା ଘୋଷି ରଖିଥାନ୍ତି ମନରେ, 'ଝିଅ ଜନମ ଚୁଲି ମୁଣ୍ଡକୁ'। ମୋ' ବାପା ବି ଏ ସମାଜର ସବୁ ବାପାଙ୍କ ପରି ଏକ ସାଧାରଣ ବାପା, ଯିଏ ଝିଅ ଜନ୍ମ ହେବା ପରଠାରୁ ଦାୟିତ୍ୱ ବୋଝରେ ଚାପି ହେଇଯାନ୍ତି। ଝିଅକୁ ସୁରକ୍ଷିତ ଭବିଷ୍ୟତ ଦେବା ନ୍ୟାୟରେ ଖୋଜି ବୁଲନ୍ତି ବରପାତ୍ର।*

*ମୁଁ କ'ଣ ଭୁଲ କହୁଛି, ପୂରବୀ ?*

*(ପୂର୍ବପ୍ରକାଶ ଉତ୍ତାରୁ)*

ପ୍ରେମକୁ କିଞ୍ଚିତ୍ ପାଇହୁଏ, ଥରେ ତାକୁ ପାଇ ସାରି ହଜାଇଲା ପରେ। ପୁଣି କିଛି ପାଇ ହୁଏ ସେଇ ହଜିଲା ପଣରେ ନିଜକୁ ସମ୍ପୂର୍ଣ୍ଣ ରୂପେ ହଜାଇ ସାରିଲା ପରେ।

ଦୁଇଟି ଏକାକାର ଆତ୍ମା ହିଁ କେବଳ ଦେଇପାରିବେ ସେଇ ପ୍ରେମାନୁଭବର ସଂଜ୍ଞା।

ମୁଁ ତୁମକୁ କେମିତି ବା ବତାଇବି ! ହଁ... ଏକ ସମର୍ପିତ ମନ ନେଇ ମୁଁ ଦିନରାତି ଅହରହ ସବୁ ମୁହୂର୍ତ୍ତ ଝରି ଚାଲିଥିଲି ତାଙ୍କୁ।

।।୭।।

ଅନେକ ଦିନ ହେଲାଣି ପୂରବୀ ନୀରବ। କାହିଁକି ... ତୁମେ ନୀରବି ଯାଇଛ ପୂରବୀ ! କ'ଣ ଭାବୁଛ ଯେ ତୁମେ ? - ପଚାରୁଥିଲା ସ୍ନିଗ୍ଧା ଆତୁରତାର ସହ।

ପୂରବୀ – ମୁଁ ଯେ ଈର୍ଷା କରୁଛି ତୁମକୁ ସ୍ନିଗ୍ଧା। ଖୁବ୍ ଭାଗ୍ୟବତୀ ତୁମେ ସତରେ !

ସ୍ନିଗ୍ଧା - ହେଃ ... ଈର୍ଷା କ'ଣ ଯେ ! ଇଏ ତ ତୁମର ଭଲପାଇବା ମୋ' ପାଇଁ।

ପୂରବୀ – ହଁ ! ସେକଥା ତ ସତ ! ତା ପରେ ... ତା ପରେ କ'ଣ ହେଲା ପୂରବୀ ? ଯୋଗୀ କ'ଣ ଆଉ କେବେ ତୁମ ସାଥିରେ କିଛି କଥା ହେଲେ ନାହିଁ ?

ସ୍ନିଗ୍ଧା – ସେମିତି ବିଲକୁଲ ବି ନୁହେଁ ପୂରବୀ। ହଉ ...ଶୁଣ...।

ତୁମେ ଯେ ଭାବୁଛ, ସେ ମୋତେ ଏକା କରିଦେଇ ଦୂରେଇ ଗଲେ ମୋ' ଠାରୁ, ଏକଥା ସମ୍ପୂର୍ଣ୍ଣ ରୂପେ ଭୁଲ୍। ସେ ଥିଲେ ମୋ' ସାଥିରେ ଠିକ୍ ଛାଇଟିଏ ପରି। ନା ... ବୋଧହୁଏ ତା'ଠାରୁ ଆହୁରି ଅଧିକ ନିବିଡ ଭାବେ ସେ ଥିଲେ ମୋ' ସହିତ। ଏକଥା ତୁମେ ବି ଅନୁଭବ କରିପାରିବ ଯଦି ମୁଁ କହିଦିଏ ତୁମକୁ ଖୋଲିକି ମୋ'ର ଅନୁଭବର ଗୋଟି ଗୋଟି କଥା।

ହଁ, ଏତିକି ବେଳେ ଯେ ଆଉ ସାଇ କଥା ନ କହିଲେ ନଚଳେ। ଏସବୁ ଘଟଣା ମୋ' ଜୀବନରେ ଘଟୁଥିବା ବେଳେ ମୋ' ସାଥିରେ 'ସାଇ' ମଧ ଯୋଡି ହୋଇ ସାରିଥିଲା ଏକ ଆପଣାର ସମ୍ପର୍କରେ। ସମ୍ପର୍କ ପୁଣି ମା' ଓ ପୁଅର।

ପ୍ରଥମ କଥାରୁ ହିଁ ସେ ମୋତେ ସମ୍ବୋଧନ କଲା, 'ମା' ! ମୁଁ ଆଶ୍ଚର୍ଯ୍ୟ ହେଲି ଅଥଚ ଆଡେଇ ଯାଇ ପାରିଲିନି।

ମା' ସମ୍ବୋଧନକୁ କ'ଣ ଆଡେଇ ହୁଏ ? କେଜାଣି ? ମୁଁ ପାରିଲିନି। ଅବଶ୍ୟ ବୟସର ପରିପକ୍ୱତା ଯୋଗୁଁ ଏତେ ସହଜରେ ବିଶ୍ୱାସ ମଧ କରିପାରିଲିନି। କିଛି ସାଧାରଣ କଥାବାର୍ତ୍ତା ପରେ ପଚାରିଲି ତା' ବିଷୟରେ। ଜାଣିବାକୁ ପାଇଲି - ମେ ବି ମୋ' ଭଳି ସାହିତ୍ୟପ୍ରେମୀ ମଣିଷଟିଏ।



ଅନେକ କିଛି ଜାଣେ ସେ, ସେଇ ମୋ'ର ଅଜ୍ଞତା ସାହିତ୍ୟ ଦୁନିଆ ସମ୍ପର୍କରେ। ଆହୁରି ବି ସେ ରୁହେ ଭୁବନେଶ୍ୱରରେ।

ଏସବୁ କ'ଣ କମ୍ ସଂଯୋଗର କଥା ଥିଲା ମୋ' ପାଇଁ। ମୁଁ ସ୍ୱାର୍ଥୀ ହେଇଉଠିଲି ପୂରବୀ।

'ଓଃ ... ସେ ତ ଅମ୍ଳାନଙ୍କୁ ଜାଣିଥିବ ନିଶ୍ଚୟ !" - ହଜି ଯାଇଥିବା ହୀରା, ନିଳା, ମୋତି, ମାଣିକ୍ୟର ସନ୍ଧାନ ପାଇବା ଭଳି ମୋ' ମୁହଁର ଭାବ।

'ଆଃ... ମୁଁ ସେ ଖଉବ୍ ସ୍ୱାର୍ଥପର ପୂରବୀ। ! ନହେଲେ ଏତେ ସାନ ଛୁଆଟି ସାଥିରେ ମୋ'ର କଣ ବା ସମ୍ପର୍କ ଯୋଡିବାର ଏତେ ଅଭିଳାଷା !

ତା' ନାଆଁ ପରି ହିଁ ଦରଦୀ ହୃଦୟର ପିଲାଟିଏ ସାଇ। ସଦାବେଳେ ସମସ୍ତଙ୍କୁ ସାହାଯ୍ୟ, ସହଯୋଗର ହାତ ବଢ଼ାଇବା ପାଇଁ ଆଗଭର। ଦିନେ ସାଇ ପାଖରୁ ଆସିଲା ଫଟୋଟିଏ। ସେ ଫଟୋ ଦେଖି ମୁଁ ତ ଖୁସିରେ ପାଗଳୀ ପ୍ରାୟ। ଆତ୍ମହରା ହେଇଉଠିଲି ମୁଁ ପୂରବୀ। ତୁମେ କହିଲ ଦେଖି, କ'ଣ ଥିବ ସେ ଫଟୋରେ ! ନା, ତୁମେ କହିପାରିବନି। ଶୁଣ, ମୁଁ କହି ଦେଉଛି -

ସେ ଫଟୋରେ ସାଇ ଠିଆ ହେଇଥିଲା ଅମ୍ଳାନଙ୍କ ପାଖରେ। ଦୁହିଁଙ୍କ ମୁହଁରେ ହସର ଝଲକ୍ ଖେଳି ବୁଲୁଥିଲା। ଆଉ ମୋ' ଖୁସିକୁ ତ ତୁମେ ଅନୁଭବ କରିପାରୁଥିବ ନିଶ୍ଚୟ।

ହଁ, ସାଇ ସାଥିରେ ଭେଟ ବୋଧହୁଏ ଏଇ ମୋ'ର ଜୀବନୋପନ୍ୟାସର ଏକ ଅଂଶ ଥିଲା।

କହିପାର, 'ପ୍ରାରବ୍ଧ' ବୋଲି।

ଯାହା ବି କୁହ ପୂରବୀ, ମଣିଷ ସବୁ ବୁଝେ, ଜାଣେ, କେବଳ ନିଜକୁ ହିଁ ଚିହ୍ନି ପାରେନା କେବେହେଲେ। ଏ ଜୀବନଟା ଏକ ରଙ୍ଗମଞ୍ଚ। ଆମେ ତ କେବଳ ଛାର ଏକ ଏକ ଚରିତ୍ର ଏ ଜୀବନ ନାଟିକାର। ନିର୍ଦ୍ଦେଶକ ଯେ ଚୁପ୍ ମାରି ବସିଛନ୍ତି କାହିଁ କେଉଁ ଦୂର ଅନନ୍ତ ଆକାଶର ଆଢୁଆଳେ। ଦେଖିବ ଯଦି, ଏ ନାଟିକାରେ ଯୋଗୀଙ୍କ ସଂଳାପ ସମ୍ପୂର୍ଣ୍ଣ ନୀରବତା। ମୋ' ଚରିତ୍ର ଯେ ଏକ ମୋହାଚ୍ଛନ୍ନ ସ୍ୱପ୍ନାବିଷ୍ଟ ନାୟିକାର। ଏଭଳି ଦୁଇଟି ବିଚ୍ଛିନ୍ନ ଚରିତ୍ର ଭିତରେ ପ୍ରେମ କାହାଣୀ ପାଇଁ, ନିର୍ଦ୍ଦେଶକଙ୍କୁ ନିଶ୍ଚୟ ଲୋଡା ପଡିଥିବ ଜଣେ ସୂତ୍ରଧର, ମଧ୍ୟସ୍ଥି। ସେଇ ଚରିତ୍ରରେ ନିୟୋଜିତ କି' ଏଇ ଆମ 'ସାଇ' !

ଛାଡ... ସେକଥା। ସେ ଯାହା ବି ହେଉ, ମୋ'ର ସାଇ ସାଥିରେ ମା' ପୁଅର ଆତ୍ମୀୟତା ଗଢ଼ିଉଠିଲା ଖୁବ୍ କମ୍ ଦିନ ଭିତରେ।

ହଁ, ତୁମକୁ ମୁଁ କହୁଥିଲିନି ଅମ୍ଳାନଙ୍କର ଗାଳ୍ପିକା ସମ୍ବୋଧନ ଶୁଣି ମୁଁ ଲେଖି ପକାଇଥିଲି ମୋ' ଅନୁଭବ ମାନଙ୍କୁ ନେଇ କେତେ କେତେ ଗଳ୍ପ। ସବୁ ଗଳ୍ପ ପଢ଼ିବା ପରେ ମୋତେ ମିଳୁଥିବା ଅମ୍ଳାନଙ୍କର ପ୍ରତିକ୍ରିୟା। ଅଥଚ ଯେଉଁଦିନୁ ତାଙ୍କୁ ନେଇ ଗପ ଲେଖିଲି, ସେଦିନ....

(କ୍ରମଶଃ)



# ଗୋଲାମ ଦେଶ

## ଅଧ୍ୟାପକ କୈଳାସ ଚନ୍ଦ୍ର ସାହାଣୀ




ସ୍ୱାଧୀନତା ସହ ସ୍ୱାଭିମାନ ଅପହୃତ ହେଲାପରେ
ଗୋଟିଏ ଭୂଖଣ୍ଡ ପାଲଟିଗଲା
ଗୋଲାମ ଦେଶ,
ବର୍ଷ ବର୍ଷର ଶୋଷଣ
କାରା କଷଣ ଜୀବନକୁ କଲା ଭୀତିପ୍ରଦ,
ମୃତ୍ୟୁର ଫାଶୀ ଖୁଣ୍ଟ
ଅବା ଆଗ୍ନେୟାସ୍ତ୍ର
ଶେଷ କଲା ଜୀବନ ନାଟିକା,
କୋରଡା ମାଡ,
କଳାପାଣିର ଅସ୍ୱାସ୍ଥ୍ୟକର ପରିବେଶରେ
ସଶ୍ରମ କାରାଦଣ୍ଡ
ଜୀବନକୁ କଲା ଦୁର୍ବିସହ ,
ଗୋଲାମ ହେବା ଯେମିତି ବାଧ୍ୟବାଧକତା ପାଲଟିଗଲା
ପରିସ୍ଥିତିର ଦାୟରେ !
କେବେ ପ୍ରକୃତିର କ୍ରୁରତାରେ
ସନ୍ତୁଳିହେଲା ଦେଶ,
ବନ୍ୟା, ମରୁଡି, ବାତ୍ୟାରେ
ଭାଙ୍ଗିଲା ଦେଶର ଅଣ୍ଟା,
ଏହାର ପ୍ରତିକାରକୁ ଅଣଦେଖା କରିଥିବା ଶାସକ
ଆଜି ବିତର୍କର କାଠଗଡାରେ,
ବିଦେଶୀ ସେଇମାନେ
ଯେଉଁମାନେ ଏ ଦେଶକୁ ଲୁଟିଛନ୍ତି ବାରବାର,
କେବେ ସତର ଥର ସୋମନାଥ ମନ୍ଦିର ଲୁଣ୍ଠନ ତ
କେବେ କଳାପାହାଡର ଆକ୍ରମଣରେ
ପାତାଳି ଜଗନ୍ନାଥ,
ଆମ ଆଗରେ ବିଜାତିଙ୍କର ବଳାତ୍କାର,
ହତ୍ୟା, ନରସଂହାର
ସମସ୍ତ ବର୍ବରତା !
ଅଥଚ ଆମେ ସହିଗଲୁ ସେ ଅକ୍ଷମଣୀୟ ଅପରାଧକୁ,
ବଦଳାଇଦେଲୁ ଆମର ଧର୍ମ
ଏବେ କୋଳେଇ ନେଇଛୁ ଭ୍ରାତୃତ୍ୱର ବନ୍ଧନରେ !
କେଉଁଠି ଥିଲା ସେ ପୌରୁଷ
ଯେତେବେଳେ ବର୍ଗୀମାନେ ଲୁଟୁଥିଲେ,
ରାହାଜାନୀ କରୁଥିଲେ,
ଜୋର ଜବର ଆମଠାରୁ କର ଅସୁଲ କରୁଥିଲେ,
ନଚେତ ଯୁଦ୍ଧର ଡାକରା ଦେଇ
ନୃଶଂସତାର ନମୂନା ରଖୁଥିଲେ।
କାଳକ୍ରମେ ସମସ୍ତେ ଶୋଷିଛନ୍ତି ଏ ମାଟିର ରସ
ଏ ମାଟି ମଣିଷର ରକ୍ତ,
ସାତ ଦରିଆପାରି ବଣିକ ଦିନେ
ଶାସନର ପଞ୍ଝାରେ ଶୋଷଣର ନୂଆ କୌଶଳ
ଆରମ୍ଭ କଲେ,
ଭୀତ ଚକିତ କରାଇ ଗୋଲାମ ମାନସିକତାରେ
ଆମକୁ ସଜାଇ ଦେଲେ,
ପୀଢି ପରେ ପୀଢି ଆମେ
ଲାଞ୍ଛିତ ଅପମାନିତ ହୋଇ ସୁଦ୍ଧା
କ୍ରୀତଦାସ ହେବାର ମୋହ
ତ୍ୟାଗ କରିପାରିଲୁ ନାହିଁ,
ଏବେ ଗୋଟିଏ ନାଆଁ ବଦଳିଗଲେ
ବଦଳିଯିବ ଗୋଲାମ ଦେଶ,
ନେତା, ମନ୍ତ୍ରୀ, ଅମଲା ମାନଙ୍କ
ତହବିଲରୁ ଫେରିଆସିବ କଳାଟଙ୍କା,
ଦୁର୍ନୀତିର ମୂଳୋତ୍ପାଟନ ହେବ,
ଅଣ ଓଡିଆଙ୍କ ଦ୍ୱାରା ଲୁଟ ହେବନି ଖଣି, ପାଣି,
ଜଙ୍ଗଲ, ଜମି;
ବେକାରୀ ମାନଙ୍କର ଦାଦନ ଯିବା ବନ୍ଦ ହୋଇଯିବ,
ଶିକ୍ଷକ ମାନେ ନିଜ ହକ୍ ପାଇଁ
ରାଜରାସ୍ତାରେ ବସିବେନି,
ଚାଷୀଟିଏ ଜଳ ସେଚନର ସୁବିଧା ସହ
ଉତ୍ପାଦିତ ଦ୍ରବ୍ୟର ସଠିକ ମୂଲ୍ୟ ପାଇବ !
ଏବେ ବଦଳିଯାଉ ସେ ନାଆଁ
କିନ୍ତୁ ଶୋଷଣର ଆଁ ବନ୍ଦ ହେଉ,
ଶୋଷକ ମାନଙ୍କୁ ଦଣ୍ଡିତ କରାଯାଉ,
ଜଳଜଳ ଦିଶୁଥିବା ଖଣି ଚୋର,
ଚିଟଫଣ୍ଡ କଳେଙ୍କାରୀର କର୍ପଟାଦାରଙ୍କ ମୁଖା ଖୋଲୁ !
ଗୋଟିଏ ନାଁ ବଦଳିଗଲେ
ବଦଳିଯାଉ ମୋ ଗୋଲାମ ଦେଶ,
ଏଇ ବିଶ୍ୱାସ ଜାଗରିତ ହେଉ ସବୁ ପ୍ରାଣରେ
ଛଳନାର ରାଜନୀତି ବହୁ ଉର୍ଦ୍ଧ୍ୱରେ
ଦେଶ, ଜାତି, ବ୍ୟକ୍ତି ହସୁଥାଉ
ଏକ ନିର୍ମଳ ହସ।

*ଗଡପଳାଶୁଣୀ କଲେଜ, ଢେଙ୍କାନାଳ*
*ଦୂରଭାଷ : ୯୪୩୭୮୪୩୨୧୯*

# ମନ

## ଐଶ୍ୱର୍ଯ୍ୟା ପ୍ରଧାନ



ଆକାଶଟା ଅବାକ୍
ହୋଇ ଚାହିଁ ରହିଥିଲା ମୋତେ
କାହା ହୃଦୟକୁ ଚିତ୍ରେଇ ଦେଇଛି
ବୋଲି ତା'ର ସଫେଦ୍ ଛାତିରେ !
ମେଘମାନେ ବି ଖତେଇ ହେଉଥିଲେ
ମୋତେ ପାଗଳ ଟାଏ ଭାବି
କାହା ପାଇଁ ମୁଁ ଭସାମେଘ ଦେହରେ
ବାନ୍ଧି ଥିଲି କି ଫୁଲର ଦୋଳି ?
କେଜାଣି !
ଆଉ ବରଷା ବି ଖୁବ୍ ରୁଷିଛି
ମୋ ଉପରେ
ଭିଜେଇ ପାରିଲାନି ବୋଲି ତା' ପ୍ରେମର
ଛିଟାରେ।
କେମିତି ବୁଝେଇବି ସେମାନଙ୍କୁ ?
ମୁଁ ଭ୍ରମର ନୁହେଁ , ପ୍ରେମିକ ଟିଏ
କେମିତି ଉଡ଼ି ବୁଲିବି ଏ ଫୁଲରୁ ସେ ଫୁଲକୁ
ବାହୁ ବେଷ୍ଟନୀରେ ପରା
ମୋ ଅଭିମାନୀ ପ୍ରେମିକା।

*ପୋଷ୍ଟାଲ୍ କଲୋନୀ,*
*ଭବାନୀପାଟଣା ,କଳାହାଣ୍ଡି*

# କିଛି ବି ହେଇପାରେ

## ପଲ୍ଲବୀ ଦାସ



କଣ୍ଟା ଫୁଟି ପାରେ ଚାଲୁ ଚାଲୁ ପାଦରେ
ଆଘାତ ଲାଗି ପାରେ ପହଁରିବା ବେଳେ
ଆକାଶ ଛାତିରେ
ପାନ ଛେପ ପରି ଥୁ' କରିପାରେ ଭଗ୍ୟ।
ହୃଦୟ ରେ ସବୁଠି
ଚେଙ୍କ ଓ ଚିଆଁ ର ଦାଗ ଥିଲେ ବି
ଭୟ, ଆତଙ୍କ ଭିତରେ
ବଞ୍ଚିବାକୁ ହୁଏ ଏଠି।
ସୁମେରୁରୁ କୁମେରୁ ଯାଏଁ
ବ୍ୟାପିଥିବା ନିଆଁରେ ବି
କିସ୍ତି କିସ୍ତି ମୃତ୍ୟୁ ଆଗରେ
ସମ୍ପର୍କ ସବୁ ନିର୍ଭେଜାଳ ବୋଲି
ପ୍ରମାଣ କରି ଦିଆ ଯାଇପାରେ।
ଛଡାଇ ନିଆଯାଏ ଜାତକ,ପରିଚୟ
ଛାଡ଼ି ଦିଆଯାଏ ଜଙ୍ଗଲର ଛାତିରେ
ନହେଲେ,
ଟେକି ଦିଆଯାଏ ଯମଦୂତ ହାତରେ,
ଅକ୍ଷର ସବୁ ତ ପହରା ଦିଅନ୍ତି ଏବେ
ଆଗରେ ପଛରେ।

*ଜୁନାଗଡ଼,କଳାହାଣ୍ଡି*
*ଦୂରଭାଷ : ୮୬୫୮୭୪୦୨୯୧*

# ଚତୁର୍ଭୁଜ ଦେବାଦେବ

## ରାମଚନ୍ଦ୍ର ବେହେରା




ପ୍ରଭୁ ଗଜାନନ ଗଉରୀ ନନ୍ଦନ
ପ୍ରଭୁ ଅଗ୍ରପୂଜ୍ୟ ଦେବ
ଆହେ ଗଣପତି ପ୍ରଭୁ ବିଦ୍ୟାପତି
ଚତୁର୍ଭୁଜ ଦେବାଦେବ।
ଭାଦ୍ରବର ଶୁକ୍ଳ ଚତୁର୍ଥୀ ତିଥିରେ
ଆସ ତୁମେ ଅବତରି
ପ୍ରଭୁ ଲମ୍ବୋଦର ଜ୍ଞାନର ଭଣ୍ଡାର
କିଏ ହେବ ତୁମ ସରି।
ସତ୍ୟଯୁଗେ ତୁମେ ବିନାୟକ ନାମେ
ହୋଇଥିଲ ପରିଚିତ
ତ୍ରେତୟା ଯୁଗରେ ଶ୍ରୀଗଣେଶ ନାମେ
ପୁରାଣେ ତୁମେ ବିଖ୍ୟାତ।
ଦ୍ୱାପର ଯୁଗରେ ଅଗ୍ରପୂଜ୍ୟ ରୂପେ
ପାଇଥିଲ ତୁମେ ପୂଜା
ତୁମ ବୁଦ୍ଧିବଳେ ଶମ୍ଭୁ ପ୍ରୀତ ହେଲେ
ହେ ପ୍ରଭୁ ମୋଦକ ରାଜା।
କଳିଯୁଗେ ତୁମେ ଧୂମ୍ରକେତୁ ନାମେ
ଶୋଭାପାଅ ଧରା ପୃଷ୍ଠେ
ତୁମ କୃପା ଥିଲେ ବିଘ୍ନ ଟଳିଯାଏ
ବାଧା ନଆସଇ ପଥେ।
ପ୍ରଭୁ ଜ୍ଞାନଦାତା ତବ ଶ୍ରୀଚରଣେ
ଏତିକି ମୋର ମିନତୀ
ଜ୍ଞାନ ଆଲୋକରେ ପ୍ରଜ୍ୱଳିତ କର
ଘେନ ମୋ କୋଟି ପ୍ରଣତି।
ଧର୍ମ ଦୁନିଆଁରେ ବିଦ୍ୟାର ସମ୍ମାନ
ଜାଗିଉଠୁ ଜନ ମନେ
ଜ୍ଞାନ ଓ ବୁଦ୍ଧିର ଅମୃତ ପରଶ
ଭରିଯାଉ ପ୍ରାଣେ ପ୍ରାଣେ।

*ତେନ୍ତୁଳିପଦା,ଜଗତସିଂହପୁର*
*ଦୂରଭାଷ : ୭୩୬୫୬୩୪୩୪୬*

# ପୁସ୍ତକ ସମୀକ୍ଷା

**ଆଇମା'ଙ୍କ ଅଦ୍ଭୁତ କାହାଣୀ**
**ଲେଖକ : ଆଶିଷ କୁମାର ଦାଶ**
**ପୃଷ୍ଠା : ୧୩୮**
**ପ୍ରକାଶକ : ଇନ୍ଦ୍ର ପବ୍ଲିଶିଙ୍ଗ ହାଉସ**




ଓଡ଼ିଆ ସାମାଜିକ ଜୀବନ ଓ ରୀତିନୀତିର ମୋଟ ୧୭ ଗଳ୍ପକୁ ନେଇ ଲେଖକ ଆଶିଷ କୁମାର ଦାଶ ଏକ ଭଲ ପୁସ୍ତକ ଲେଖିଛନ୍ତି। କାହାଣୀର ଅଭିବ୍ୟକ୍ତି ଏଇଆ ଯେ, ଆମେ ସାମାଜିକ ଜୀବନରେ ଯାହା ସବୁ ସାମ୍ନା କରୁଛେ ତାହା ଏହାର ମୂଳ ଅଂଶ। ଏଥିରେ ଆଇମା'ଙ୍କ ଅତୀତ ଓ ଆମର ବର୍ତ୍ତମାନ ସହିତ ସମାଜରେ ଘଟୁଥିବା ଅନେକ ଘଟଣା କାହାଣୀ ରୂପରେ ଉକ୍ତ ପୁସ୍ତକରେ ସନ୍ନିବେଶିତ ହୋଇଛି। କେବଳ ଏତିକି ନୁହେଁ ଜଣ୍ଡିସ ଭଳି ରୋଗ ଓ ଏହାର ନିରାକରଣ ନିମନ୍ତେ ଲେଖକ ଶ୍ରୀ ଦାଶ ଅନେକ କିଛି ବର୍ଣ୍ଣନା କରିଛନ୍ତି।

ଲେଖକ ଯଦିଓ ପରିବେଶ ବିଜ୍ଞାନ ଉପରେ କାର୍ଯ୍ୟରତ ତଥାପି ସେ କୋଣାର୍କର ଅଦ୍ଭୁତ କାରୁକିର୍ତ୍ତୀ ଏବଂ ଧର୍ମପଦ ସମ୍ପର୍କରେ କିଛି ତଥ୍ୟ ରଖିଛନ୍ତି। ଯଦିଓ ଓ ଏହି ପୁସ୍ତକ ଶିଶୁ ସାହିତ୍ୟ ଭାବେ ଆଲୋଚନା ପଦବାଚ୍ୟ ହୁଏ ତଥାପି ଏଥିରେ ମିଥ, ଇତିହାସ ଏବଂ କିଛି କଳ୍ପନା ଭରି ରହିଛି। ଇଂରେଜି ଭାଷାରେ ରଚିତ ଉକ୍ତ ପୁସ୍ତକର ପ୍ରତିଟି ଶବ୍ଦରେ ଓଡ଼ିଆ ଘରର ଚଳଣି ଏବଂ ଆମର ଐତିହ୍ୟ ସମ୍ପର୍କରେ ଯଥେଷ୍ଟ କିଛି ଖୋରାକ ରହିଛି। ଆକର୍ଷଣୀୟ ମୁଦ୍ରଣ ପରିପାଟୀରେ ପ୍ରକାଶ ପାଇଥିବା ଏହି ଗଳ୍ପ ପୁସ୍ତକ କେବଳ ଓଡିଶାର ପାଠକ ପାଠିକା ନୁହଁ, ବରଂ ବିଶ୍ୱରେ ଓଡ଼ିଆଙ୍କ ଜୀବନ ଶୈଳୀ ଏବଂ ଓଡ଼ିଆଙ୍କ ଅତୀତ କାହାଣୀକୁ ଉପସ୍ଥାପିତ କରିବାରେ ଯଥେଷ୍ଟ ଭୂମିକା ନେଇପାରିବେ। ପାଠକୀୟ ଆଦୃତ ଅପେକ୍ଷାରେ ଶ୍ରୀ ଦାଶଙ୍କ ଲେଖନୀ ଭବିଷ୍ୟତ ପିଢ଼ିକୁ ଦିଗଦର୍ଶନ ଦେବ ବୋଲି ଆଶା କରାଯାଏ।

# ଆସନ୍ତୁ ! ମିଛ କହିବା

## ସୁଧାଂଶୁ ଦ୍ୱିବେଦୀ



ମିଛର ଏକ ବଡ଼ ଗୁଣ ହେଉଛି ସୃଜନାତ୍ମକ ରୂପେ ସୃଷ୍ଟି ହୋଇଥାଏ। ସତ ସ୍ୱୟଂ ସ୍ଥିର ଏବଂ ଅପରିବର୍ତ୍ତନୀୟ ଥିବାବେଳେ ମିଛ ଏକ କାହାଣୀ ସଦୃଶ ପ୍ରକାଶିତ ହୋଇଥାଏ। ଆମ କଳ୍ପନା ଦ୍ୱାରା ସାମା ଜିକ ତଥା ରାଜନୈତିକ ସମ୍ପର୍କକୁ ସୁଦୃଢ଼ କରିବାରେ ମିଛ ଏକ ଆଦ୍ୱିତୀୟ ଉପାୟ।

ଉଦାହରଣ: ନେତା/ମନ୍ତ୍ରୀ ନୂଆ ଟୋପିଟିଏ ପିନ୍ଧିଛନ୍ତି। ଜନତାଙ୍କ ଠାରୁ ଟୋପିର ପ୍ରଶଂସା ଶୁଣିବାକୁ ବ୍ୟସ୍ତ ବ୍ୟାକୁଳ ହେଉଛନ୍ତି। ବାସ୍ତବରେ ଟୋପିଟି ଭଲ ହୋଇନାହିଁ। ତଥାପି ଜନତା ଜନାର୍ଦ୍ଦନ ସତକୁ ଲୁକ୍କାୟିତ କରି ମିଛ କହିବେ- ବାଃ କେତେ ସୁନ୍ଦର ଟୋପି ଟିଏ ପିନ୍ଧିଛନ୍ତି ଆପଣ ! ଛୋଟ ମୋଟ ନେତା ନୁହେଁତ ଏକଦମ୍ ପ୍ରଧାନ ମନ୍ତ୍ରୀ ଭଳି ଲାଗୁଛନ୍ତି। ଏଭଳି ଛୋଟ ଧରଣର ମିଛ କହି ନେତା/ମନ୍ତ୍ରୀଙ୍କ ମୁଖ ମଣ୍ଡଳରେ ହସର ଅପୂର୍ବ ଆନନ୍ଦ ସୃଷ୍ଟି କରିହୁଏ। ସତକୁ ବଦଳାଇବା ଅସମ୍ଭବ କିନ୍ତୁ ମିଛ ପରିସ୍ଥିତି ପରି ବେଶ ଅନୁସାରେ ବଦଳିଯାଏ। ଯଦି କେହି ଥରେ ମିଛ କହିଛନ୍ତି ପରିସ୍ଥିତି ବଦଳିଗଲା ପରେ ସେହି ମିଛକୁ ତାଙ୍କ ବୁଦ୍ଧିମତା ବଳରେ ବଦଳାଇ ଦିଅନ୍ତି। ମିଛ ସ୍ୱଞ୍ଚ ଭଳି ନାମନୀୟ ସତ ଏବଂ ତାହା ପ୍ରତିଟି ପରିସ୍ଥିତିକୁ ସମ୍ଭାଳିବାର କ୍ଷମତା ପ୍ରଦାନ କରିଥାଏ।

ମିଛ ଭିତରେ ଅଦ୍ଭୁତ ମନୋରଞ୍ଜନ କ୍ଷମତା ରହିଥାଏ। ଦୁନିଆ ମିଛ ଶୁଣିବାରେ ଖୁବ ମଜା ନିଏ। ଆଶ୍ଚର୍ଯ୍ୟ କଥା ଯେ ଟିଭି ଓ ସିନେମା କେବଳ ମିଛରେ ହିଁ ଆଗକୁ ବଢେ। ସେଥିପାଇଁ ହୁଏତ ଦର୍ଶକ ତାହାରି ପାଇଁ ବାଇୟା ହେଇଯାଆନ୍ତି। ସେଥିରେ ସବୁ କାହାଣୀ ଖାଲି ମିଛରେ ଆଧାରିତ। ନେତାଙ୍କ ସବୁପ୍ରକାର ବାର୍ତ୍ତା ମିଛ ! ରାଜନୀତି ଦଳର ପ୍ରତିଜ୍ଞା ପତ୍ର, ସଂକଳ୍ପ, ଶ୍ଳୋଗାନ ସବୁକିଛି ମହା ମିଛ !ବିଜ୍ଞାପନ କମ୍ପାନୀର ସମସ୍ତ ପ୍ରକାର ବିଜ୍ଞାପନ ମିଛ ! ଘରେ ପତ୍ନୀର ପ୍ରତିଟି କଥାରେ ସ୍ୱାମୀମାନେ ଦେଉଥିବା ଉତ୍ତର ସୁଉଦ୍ ମିଛ ! ସୂର୍ଯ୍ୟ ପ୍ରତିଦିନ ଉଦୟ ହେଉଛନ୍ତି- ହୋଇପାରେ ଏହା ବି ଏକ ମହାମିଛ। ପ୍ରକୃତରେ



ମିଛ ଆମପାଇଁ ଏକ ରଙ୍ଗୀନ କାନଭାସ ତିଆରି କରିଦିଏ। ଏକ ଉଦାସ ଏବଂ ରଙ୍ଗହୀନ ଜୀବନରେ ମିଛ ସାତ ରଙ୍ଗ ଭରିବାର କାର୍ଯ୍ୟ କରିଥାଏ।

ମିଛ ପୁଣି ଆମ ବାସ୍ତବିକତାଠାରୁ ଅନ୍ୟ ଏକ ନୂଆ ଦୁନିଆରେ ବିଚରଣ କରାଇଥାଏ।ମିଛ ଆମକୁ ସେଇୟା ଦେଖାଏ ଯାହା ଆମେ ଦେଖିବାକୁ ଇଚ୍ଛା କରିଥାଉ।କିନ୍ତୁ ଯାହା ବାସ୍ତବିକତା ଅଟେ ତାହା ଆମେ ଦେଖିପାରୁନା। ମିଛ ଏକ ଅସାଧାରଣ ଉପକରଣ। ଯାହା ସୃଜନାତ୍ମକତା, ସାମାଜିକ ସମ୍ପର୍କ, ମନୋରଞ୍ଜନ ତଥା ରଙ୍ଗୀନ ଜୀବନକୁ ଉପହାର ଦେଇଥାଏ। ମିଛ ସ୍ୱୟଂ ଏକ ଅତ୍ୟାବଶ୍ୟକ କୌଶଳ। ମିଛ କହିଲେ ସମାଜରେ ଶାନ୍ତି ସ୍ଥାପିତ ହୋଇଥାଏ। ମାନସିକ ସ୍ୱାସ୍ଥ୍ୟ ଉପରେ ସକାରାତ୍ମକ ପ୍ରଭାବ ପଡିଥାଏ। ଯେବେ ଆମେ ମିଛ କହୁ ଏବଂ ଲୋକମାନେ ତାହାକୁ ଅତି ସହଜରେ ସ୍ୱୀକାର କରିନିଆନ୍ତି ସେଇବେଳେ ମନରେ ଏକପ୍ରକାର ଆତ୍ମ ସନ୍ତୋଷ ମିଳେ। ଏହାଦ୍ୱାରା ମାନସିକ ଅବସାଦ ସଂପୂର୍ଣ୍ଣ ଦୂରେଇ ଯାଏ ଏବଂ ମନ ମଧ୍ୟରେ ଅପୂର୍ବ ଖୁସି ଜାଗ୍ରତ ହୁଏ। ମିଛ କହି ରଚନାତ୍ମକର ବୃଦ୍ଧି କରିହୁଏ। ମିଛ କହି ନୂଆ ନୂଆ କାହାଣୀ ସୃଷ୍ଟି କରିହୁଏ। ଫଳସ୍ୱରୂପ ମଗଜ ଖୁବ ତେଜସ୍କ୍ରିୟ। ହୋଇଯାଏ ଏବଂ କଳ୍ପନା ଶକ୍ତି ତୀବ୍ର ଜାଗୃତ ହୋଇଯାଏ। ଘରେ ଶାନ୍ତ ବାତାବରଣ ସୃଷ୍ଟି କରିବାକୁ ମିଛ ଅତ୍ୟନ୍ତ ଉପଯୋଗୀ କାମ କରିଥାଏ। ଯଦି ପତ୍ନୀ ନୂଆ ଡ୍ରେସ ପିନ୍ଧି ମୋଟି ଦେଖାଯାଉଥାନ୍ତି ଏ ଦୁନିଆର କିଏ ସେ ପତି ସତ କହି ନିଜ ମୁଣ୍ଡ ଫଟେଇବ ! ପତ୍ନୀ ନିକଟରେ ସମସ୍ତ ପତିଲୋକ ମିଛ କହିବାରେ ଜଣେ ଜଣେ କୁଶଳ କଳାକାର। ପ୍ରତିଟି ସ୍କୁଲ, କଲେଜ ଏବଂ ଅଫିସ କାନ୍ଥରେ ଲେଖା ଥାଇଥାଏ: 'ସବୁବେଳେ ସତ କୁହ'। ଦୁନିଆରେ ଏହି ବାକ୍ୟଠାରୁ ଅଧିକ ମିଛ ଆଉ କିଛି ନାହିଁ ବୋଧେ ! ତେବେ ଆସନ୍ତୁ ମିଛ କହିବା ଏବଂ ଅନ୍ୟମାନଙ୍କୁ ମିଛ କହିବା ଲାଗି ପ୍ରୋତ୍ସାହନ କରିବା।

*ବିସି-୭୪,ସଲଟ ଲେକ୍,କଲକତା-୬୪*
*ଦୂରଭାଷ : ୯୬୮୧୩୭୩୫୧୨*

### କୁଣେଇ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ନିର୍ମାଣରେ ଅହେତୁକ ବିଳମ୍ବ

# ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି

**କୋଣାର୍କ :** କୋଣାର୍କ ଥାନା ଅଧିନସ୍ଥ କୁଣେଇ ହାଟ ଠାରେ ଥିବା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଗତ ୨୦୧୯ ମସିହା ଠାରୁ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଦୀର୍ଘ ବର୍ଷର ଉର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟ ଶେଷ ନ ହେବା ଯୋଗୁଁ ରାଜସ୍ୱ ବିଭାଗର ବିଭିନ୍ନ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଦେଖିବାକୁ ମିଳିଛି। ଖବରରୁ ପ୍ରକାଶ ଯେ ଗତ ୨୦୧୯-୨୦ ଆର୍ଥିକ ବର୍ଷରେ ପୁରୀ ଜିଲ୍ଲା ପୂର୍ତ୍ତବିଭାଗ ମାଧ୍ୟମରେ ଟେଣ୍ଡର ପ୍ରକ୍ରିୟା କରାଯାଇ ଏହି କାମ ଆରମ୍ଭ ହୋଇଥିଲା। ଆଜକୁ ୫ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡ଼ିରହିଥିବା ଦେଖିବାକୁ ମିଳିଛି। କୁଣେଇ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ, ଆବାସିକ ବାସଭବନ ସମେତ ବିଭିନ୍ନ କାମ ବାବଦରେ ପ୍ରାୟ ୪୫ଲକ୍ଷ ଟଙ୍କା ଆର୍ଥିକ ଅନୁଦାନ ରାଜସ୍ୱ ବିଭାଗ ପକ୍ଷରୁ ପୁରୀ ଜିଲ୍ଲା ପୂର୍ତ୍ତବିଭାଗ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର



କରାଯାଇଥିଲା। ଏହି କାମ ଦାୟିତ୍ୱରେ ଥିବା ଠିକାଦାରଙ୍କୁ କୋଣାର୍କ ପୂର୍ତ୍ତବିଭାଗ କନିଷ୍ଠ ଯନ୍ତ୍ରୀ କାମ ଶେଷ କରିବା ପାଇଁ ବାରମ୍ବାର ତାଗିଦ ସତ୍ତ୍ୱେ ଠିକାଦାରଙ୍କ ମନୋମୁଖୀ ଓ ଦାୟିତ୍ୱହୀନତା ନୀତି ଯୋଗୁଁ ନିର୍ମାଣର ଦୀର୍ଘ ଦିନ ବିତି ଯାଇଥିଲେ ମଧ୍ୟ କାର୍ଯ୍ୟଶେଷ ହୋଇ ପାରୁ ନ ଥିବା ସାଧାରଣରେ ଆଲୋଚନା ହେଉଛ ହେଉଛି। ଏହି କାମଟିର ଆରମ୍ଭ ସମୟ ଓ ଶେଷ ସମୟକୁ ତର୍ଜମା କଲେ ଅନୁମେୟ ହୁଏ ଯେ କାର୍ଯ୍ୟ ଅବଧି ଦୀର୍ଘ ଦିନ ଧରି ସଂପନ୍ନ ହୋଇଥିବା ବେଳେ କଣ ପାଇଁ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅଧାପନ୍ତରିଆ ଭାବେ ପଡ଼ିରହିବା ବିଭାଗୀୟ ଉଦାସୀନତା ନା କାର୍ଯ୍ୟ ଦାୟିତ୍ୱରେ ଥିବା ଠିକାଦାରଙ୍କ ମନୋମୁଖୀ ଓ ଦାୟିତ୍ୱହୀନତା ନୀତି ଯୋଗୁଁ ଏଭଳି ସ୍ଥିତି ଉପୁଜିଛି ତାହା ତଦନ୍ତ ସାପେକ୍ଷ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଏହି କାର୍ଯ୍ୟ ଶୀଘ୍ର ଶେଷ କରିବା ପାଇଁ କୁଣେଇ ରାଜସ୍ୱ ନିରୀକ୍ଷକଙ୍କ ପତ୍ର ଆଧାରରେ ଗୋପ ତହସିଲ ପ୍ରଶାସନ ବିଭିନ୍ନ ସମୟରେ ପୁରୀ ଜିଲ୍ଲା ପୂର୍ତ୍ତବିଭାଗ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ ମଧ୍ୟ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡ଼ିରହିଥିବା ଦେଖିବାକୁ ମିଳିଛି। ଏହି ଗୃହ ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାର ୨୦୧୯ ମସିହା ଠାରୁ କାର୍ଯ୍ୟ ଆରମ୍ଭ କରିଥିଲା ବେଳେ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡିବା ରହିବା ଯୋଗୁଁ ରାଜସ୍ୱ ବିଭାଗର ବିଭିନ୍ନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି ବୋଲି ସ୍ଥାନୀୟ ଅଞ୍ଚଳର ଜନସାଧାରଣ ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଏହି ଗୃହ ନିର୍ମାଣ ସଂପୂର୍ଣ୍ଣ କରିବାକୁ ପୂର୍ତ୍ତବିଭାଗ ଦ୍ୱାରା ସ୍ୱିରୀକୃତ ଠିକାଦାର ଦୀର୍ଘ ସମୟ ଅତିବାହିତ କରିବାକୁ ନେଇ ଠିକାଦାର ବିରୋଧରେ ବିଭାଗ ପକ୍ଷରୁ କଣ କାର୍ଯ୍ୟାନୁଷ୍ଠାନ ଅଥବା କେତେଥର ସରକାରୀ ଭାବେ ଚିଠି ଲେଖି ତାଗିଦ କରାଯାଇଛି ତାହାର ବିଧିବଦ୍ଧ ତଦନ୍ତ କରିବା ପାଇଁ ଦାବି କରାଯାଉଛି। ଏହି ଗୃହ ନିର୍ମାଣ ଶେଷ ନ ହେବା ପଛରେ କଣ ପ୍ରତିବନ୍ଧକ ରହିଛି ତାହା ପୁରୀ ଜିଲ୍ଲା ପୂର୍ତ୍ତବିଭାଗ କର୍ତ୍ତୃପକ୍ଷ ଘଟଣା ସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବା ପାଇଁ ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କ ସମେତ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ତୁରନ୍ତ ଏହି କାର୍ଯ୍ୟ ଶେଷ କରିବା ପାଇଁ କୁଣେଇ ରାଜସ୍ୱ ନିରୀକ୍ଷକ ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର ପୁରୀ ଜିଲ୍ଲା ପୂର୍ତ୍ତବିଭାଗ ଅଧିକ୍ଷକ ଯନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### 'ଏକ ରାଷ୍ଟ୍ର, ...

ଅର୍ଥନୀତି ମଜବୁତ ହେବ, ଆଇନ ଶୃଙ୍ଖଳା ବଜାୟ ରହିବ, ଦେଶର ବିକାଶ ବଢ଼ିବା ସହ କଳାଧନକୁ ବି ରୋକାଯାଇପାରିବ ବୋଲି ବିଜେପି କହିଛି। ସେପଟେ ଗଣତନ୍ତ୍ରରେ ଏହା ଆଦୌ ସମ୍ଭବ ନୁହେଁ ଏବଂ କଂଗ୍ରେସ ଏହାକୁ କଦାପି ଗ୍ରହଣ କରିବନି ବୋଲି କହିଛନ୍ତି କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ। ବିଜେପିର ନିର୍ବାଚନ ଇସ୍ତାହାରରେ 'ଗୋଟିଏ ଦେଶ ଗୋଟିଏ ନିର୍ବାଚନ' ପ୍ରସଙ୍ଗ ସ୍ଥାନ ପାଇଥିଲା। ବାରମ୍ବାର ନିର୍ବାଚନ ଦେଶର ପ୍ରଗତିରେ ଅନ୍ତରାୟ ସୃଷ୍ଟି କରୁଥିବା ପ୍ରଧାନମନ୍ତ୍ରୀ ତାଙ୍କ ଅଭିଭାଷଣରେ ବି କହିଥିଲେ। ତେଣୁ ରିପୋର୍ଟ ଆସିବା ପରେ କେନ୍ଦ୍ର କ୍ୟାବିନେଟ୍ ତାହାକୁ ମୋହର ମାରିଛି। ସୂଚନା ଅନୁସାରେ, ଦେଶରେ ୧୯୫୧ରୁ ୧୯୬୭ ଯାଏଁ ଏକାସଙ୍ଗେ ହେଉଥିଲା ନିର୍ବାଚନ। ୨୦୧୫ରେ ସଂସଦୀୟ ଦଳ କମିଟି ଦେଶରେ ଦୁଇଟି ପର୍ଯ୍ୟାୟରେ ଏକାସଙ୍ଗେ ନିର୍ବାଚନ କରିବାକୁ ଦେଇଥିଲା ପ୍ରସ୍ତାବ। ଏଥିପାଇଁ ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ କମିଟି ଗଠନ ହୋଇଥିଲା। କମିଟି ୬୨ଟି ଛୋଟ ବଡ ରାଜନୈତିକ ଦଳଙ୍କ ସହ ଆଲୋଚନା କରିଥିଲା। ଯେଉଁଥିରୁ ୩୨ଟି ଦଳ ଏହାକୁ ସମର୍ଥନ କରିଥିବା ବେଳେ ୧୫ଟି ଦଳ ବିରୋଧ କରିଥିଲେ। ଅନ୍ୟ ୧୫ଟି ଦଳ ଏହା ଉପରେ ବିତର୍କ କରିନଥିଲେ। ସାଧାରଣ ନିର୍ବାଚନ ପୂର୍ବରୁ ଗତ ମାର୍ଚ୍ଚରେ କମିଟି ଏହି ରିପୋର୍ଟକୁ ସରକାରଙ୍କୁ ପ୍ରଦାନ କରିଥିଲା। ତେବେ ଲୋକସଭାରେ ବିଲ୍ ଆଗତ ହେବା ପରେ ବଡ଼ ବିତର୍କ ହୋଇପାରେ। କିନ୍ତୁ ଏକା ସାଙ୍ଗରେ ନିର୍ବାଚନ ହେଲେ ଅନେକ ଫାଇଦା ମିଳିବ ବୋଲି କହିଛନ୍ତି ରାଜନୈତିକ ସମୀକ୍ଷକ।

### ଏବେବି ...

ଏବଂ ଇପିକଲ ଅଧ୍ୟକ୍ଷ ଦାୟିତ୍ୱ ମଧ୍ୟ ମୋହନ ସରକାର ତାଙ୍କୁ ନ୍ୟସ୍ତ କରିଛନ୍ତି। ଶ୍ରୀ ଶର୍ମାଙ୍କ ପାଖରେ ବହୁ ଦିନ ଧରି ଶକ୍ତି ବିଭାଗ ରହିଥିଲା। ଆଉ ଶିଳ୍ପ ବିଭାଗ ତାଙ୍କ ପାଖରେ ୫ବର୍ଷରୁ ଅଧିକ ସମୟ ଧରି ରହିଛି। ଶ୍ରୀ ଶର୍ମାଙ୍କ ବ୍ୟାଚର ଆଇଏଏସ୍ ସୁଶୀଲ କୁମାର ଲୋହାନୀ ୨୦୧୯ ଅଗଷ୍ଟ ମାସରୁ ୨୦୧୯ ଅଗଷ୍ଟରେ କେନ୍ଦ୍ରୀୟ ଡେପୁଟେସନରୁ ଫେରିବା ପରଠୁ ଅବକାରୀ ବିଭାଗ ତାଙ୍କ ପାଖରେ ରହିଛି। ପୂର୍ବ ବିଜେଡି ସରକାରରେ ସେ ୨୦୧୯ ସେପ୍ଟେମ୍ବରରୁ ୨୦୨୩ ମାର୍ଚ୍ଚ ପର୍ଯ୍ୟନ୍ତ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ପଦବୀରେ ରହିଥିଲେ ମଧ୍ୟ ଅବକାରୀ ବିଭାଗର ଅତିରିକ୍ତ ଦାୟିତ୍ୱ ତୁଲାଇ ଆସୁଥିଲେ। ୨୦୨୨ ଅଗଷ୍ଟ ୨୭ତାରିଖରେ ତାଙ୍କୁ ପଞ୍ଚାୟତିରାଜ ବିଭାଗର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ମଧ୍ୟ ମିଳିଥିଲା। ଅବଶ୍ୟ ନିର୍ବାଚନ ଆୟୋଗଙ୍କ ତାଗିଦ୍ ପରେ ତତକାଳୀନ ବିଜେଡି ସରକାର ତାଙ୍କୁ ୨୦୨୩ ମାର୍ଚ୍ଚ ମାସରେ ସିଇଓ ପଦବୀରୁ ଫେରାଇ ଆଣିଥିଲା। ଆଉ ସେବେଠୁ ସେ ପଂଚାୟତିରାଜ ବିଭାଗର ସଚିବ ଅଛନ୍ତି ଆଉ ପ୍ରାୟ ୫ବର୍ଷରୁ ଅଧିକ ଦିନ ଧରି ଅବକାରୀ ବିଭାଗ ଦାୟିତ୍ୱ ମଧ୍ୟ ତୁଲାଇ ଆସୁଛନ୍ତି। ୧୯୯୬ ବ୍ୟାଚ୍ ଆଇଏଏସ୍ ବୀରବିକ୍ରମ ଯାଦବଙ୍କ ପାରିବାପଣିଆ ଏତେ ଯେ, ସେ ଉଭୟ ବିଜେଡି ଓ ବିଜେପି ସରକାରରେ ଗେହ୍ଲାପୁଅ ହୋଇ ରହିଛନ୍ତି। ୨୦୧୭ ଅକ୍ଟୋବରରୁ ଅର୍ଥାତ୍ ୭ବର୍ଷ ଧରି ସେ ରାଜ୍ୟ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ସଚିବ ଅଛନ୍ତି। ପୂର୍ବ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ସଚିବ ଦାୟିତ୍ୱ ମଧ୍ୟ ୨୦୨୨ ମାର୍ଚ୍ଚ ମାସରୁ ତୁଲାଉଛନ୍ତି। ରାଜ୍ୟ ଓବିସି ଆୟୋଗରେ ସଦସ୍ୟ ସଚିବ ବି ଅଛନ୍ତି। ବିଜେଡି ସରକାରରେ ଏହିସବୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଥିବା ଶ୍ରୀ ଯାଦବ ଏବେ ମୋହନ ସରକାରରେ ବି ସମାନ ଦାୟିତ୍ୱରେ ରହିଛନ୍ତି। ଶ୍ରୀ ଯାଦବଙ୍କ ବ୍ୟାଚର ଆଇଏଏସ୍ ଦମ୍ପତି ଅରବିନ୍ଦ ପାଢ଼ୀ ଓ ଉଷା ପାଢ଼ୀ ମଧ୍ୟ ବିଜେଡି ସରକାରରେ ଯେଉଁ ଦାୟିତ୍ୱରେ ଥିଲେ ତାକୁ ବଜାୟ ରଖିବା ସହ ମୋହନ ସରକାରରେ ଅତିରିକ୍ତ ଦାୟିତ୍ୱ ମଧ୍ୟ ପାଇଛନ୍ତି। କେନ୍ଦ୍ରୀୟ ଡେପୁଟେସନରୁ ଫେରିବା ପରେ ଶ୍ରୀ ପାଢ଼ୀଙ୍କୁ ୨୦୨୨ ଅଗଷ୍ଟ ମାସରେ ତତକାଳୀନ ବିଜେଡି ସରକାର କୃଷି ବିଭାଗର ପ୍ରମୁଖ ସଚିବ ଭାବେ ଅବସ୍ଥାପିତ କରିଥିଲା। ଏହି ଦାୟିତ୍ୱ ଏବେବି ଶ୍ରୀ ପାଢ଼ୀ ତୁଲାଉଛନ୍ତି। ମୋହନ ସରକାର ତାଙ୍କୁ ଶ୍ରୀଜଗନ୍ନାଥ ମନ୍ଦିର ମୁଖ୍ୟ ପ୍ରଶାସକ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ଯଦିଓ ଏହି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଭାବେ ଜଣେ ଫୁଲଟାଇମ୍ ଅଫିସରଙ୍କୁ ନିଯୁକ୍ତି ଦେବାକୁ ସୁପ୍ରିମକୋର୍ଟ ତାଗିଦ୍ କରିଛନ୍ତି। ଶ୍ରୀ ପାଢ଼ୀଙ୍କ ପତ୍ନୀ ଉଷା ପାଢ଼ୀ କେନ୍ଦ୍ରୀୟ ଡେପୁଟେସନରୁ ଫେରି ୨୦୨୨ ଡିସେମ୍ବର ମାସରୁ ବାଣିଜ୍ୟ ଓ ପରିବହନ ବିଭାଗର ଦାୟିତ୍ୱ ତୁଲାଉଛନ୍ତି। ତାଙ୍କୁ ମୋହନ ସରକାର ନିକଟରେ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଦାୟିତ୍ୱ ମଧ୍ୟ ନ୍ୟସ୍ତ କରିଛନ୍ତି। ଏବେ ଉଷାଙ୍କ ପାଖରେ ଏହି ଦୁଇ ଗୁରୁତ୍ୱପୂର୍ଣ୍ଣ ବିଭାଗ ରହିଛି। ସେହିପରି ୧୯୯୭ ବ୍ୟାଚ୍ ଆଇଏଏସ୍ ସଞ୍ଜୟ କୁମାର ସିଂ ଗ୍ରାମ୍ୟ ଉନ୍ନୟନ ବିଭାଗ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ସଚିବ ଦାୟିତ୍ୱ ତୁଲାଉଛନ୍ତି। ବିଜେଡି ସରକାରରେ ସେ ଏହି ଦୁଇଟି ବିଭାଗ ତୁଲାଉଥିଲେ। ୨୦୨୨ ଅଗଷ୍ଟରୁ ସେ ଗ୍ରାମ୍ୟ ଉନ୍ନୟନ ବିଭାଗର ସଚିବ ଦାୟିତ୍ୱରେ ଅଛନ୍ତି। ଆଉ ସୂଚନା ଓ ଲୋକସମ୍ପର୍କ ବିଭାଗ ଦାୟିତ୍ୱରେ ସେ ଦୀର୍ଘବର୍ଷ ହେଲା ରହିଛନ୍ତି। ମାତ୍ର ବର୍ଷକ ପାଇଁ ୨୦୨୧ ମେ'ରୁ ୨୦୨୨ ଜୁନ୍ ପର୍ଯ୍ୟନ୍ତ ସେ ବିଏମସି କମିଶନର ଓ ବିଡିଏ ଉପାଧ୍ୟକ୍ଷ ଥିବାରୁ ସେ ସୂଚନା ଓ ଲୋକସମ୍ପର୍କ ବିଭାଗ ଦାୟିତ୍ୱରୁ ଦୂରେଇ ରହିଥିଲେ। ସାଧାରଣ ନିର୍ବାଚନକୁ ଦେଖି ତାଙ୍କୁ ତତକାଳୀନ ବିଜେଡି ସରକାର ଗ୍ରାମ୍ୟ ଉନ୍ନୟନ ବିଭାଗ ସହ ସୂଚନା ଓ ଲୋକସମ୍ପର୍କ ବିଭାଗର ଦାୟିତ୍ୱ ଦେଇଥିଲା। ସେହିପରି ୨୦୦୭ ବ୍ୟାଚ୍ ଆଇଏଏସ୍ ଅରବିନ୍ଦ ଅଗ୍ରୱାଲ ୨୦୨୩ ଜୁନ୍ ମାସରୁ ଉଚ୍ଚଶିକ୍ଷା ବିଭାଗ ଦାୟିତ୍ୱରେ ରହିଛନ୍ତି। କନିଷ୍ଠତା ସତ୍ତ୍ୱେ ବିଜେଡି ସରକାର ତାଙ୍କୁ ଉଚ୍ଚଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ସଚିବ ଦାୟିତ୍ୱ ନ୍ୟସ୍ତ କରିବାକୁ ପଛାଇନଥିଲେ। ଯଦିଓ ୨୦୦୦ ବ୍ୟାଚର ଆଇଏଏସ୍ ଟି.ଆଓଙ୍କ ଭଳି ଅଫିସରଙ୍କୁ ଚାକିରିର ୨୪ବର୍ଷ ପରେ ସଚିବ ଦାୟିତ୍ୱ ଦେଇଥିଲେ ତତକାଳୀନ ବିଜେଡି ସରକାର। କିନ୍ତୁ ଅରବିନ୍ଦଙ୍କୁ ମାତ୍ର ୧୬ବର୍ଷ ଚାକିରିରେ ବିଭାଗୀୟ ସଚିବ ଦାୟିତ୍ୱ ନ୍ୟସ୍ତ କରିବାକୁ ପଛାଇ ନଥିଲେ। ସେହିପରି ୨୦୦୭ ବ୍ୟାଚ୍ ଆଇଏଏସ୍ ବଳବନ୍ତ ସିଂଙ୍କୁ ବିଜେଡି ସରକାର ୨୦୨୧ ଜୁନ୍ ମାସରେ ପୁରୀ ଜିଲ୍ଲାପାଳରୁ ସିଧାସଳଖ ଆଣି ଓଏମସି ଓ ଓଏମଇସିଏଲ୍ ପରିଚାଳନା ନିର୍ଦ୍ଦେଶକ ପଦବୀରେ ଅବସ୍ଥାପିତ କରିଥିଲା। ଯାହାକି ଏବେବି ତାଙ୍କ ପାଖରେ ରହିଛି। ଆଉ ମୋହନ ସରକାର ତାଙ୍କୁ ଏସବୁ ଦାୟିତ୍ୱ ସହ ପର୍ଯ୍ୟଟନ ବିଭାଗର ସଚିବ ଓ ଇଡକଲ ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ମଧ୍ୟ ନ୍ୟସ୍ତ କରିଛି। ତେବେ ପ୍ରଶ୍ନ ଉଠୁଛି, ବିଜେଡି ସରକାରରେ ସର୍ବେସର୍ବା ପାଣ୍ଡିଆନ ଯେଉଁ ଅଫିସରମାନଙ୍କ ଉପରେ ଭରସା କରି ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ଲାଇନ୍ ଡିପାର୍ଟମେଣ୍ଟ ଗୁଡ଼ିକରେ ଅବସ୍ଥାପିତ କରିଥିଲେ ସେମାନେ ଏବେବି କିଭଳି ସେହିସବୁ ପଦବୀ ବଜାୟ ରଖିଛନ୍ତି। ବିଜେଡି ସରକାର ଅମଳରେ ବ୍ଲକଠୁ ଆରମ୍ଭ କରି ସବୁ ଲାଇନ୍ ବିଭାଗରେ ଦୁର୍ନୀତିର ପୁଳାପୁଳା ଗନ୍ଧ ବାରୁଥିବା ରାଜ୍ୟ ବିଜେପି ଏସବୁ ଉପରେ ଏବେ ନିରବ ବି ରହିଛି କାହିଁକି ? ତତକାଳୀନ ବିଜେଡି ସରକାର ଅମଳରେ ଏସବୁ ବିଭାଗରେ ହୋଇଥିବା ଦୁର୍ନୀତି ଓ ଅନିୟମିତତାକୁ ସଜାଡ଼ିବା ପାଇଁ ମୋହନ ମାଝୀଙ୍କ ସରକାର ପାଣ୍ଡିଆନଙ୍କ ଇକୋସିଷ୍ଟମରେ ପରିବର୍ତ୍ତନ ନକରି ଏହି ଅଫିସରମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରୁନାହାନ୍ତି ତ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

### ପୁଣି ଖୋଲିବ ...

ହେଲା ଗୋବିନ୍ଦ ସାହୁର ମୃତ୍ୟୁ ? ୩ ବର୍ଷ ବିତିବାକୁ ବସିଥିଲେ ବି କ୍ରାଇମବ୍ରାଞ୍ଚ ତଦନ୍ତରୁ ଏସବୁ ପ୍ରଶ୍ନର ଉତ୍ତର ମିଳିପାରିଲା ନାହିଁ। ଏବେ ପୁନଃ ତଦନ୍ତ ପାଇଁ ପୂର୍ବତନ ସାଂସଦ ସୁଜିତ କୁମାରଙ୍କ ବୟାନ ପରେ ମମିତାଙ୍କ ଜନ୍ମସ୍ଥାନ କଣ୍ଟାବାଞ୍ଜିରେ ବି ଏନେଇ ଉଠିଛି ସ୍ୱର। ସିବିଆଇ ତଦନ୍ତ ସହ ଦୋଷୀଙ୍କୁ କଠୋର ଦଣ୍ଡ ଦେବାକୁ ଦାବି କରିଛନ୍ତି କଣ୍ଟାବାଞ୍ଜି ଜନସାଧାରଣ। ସୂଚନାଥାଉ କି, ୨୦୨୧ର ଏହି ବହୁ ଚର୍ଚ୍ଚିତ ହତ୍ୟା ମାମଲା ରାଜ୍ୟ ରାଜନୀତିରେ ସୃଷ୍ଟି କରିଥିଲା କମ୍ପନ। ମମିତାଙ୍କ ହତ୍ୟା ଓ ତାଙ୍କ ହତ୍ୟାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁର ଜେଲ ଭିତରେ ସନ୍ଦେହଜନକ ମୃତ୍ୟୁ ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ରର ଅଙ୍ଗ ବୋଲି ହୋଇଥିଲା ଅଭିଯୋଗ। ମମିତାଙ୍କ ହତ୍ୟା ପଛରେ ଥିଲା ଗୋବିନ୍ଦ ସାହୁ କିନ୍ତୁ ଷଡ଼ଯନ୍ତ୍ରକାରୀ ଦିବ୍ୟଶଙ୍କର ବୋଲି ଅଭିଯୋଗ କରିଥିଲେ ମମିତାଙ୍କ ପରିବାର। ସେହିପରି ଗୋବିନ୍ଦଙ୍କ ମୃତ୍ୟୁ ପଛର ଷଡ଼ଯନ୍ତ୍ରକାରୀ ବି ଦିବ୍ୟଶଙ୍କର ବୋଲି ଲାଗିଥିଲା ଆରୋପ। ଏପରିକି ମମିତାଙ୍କ ବାପା ଦିବ୍ୟଶଙ୍କରଙ୍କ ବିରୋଧରେ ଅତି ସଙ୍ଗୀନ ଆରୋପ ଲଗାଇଥିଲେ। ହେଲେ ନବୀନ ସରକାରରେ ଗୃହ ରାଷ୍ଟ୍ରମନ୍ତ୍ରୀ ମନ୍ତ୍ରୀ ଥିବା ଦିବ୍ୟଶଙ୍କରଙ୍କୁ ନା ତଦନ୍ତ ପରିସରଭୁକ୍ତ କରାଗଲା ନା ତାଙ୍କୁ ପୋଲିସ ପଚରାଉଚରା କଲା। ତତକାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଘଣ୍ଟ ଘୋଡ଼ାଇବା ନେଇ ଉଠିଥିଲା ପ୍ରଶ୍ନ। ଏପରିକି ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦଙ୍କୁ ଜେଲରୁ ଦିବ୍ୟଶଙ୍କରଙ୍କ ନିର୍ଦ୍ଦେଶରେ ପାରୋଲରେ ଛଡ଼ାଯାଇଥିବା ନେଇ ଆସିଥିଲା ଅଭିଯୋଗ। ତଦନ୍ତର ୩ ବର୍ଷ ପରେ ବି କ୍ରାଇମବ୍ରାଞ୍ଚର ହାତ ଖାଲି। ତେଣୁ ନିକଟରେ ମାମଲାର ସିବିଆଇ ତଦନ୍ତ ଦାବି କରିଥିଲେ ମମିତାଙ୍କ ବାପା। ଏପରିକି କଣ୍ଟାବାଞ୍ଜିର ନବ ନିର୍ବାଚିତ ବିଧାୟକ ଲକ୍ଷ୍ମଣ ବାଗ ମଧ୍ୟ ମମିତାଙ୍କ ପରିବାରକୁ ଭେଟି ରାଜ୍ୟ ସରକାରଙ୍କୁ ସିବିଆଇ ତଦନ୍ତ ପ୍ରସ୍ତାବ ଦେବେ ବୋଲି କହିଥିଲେ। ୨୦୨୧ ଅକ୍ଟୋବର ୮ରେ ନିଖୋଜ ହୋଇଯାଇଥିଲେ ମମିତା। ତାପରେ ସାମ୍ନାକୁ ଆସିଥିଲା ଲୋମହର୍ଷଣକାରୀ ହତ୍ୟାର କରୁଣ କାହାଣୀ। ୨ ବର୍ଷ ପରେ ଏବେ ବି ଅନେକ ଅସମାହିତ ପ୍ରଶ୍ନ। ମମିତା ମର୍ଡର ମିଷ୍ଟ୍ରିରୁ ପରଦା ଉଠିନି। ସେପଟେ କ୍ଷମତାରୁ ହଟିଛନ୍ତି ନବୀନ। ରାଜ୍ୟରେ ଏବେ ବିଜେପି ସରକାର। ପୁଣି ଖୋଲିବକି ମମତା ମେହେର ହତ୍ୟା ଫାଇଲ ? ଦିବ୍ୟଶଙ୍କରଙ୍କୁ ତଦନ୍ତ ପରିସରକୁ ଆଣିବ କି କ୍ରାଇମବ୍ରାଞ୍ଚ ? ସିବିଆଇ ତଦନ୍ତ ପାଇଁ ସୁପାରିଶ କରିବେ କି ରାଜ୍ୟ ସରକାର ? ଏଭଳି ଅନେକ ପ୍ରଶ୍ନ ସାଧାରଣ ଜନତାଙ୍କ ମନରେ ଉଙ୍କି ମାରୁଥିବା ବେଳେ ଏବେବି ନ୍ୟାୟ ଅପେକ୍ଷାରେ ଚାହିଁ ବସିଛନ୍ତି ମମିତାଙ୍କ ପରିବାର।

### ବିଲ୍ଡରଙ୍କ ...

ଉର୍ଦ୍ଧ୍ୱ ପ୍ଲଟ୍ ବିକ୍ରି ହୋଇଛି। ଜମି କିଣାବିକା ବାବଦରେ ଜମି ମୂଲ୍ୟର ୭% ପଞ୍ଜିକରଣ ମୂଲ୍ୟ ସରକାର ହରାଇଛନ୍ତି। ଏହାର ପରିମାଣ କୋଟି କୋଟି ଟଙ୍କା ହେବ ବୋଲି କୁହାଯାଉଛି। ପ୍ରଶ୍ନ ଉଠୁଛି, ଯଦି ଖୋଦ୍ ସରକାରଙ୍କର ଲାଭ ହେଉ ନାହିଁ ଓ ସାଧାରଣ ଜମି ମାଲିକ କଷ୍ଟ ପାଉଛନ୍ତି ତେବେ କଟକଣା କାହା ପାଇଁ ? ବିନା ଲେ-ଆଉଟ୍ ପ୍ଲାନ୍‌ରେ ସବ୍‌ପ୍ଲଟ୍ କିଣା ବିକା ନକରିବାକୁ ୨୦୨୧ ଜାନୁଆରୀ ୧୧ ତାରିଖରେ ବିଡିଏର ତତ୍କାଳୀନ ଉପାଧ୍ୟକ୍ଷ ରାଜସ୍ୱ ବିଭାଗକୁ ଚିଠି ଲେଖିଥିଲେ। ବିନା ଲେଆଉଟ୍ ପ୍ଲାନ୍‌ରେ ପଞ୍ଜିକରଣ ହେଲେ ସେଠାରେ ଯେତେବେଳେ ଘର ତିଆରି ହେଉଛି ସେତେବେଳେ ସମସ୍ୟା ଉପୁଜୁଛି। ରାସ୍ତା ପାଇଁ ଯେତିକି ଜାଗା ଦରକାର ଓ ଯେତିକି ଖାଲି ଜାଗା ଛାଡ଼ିବା ଦରକାର, ତାହା ହୋଇପାରୁନି। ଏଭଳି ହେଉଛି କି ଦୁଇଟି ପ୍ଲଟ ମଝିରେ ରାସ୍ତା ପାଇଁ ମଧ୍ୟ ଜାଗା ରହୁନାହିଁ। ଉଭୟ ପ୍ଲଟ୍‌ର ମାଲିକ ଘର କରିବା ବେଳକୁ ଧାର୍ଯ୍ୟ ଓସାରର ରାସ୍ତା ନଥିବାରୁ ସମସ୍ୟା ହେଉଛି। ଏଣୁ ଜମି ଭାଗ ଭାଗ ହେବା ପୂର୍ବରୁ ଲେଆଉଟ୍ ପ୍ଲାନ୍ ବାଧ୍ୟତାମୂଳକ କରାଯାଉ। କିସମ ଘରବାରି ଅଛି ତ' ଭବିଷ୍ୟତରେ ନିଶ୍ଚୟ ଘର ହେବ। ସେତେବେଳକୁ ଯେଭଳି ରାସ୍ତା ସମସ୍ୟା ରହିବ ନାହିଁ ସେଥିପାଇଁ ଏବେଠୁ ଏଭଳି ବ୍ୟବସ୍ଥା କରିବାକୁ ହେବ। ଉପାଧ୍ୟକ୍ଷଙ୍କ ଏଭଳି ଚିଠି ଆଧାରରେ ରାଜସ୍ୱ ବିଭାଗ ସବ୍‌ରେଜିଷ୍ଟ୍ରାରମାନଙ୍କୁ ଏହି କଟକଣା କରିବାକୁ ଚିଠି ଲେଖିଥିଲା। ଏହି ଚିଠି ବଳରେ ବିଡିଏ ଅଞ୍ଚଳରେ ଥିବା ଖୋର୍ଦ୍ଧା, ଜଟଣୀ, ଭୁବନେଶ୍ୱର, ଖଣ୍ଡଗିରି, ପିପିଲି, ବାଲିପାଟଣା ଓ ବାଲିଅନ୍ତା ସବ୍‌ରେଜିଷ୍ଟ୍ରାର ଅଫିସ୍‌ରେ କଟକଣା ରହିଛି। ପାର୍ଟ ବା ଆଂଶିକ ପ୍ଲଟ୍ ବିନା ଲେଆଉଟ୍ ପ୍ଲାନ୍‌ରେ ବିକ୍ରି ହୋଇ ପାରୁନି। ପଞ୍ଜିକରଣ ପାଇଁ ଦିନକୁ ଯେତିକି ସ୍ଲଟ୍ ବୁକିଂ ହେଉଛି ତାହାର ୯୦ ପ୍ରତିଶତ ପାର୍ଟ ପ୍ଲଟ୍ ବୋଲି ଜଣାପଡ଼ିଛି। ଏହି କଟକଣା ହେବା ପରେ ପରେ ୨୦୨୧ ମାର୍ଚ୍ଚରେ ଆଇନଜୀବୀମାନେ ଆନ୍ଦୋଳନ କରିବା ସହ ଏହି କଟକଣା ପ୍ରତ୍ୟାହାର ଦାବିରେ ସବ୍‌ରେଜିଷ୍ଟ୍ରାର ଅଫିସରେ ତାଲା ପକାଇ ଦେଇଥିଲେ। ଏହା ଉପରେ ସରକାର କୌଣସି ତର୍ଜମା କଲେନାହିଁ। ଯାହାଫଳରେ ଆଂଶିକ ପ୍ଲଟ ବିକ୍ରି ଉପରେ କଟକଣା ଲଗାଇ ବିଲ୍ଡର ମାନଙ୍କୁ ଧନୀ କରିଚାଲିଛନ୍ତି।

### ମଧୁସୂଦନ ...

ବିଦେଶୀ ଆକ୍ରମଣ ଓ ବଢ଼ି ମରୁଡି ସହିତ ନାନାବିଧ ରୋଗ ଦୁଃଖରୁ ଓଡ଼ିଆ ମାନଙ୍କ ବୌଦ୍ଧିକ ଓ ମାନସିକ ସୌର୍ଯ୍ୟ କ୍ଷୁର୍ଣ୍ଣ ହେବାରୁ ଓଡ଼ିଆମାନେ ନିଜକୁ ବିଶ୍ୱ ସ୍ତରରେ ନିଜର ସ୍ଥିତି ଜାହିର କରିବାରେ ଅକ୍ଷମ ରହିଲେ। ମାତ୍ର ପୂର୍ବ ପୁରୁଷଙ୍କ ଗୁଣସୁତ୍ରର ପ୍ରଭାବରେ କିଛି ମୁଷ୍ଟିମେୟ ବ୍ୟକ୍ତିତ୍ୱ ପୁନର୍ବାର ଓଡ଼ିଆଙ୍କୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରାଇବା ନିମିତ୍ତି ଅତ୍ୟନ୍ତ କଷ୍ଟସାଧ ଚେଷ୍ଟା କରି ଅନେକାଂଶରେ ସଫଳ ହୋଇଛନ୍ତି। ମାତ୍ର ପରିତାପର ବିଷୟ ଆମ ରାଜ୍ୟ ସରକାରମାନେ ସେଭଳି ବରପୁତ୍ର ମାନଙ୍କୁ ଉଚିତ ସମ୍ମାନ ଦେବାରେ ବର୍ତ୍ତମାନ ମଧ୍ୟ ସଫଳ ହୋଇପାରିନାହାନ୍ତି। ମଧୁସୂଦନ ଦାସ ସେହି ବରପୁତ୍ର ମାନଙ୍କ ମଧ୍ୟରୁ ଜଣେ ଉଜ୍ଜ୍ୱଳ ଜ୍ୟୋତିଷ୍କ ଅଟନ୍ତି। ଜଣେ ଅତ୍ୟନ୍ତ ପ୍ରଭାବଶୀଳ ବାରିଷ୍ଟର (ଓକିଲ) ନିଜ ଓକିଲାତି ଜୀବନରେ ବିଦେଶରେ ମଧ୍ୟ ଅନେକ କାଳଜୟୀ ମାମଲା ପରିଚାଳନା କରି ଅନେକ ସମ୍ମାନ ଆଣିଛନ୍ତି। ଯାହାଙ୍କ ପ୍ରଚେଷ୍ଟାରେ ଉତ୍କଳର ଏକତ୍ରିକରଣ ନିମିତ୍ତ ଉତ୍କଳ ସମ୍ମିଳନୀ ଆରମ୍ଭ ହୋଇପାରିଥିଲା। ଓଡ଼ିଶାର ପ୍ରଥମ ସ୍ନାତକ ଓ ପ୍ରଥମ ଓକିଲ ଥିଲେ। ସେ କୁଳବୃଦ୍ଧ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମ ତାରିଖ ୨୮ ଏପ୍ରିଲକୁ 'ଲୟର୍ସ ଡେ' ଭାବରେ ପାଳିତ ହେଉଛି। ଏପରି ସ୍ଥଳେ ଭୁବନେଶ୍ୱରର କୋର୍ଟ ପରିସରର ନବକଳେବର ଅତି ଉନ୍ନତମାନରେ ହେଉଥିବା ସ୍ଥଳେ ଏହା ସଂଲଗ୍ନ ପୁରୁଣା ରାଜମାର୍ଗ ଯାହା ଭୁବନେଶ୍ୱରରୁ ପୁରୀକୁ ସଂଯୋଗ କରୁଅଛି ତାହା ମଧୁସୂଦନ ଦାସଙ୍କ ନାମରେ ନାମିତ ହେଲେ ବର୍ତ୍ତମାନର ଯୁବସମାଜ ମନରେ ନିଜର ଗୌରବମୟ ଇତିହାସକୁ ନେଇ ଗର୍ବ କରିବା ପାଇଁ ପ୍ରେରଣା ଯୋଗାଇବା ସହିତ ପୂଜ୍ୟପୂଜାରେ ଏକ ଅନନ୍ୟ ଅର୍ଘ୍ୟ ଆହୁତି ହେବ, ଯାହା ଯୁବସମାଜକୁ ଆଳସ୍ୟ ପରିହାର କରି ବରପୁତ୍ର ମାନଙ୍କ ପରି କର୍ମଠ ହେବାକୁ ଉତ୍ସାହ ଯୋଗାଇବ।

### 'ଆଗାମୀ ...

ସେହିପରି ମୁଖ୍ୟମନ୍ତ୍ରୀ ଆଗାମୀ ଦିନରେ ତାଙ୍କ ସରକାରର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଆୟୁଷ୍ମା ଭାରତ ଯୋଜନାକୁ ତାଙ୍କ ସରକାର ଖୁବଶୀଘ୍ର ଲାଗୁ କରିବାକୁ ଯାଉଛନ୍ତି। ଏହାଦ୍ୱାରା ଦେଶର ଯେକୌଣସି ଅଂଚଳରେ ରହୁଥିବା ଓଡ଼ିଆ ଲୋକଟିଏ ଚିକିତ୍ସା ସୁବିଧା ପାଇପାରିବ। ପ୍ରତି ଜିଲ୍ଲାରେ ଗୋଟିଏ ଲେଖାଏଁ ମେଡିକାଲ କଲେଜ ପ୍ରତିଷ୍ଠା ସହ ଖାଲି ପଡ଼ିଥିବା ଡାକ୍ତର ଓ ପାରା ମେଡିକାଲ ପଦବୀ ପୂରଣ ପାଇଁ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଶିକ୍ଷା କ୍ଷେତ୍ରରେ ୧୦୦ଦିନ ମଧ୍ୟରେ ଅନେକଗୁଡ଼ିଏ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପିଏମଶ୍ରୀ ଯୋଜନା ୮୦୦ସ୍କୁଲକୁ ଉତ୍କର୍ଷ କେନ୍ଦ୍ର ଭାବେ ପ୍ରତିଷ୍ଠା କରାଯିବ। ନୂଆ ଜାତୀୟ ଶିକ୍ଷା ନୀତି-୨୦୨୦କୁ ଲାଗୁ ପାଇଁ ନିଷ୍ପତ୍ତି ନିଆଯାଇଛି। ମାଧୋ ସିଂହ ହାତଖର୍ଚ୍ଚ ଯୋଜନାରେ ଛାତ୍ରଛାତ୍ରୀଙ୍କୁ ୫ହଜାର ଟଙ୍କା ଲେଖାଏଁ ଦେବାକୁ ନିଷ୍ପତ୍ତି ହୋଇଛି। ନିଯୁକ୍ତି କ୍ଷେତ୍ରରେ ଆଗାମୀ ୫ବର୍ଷ ମଧ୍ୟରେ ଅଢ଼େଇ ଲକ୍ଷ ସରକାରୀ ପଦବୀ ପୂରଣ କରାଯାଇ ଯୁବକଯୁବତୀଙ୍କୁ ନିଯୁକ୍ତି ଦିଆଯିବ। ଅଗ୍ନିବୀରମାନଙ୍କ ପାଇଁ ୟୁନିଫର୍ମ ଚାକିରି ବା ସେବାରେ ୧୦ପ୍ରତିଶତ ସ୍ଥାନ ସଂରକ୍ଷିତ ରହିବ। ସେହିପରି ଆସନ୍ତା ୫ବର୍ଷ ମଧ୍ୟରେ ଶିଳ୍ପ କ୍ଷେତ୍ରରେ ସାଢ଼େ ୩ଲକ୍ଷ ନିଯୁକ୍ତି ସୃଷ୍ଟି କରାଯିବ। ଆମେ ଏବେ ସୁଦ୍ଧା ୨୬ଟି ନୂଆ ପ୍ରକଳ୍ପକୁ ଅନୁମୋଦନ ଦେଇସାରିଛୁ। ଏହାଦ୍ୱାରା ରାଜ୍ୟରେ ୬ହଜାର କୋଟି ଟଙ୍କାର ପୁଞ୍ଜିବିନିଯୋଗ ହେବ ଓ ୧୯ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସୂଚନା ଦେଇଛନ୍ତି। ଭୁବନେଶ୍ୱରରେ ୧୦୦ ଏକର ଅଞ୍ଚଳରେ ଏକ ନୂଆ ବିଶ୍ୱସ୍ତରୀୟ ଷ୍ଟାଡ଼ିୟମ ତଥା କ୍ରୀଡ଼ା କେନ୍ଦ୍ର ନିର୍ମାଣ ପାଇଁ ତାଙ୍କ ସରକାର ନିଷ୍ପତ୍ତି ନେଇଛି। ହକି ଜାତୀୟ ଦଳର ପ୍ରାୟୋଜକ ଭାବେ ରାଜ୍ୟ ସରକାର ୨୦୩୬ ମସିହା ପର୍ଯ୍ୟନ୍ତ ରହିବେ ବୋଲି ନିଷ୍ପତ୍ତି ହୋଇଛି। ଗ୍ରାମାଞ୍ଚଳ ଓ ତୃଣମୂଳ କ୍ଷେତ୍ରରେ କ୍ରୀଡ଼ାର ବିକାଶ ପାଇଁ ତାଙ୍କ ସରକାର ୯୫୨କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି।

# ବିରିଘାଟ ଗ୍ରାମରେ ମଦ କୋଠୀ ବନ୍ଦ ଦାବି

**ନୂଆପଡ଼ା :** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ବିରୀଘାଟ ଗ୍ରାମରେ ମଦ ବିରୋଧୀ ଆନ୍ଦୋଳନ କରାଯାଇଛି। ଗ୍ରାମରେ ବେଆଇନ ଭାବେରେ ଦଶରୁ ଉର୍ଦ୍ଧ୍ୱ ବେଆଇନ ମଦ କୋଠୀ ରହିଛି। ଯାହା ଫଳରେ ଗ୍ରାମର ପୁରୁଷ ଲୋକମାନେ ନିଶା ଗ୍ରସ୍ତ ହୋଇଯାଉଛନ୍ତି। ଘରର ଆର୍ଥିକ ଅବସ୍ଥା ଖରାପ ହେଉଥିବା ବେଳେ ଘରେ କଳି ଝଗଡ଼ା ଲାଗି ରହି ପରିବେଶ ଅଶାନ୍ତି ରହୁଛି। ଏହି ପରିକି ଅନ୍ୟ ଗ୍ରାମର ଅସାମାଜିକ ଯୁବକ ମାନେ ବୀରିଘାଟ ଆସି ମଦ୍ୟ ପାନ କରିଛନ୍ତି ଓ ଗ୍ରାମର ମହିଳା ମାନଙ୍କୁ ଦୁର୍ବ୍ୟବହାର କରୁଛନ୍ତି। ଏହି ସବୁ କାରଣ ପାଇଁ ସେମାନେ ସୁରକ୍ଷିତ ନୁହନ୍ତି। ଅଭିଯୋଗ କରି ଯଥା ଶୀଘ୍ର ମଦ କୋଠୀ ସବୁ ବନ୍ଦ କରିବାକୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ଗ୍ରାମବାସୀ ଦାବି କରିଛନ୍ତି। ସ୍ଥାନୀୟ ସରପଞ୍ଚ ରଞ୍ଜିତା କାଣ୍ଡଙ୍କ ନେତୃତ୍ୱରେ ସେ




ମାନେ ଗ୍ରାମରେ ରେଲି କରି ଲୋକଙ୍କୁ ସଚେତନ କରିବା ସହ ମଦ ବେପାରୀଙ୍କୁ ଚେତାବନୀ ଦେଇଛନ୍ତି। ଓ ମଦ କୋଠୀ ବନ୍ଦ ନହେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର କରିବାକୁ ଚେତାବନୀ ଦେଇଛନ୍ତି। ଏ ନେଇ ଖଡ଼ିଆଳ ଅବକାରୀ ଅଧିକାରୀ ସଂଜୀବ କୁମାର ବେରୋଙ୍କୁ ପଚାରିବାରୁ ତଦନ୍ତ କରି ବେପାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଛନ୍ତି।

# ଲକ୍ଷ୍ମୀପୁର ବ୍ଲକରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ

**ଲକ୍ଷ୍ମୀପୁର :** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଠାରେ ଭିଡିଓ କନ୍‌ଫ୍ରେସ ମାଧ୍ୟମରେ ପ୍ରଧାନମନ୍ତ୍ରୀ ମାନ୍ୟବର ନରେନ୍ଦ୍ର ମୋଦିଙ୍କ ଦ୍ୱାରା ରାଜ୍ୟର ମହିଳା ମାନଙ୍କ ପାଇଁ ସୁଭଦ୍ରା ଯୋଜନାର ଶୁଭ ଉଦ୍‌ଘାଟନ ହୋଇଯାଇଛି। ଏଇ କ୍ଷେତ୍ରରେ ଲକ୍ଷ୍ମୀପୁର ବ୍ଲକ୍ ସଦର ରାମ ମନ୍ଦିର ପାଖରେ ଥିବା ପଡ଼ିଆରେ ଏକ ବିରାଟ ଧରଣର କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଛି। ଲକ୍ଷ୍ମୀପୁର ବିଡ଼ିଓ ଗୁରେଶ୍ୱର ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଲକ୍ଷ୍ମୀପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଆଇ କୁଲେସିକା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷା ଆରତୀ କୁଲଦୀପ, ସିଡ଼ିପିଓ ପାର୍ବତୀ ଆଚାର୍ଯ୍ୟ, ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର କୁଲେସିକା ଲକ୍ଷ୍ମୀପୁର, ପଞ୍ଝଡ଼ା, ବୁର୍ଜା, ଗୌଡ଼ ଗୁଡ଼ା, ଭିତରଗଡ, ଚମ୍ପୀ, କୁସୁମଗୁଡ଼ା ଓ ଓଡିଆପେଣ୍ଠ ପଞ୍ଚାୟତର ସରପଞ୍ଚ ମାନେ ଯୋଗ ଦେଇ ସୁଭଦ୍ରା ଯୋଜନା ବିଷୟରେ ଉପସ୍ଥିତ ମହିଳା ମାନଙ୍କୁ



ସଚେତନ କରାଇଥିଲେ। ପରେ ପ୍ରାୟ ୫୦ ଜଣ ହିତାଧିକାରୀଙ୍କୁ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକରେ ଥିବା ସମସ୍ତ ବିଭାଗର ଅଧିକାରୀ ମାନେ ଯୋଗ ଦେଇଥିବା ବେଳେ ବହୁ ସଂଖ୍ୟାରେ ମହିଳା ମାନଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତିର କୋଡ଼ିନେଟର ରଜତ ବିଡିକା ମଞ୍ଚ ପରିଚାଳନା କରିଥିବା ବେଳେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଲକ୍ଷ୍ମୀପୁର ଥାନା ତରଫରୁ ବ୍ୟାପକ ପୋଲିସ କର୍ମୀ ମୃତୟନ କରାଯାଇଥିଲା।

# ବିଜେପି ଯୁବ ମୋର୍ଚ୍ଚା ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

**ଲକ୍ଷ୍ମୀପୁର :** ଦେଶର ପ୍ରଧାନ ମନ୍ତ୍ରୀ ମାନ୍ୟବର ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିବସ ଉପଲକ୍ଷେ ସତର ତାରିଖରୁ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ସେବା ମହାଯଜ୍ଞ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଇ କ୍ଷେତ୍ରରେ ବିଜେପି ଯୁବ ମୋର୍ଚ୍ଚା ତରଫରୁ ଲକ୍ଷ୍ମୀପୁର ବ୍ଲକ୍ ବିଜେପି କାର୍ଯ୍ୟାଳୟ ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ବିଜେପି କାର୍ଯ୍ୟାଳୟ ଠାରେ ଆୟୋଜିତ ଏହି ଶିବିରରେ ଲକ୍ଷ୍ମୀପୁର ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର କୁଲେସିକା, ବିଜେପି ଜିଲ୍ଲା ଆଦିବାସୀ ମୋର୍ଚ୍ଚା ସାଧାରଣ ସମ୍ପାଦକ ଉଦୟ ହିକକା, ଜିଲ୍ଲା ସାଧାରଣ ସମ୍ପାଦକ ଅଗସ୍ତି ହାଲବା ପ୍ରଭୃତି ଉପସ୍ଥିତ ଥିବା ବେଳେ ସର୍ବ ମୋଟ ୧୬ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। କୋରାପୁଟ ବ୍ଲଡ ବେଙ୍କରୁ



ଆସିଥିବା ସମସ୍ତ କର୍ମଚାରି ମାନେ ଉପସ୍ଥିତ ରହି ରକ୍ତଦାନ ପାଇଁ ଆସିଥିବା ପ୍ରତ୍ୟେକଙ୍କ ଠାରୁ ସୁଚାରୁ ରୁପେ ରକ୍ତ ସଂଗ୍ରହ କରିଥିବା ବେଳେ ବିଜେପି ଜିଲ୍ଲା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ମନୋଜ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁନିଲ ସାହୁ, ପ୍ରତାପ ହାଲବାଙ୍କ ସମେତ ଅନେକ ବିଜେପି କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ରହି ଏହି ରକ୍ତଦାନ ଶିବିରରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ମୈତ୍ରୀ କମ୍ପାନୀ ତରଫରୁ ସ୍କୁଲ ସାମଗ୍ରୀ ବଣ୍ଟନ

**ଲକ୍ଷ୍ମୀପୁର :** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍ ସଦରରେ ଥିବା ୟୁ.ଏନ୍.ରାଜୁ ବାଳିକା ବିଦ୍ୟାଳୟ ଠାରେ କୋଡ଼ିଙ୍ଗା ମାଳି ଖଣି ଉତ୍ତୋଳନ କାରୁଥିବା ମୈତ୍ରୀ କମ୍ପାନୀ ତରଫରୁ ଛାତ୍ରୀ ମାନଙ୍କୁ ସ୍କୁଲ ସାମଗ୍ରୀ ବଣ୍ଟନ କରାଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ବୈଷ୍ଣବ ଖରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୈତ୍ରୀ କମ୍ପାନୀ ପ୍ରୋଜେକ୍ଟ ମ୍ୟାନେଜର କେ.ତ୍ରିନାଥ ଯୋଗ ଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଆଇ କୁଲେସିକା, ପୂର୍ବତନ ଲକ୍ଷ୍ମୀପୁର ସରପଞ୍ଚ ଘାସିରାମ ମୁଦୁଲି, ସୋରାଜ୍ୟ ବେହେରା, ବସନ୍ତ ବିଡିକା ଯୋଗ ଦେଇ ପ୍ରତ୍ୟେକ ଛାତ୍ରୀଙ୍କୁ ଦୁଇ ହଳ ପୋଷାକ, ଦୁଇ ହଳ



ବୁଟ, ଗୋଟେ ବ୍ୟାଗ୍, ଗୋଟିଏ ସ୍ୱିଟର ଓ ଚାରୋଟି ଖାତା ଆଦି ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ କୃଷ୍ଣାମଣି ଖିଲୋ ପରିଚାଳନା କରିଥିବା ବେଳେ ମୈତ୍ରୀ କମ୍ପାନୀ ପିଆରଓ ସୁଧିର ଗରଡ଼ା, ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ନାବାଳିକା ଦୁଷ୍କର୍ମକାରୀଙ୍କୁ କୋର୍ଟ ଚାଲାଣ

**ନୂଆପଡ଼ା :** ନୂଆପଡ଼ା ସଦର ବ୍ଲକ ଧରମ୍ବନ୍ଧା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଦୁଷ୍କର୍ମ କରିବା ଅଭିଯୋଗରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ ୧୫ ସେପ୍ଟେମ୍ବରରେ ନାଚ କାର୍ଯ୍ୟକ୍ରମ ଚାଲିଥିଲା। କାର୍ଯ୍ୟକ୍ରମ ଦେଖିବାକୁ ପାଇଁ ନାବାଳିକା ଜଣକ ନିଜ ମା'ଙ୍କ ସହ ସେଠାକୁ ଯାଇଥିଲେ। ନାଚ ମଝିରୁ ନାବାଳିକା ଜଣକ ନିକଟସ୍ଥ ଏକ ପରିତ୍ୟକ୍ତ ସ୍ଥାନକୁ ପରିସ୍ରା କରିବାକୁ ଯାଇଥିଲେ। ଏହି ସମୟରେ ଡାଲେଶ୍ୱର୍ ସାହୁ (୫୦) ନାମକ ଜଣେ ବ୍ୟକ୍ତି ଉକ୍ତ ରାସ୍ତା ଦେଇ ଯାଉଥିବା ବେଳେ ନାବାଳିକାଙ୍କୁ ଏକୁଟିଆ ପାଇ ଦୁଷ୍କର୍ମ କରିଥିଲେ। ଏହି ଘଟଣା ବିଷୟରେ ନାବାଳିକା ଜଣକ ନିଜ ପରିବାରକୁ ଜଣାଇବା ପରେ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଆଧାର କରି ଡାଲେଶ୍ୱର ସାହୁଙ୍କୁ ଗିରଫ କରିଥିଲା। ଡାକ୍ତରୀ ବୟାନ ପରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସୂତ୍ରରୁ ପ୍ରକାଶ।

# ନୂଆପଡ଼ା ଜିଲ୍ଲା ଖରିଆର ରୋଡ ରେଳ ଷ୍ଟେସନ ପରିସର ମଧ୍ୟରେ ବନ୍ଦେ ଭାରତ ରେଳ ଉଦ୍‌ଘାଟନ



**ନୂଆପଡ଼ା,(ସୁଶାନ୍ତ କୁମାର) :** ନୂଆପଡ଼ା ଜିଲ୍ଲା ଖରିଆର୍ ରୋଡ ରେଳ ଷ୍ଟେସନ ପରିସରରେ ବନ୍ଦେ ଭାରତ ରେଳ ଶୁଭ ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନ ଉତ୍ସବରେ ରେଳ ବରିଷ୍ଠ ଡିସିଏମ ଗରିମା ତିୱାରୀ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ରୂପେ କଳାହାଣ୍ଡି ସାଂସଦ ମାଳବିକା ଦେବୀ ଯୋଗ ଦେଇ ମୋଦୀ ଭାରତ ବିକଶିତ ହେବାକୁ କହୁଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ଓଡ଼ିଶା ବିକଶିତ ହେବା ଓ କଳାହାଣ୍ଡି ଏବଂ ନୂଆପଡ଼ା ବିକଶିତ ହେବ ବୋଲି ମତବ୍ୟକ୍ତ କରିଛନ୍ତି। ସଭାରେ ପୂର୍ବତନ ସାଂସଦ ଅର୍କ କେଶରୀ ଦେଓ, ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆ,ଖରୀଆର ରୋଡ ନଗର ଅଧ୍ୟକ୍ଷା ସୋନିଆ ଜୈନ, ଜିଲ୍ଲାପାଳ ମଧୁସୂଦନ ଦାସ, ଏସପି ଜିଆର ରାଘେବେନ୍ଦ୍ର , ସିଆରପିଏଫ୍ କମାଣ୍ଡେଣ୍ଟ ଏରିକ୍ ଏଲ୍ ବଟ ଯୋଷ ପ୍ରମୁଖ ମଞ୍ଚାସିନ ହୋଇଥିଲେ। ବହୁ ନେତୃମଣ୍ଡଳୀ, ସଚେତନ ନାଗରିକ ଏବଂ ବିଦ୍ୟାର୍ଥୀ, ଛାତ୍ର ଛାତ୍ରୀ ମାନେ ଯୋଗ ଦେଇଥିଲେ।

# କଳାର ଏନ୍ତୁଡିଶାଳ ଗଞ୍ଜାମର ଶିଳ୍ପ ଗ୍ରାମ ମଥୁରା



ରବୀନ୍ଦ୍ର କୁମାର ମହାରଣା

ମଥୁରା କେବଳ ଗଞ୍ଜାମ ଜିଲ୍ଲାର ଏକ ଜଣାଶୁଣା ଗ୍ରାମର ନାମ ନୁହେଁ ଏହା ଓଡ଼ିଶା ତଥା ଭାରତର ଏକ ପ୍ରମୁଖ କଳା ଓ କଳାକାର ଗ୍ରାମ ରୂପେ ପରିଚିତ ଲାଭ କରିଛି ତାର କଳା, ଐତିହ୍ୟ, ସଂସ୍କୃତି ଓ ପରମ୍ପରା ପାଇଁ। ଗୋବର କଣ୍ଢେଇ ଓ ମାଟି କଣ୍ଢେଇ, ଗଞ୍ଜପା ସାର, ଘଟଚିତ୍ର, ଓଷାକୋଠି ବା କୋଠିଶାଳ ଚିତ୍ର, ବାଉଁଶ ପାତର ପେଢି ଚିତ୍ର, ବାହା ପୁଆଣୀର କୁଲା, ବାଉଁଶୁଣୀ ଓ ଦୁଆର ଚିତ୍ର, ଦଣ୍ଡ ନାଟର କାଳୀ ପଟ୍ଟା ଚିତ୍ର, ପଟ୍ଟଚିତ୍ର, ଇଟା ଓ ସିମେଣ୍ଟରେ କାରୁକାର୍ଯ୍ୟ ଭରା ମନ୍ଦିର ଗଠନ, ପଥର ମୂର୍ତ୍ତି ନିର୍ମାଣ, ଦଣ୍ଡ ନାଟର ବିଭିନ୍ନ ଚରିତ୍ରର ମୁଖମଣ୍ଡଳର ଚାରିତ୍ରିକ ଚିତ୍ରଣ ପରି ବହୁବିଧ କଳାର ଗନ୍ତାଘର ମଥୁରା। କେବଳ ଚିତ୍ରକଳା ନୁହେଁ ହସ୍ତକଳା ଯଥା ପଥର ମୂର୍ତ୍ତି, ପିତଳ ମାଛ, ଗରା, ମାଠିଆ, ପିତଳରେ ମନ୍ଦିରର ଆରତି, ଘଣ୍ଟ, ତୁରୀ, ପିତଳ ମୂର୍ତ୍ତୀ ନିର୍ମାଣରେ ସିଦ୍ଧହସ୍ତ ମଥୁରାର ଶିଳ୍ପୀ କୁଳ। ମଥୁରାର ପୂର୍ବ ସୁରୀ ଓ ବର୍ତ୍ତମାନର ଯୁବ ପିଢିଙ୍କ କଳାଗାରିମାର ଶ୍ରେଷ୍ଠତାକୁ ପିଢି ପରେ ପିଢି ବଜାୟ ରଖିବାକୁ ଚେଷ୍ଟିତ। ବର୍ତ୍ତମାନ ବିଲୁପ୍ତପ୍ରାୟ କଳା ଓ ବଞ୍ଚି ରହିଥିବା କଳାର ପ୍ରଚ୍ଛଦପଟ୍ଟ ଇତିହାସ ଉପରେ ଆଲୋଚନା କରିବା।

***ଗୋବର କଣ୍ଢେଇ :*** ଗୋବର, ପାଉଁଶ, ଆପଚା ଅଠା ଓ ଖଡିଗୁଣ୍ଡରୁ ପ୍ରସ୍ତୁତ ଗୋବର କଣ୍ଢେଇ ମଥୁରା ଗ୍ରାମର ପାରମ୍ପରିକ ହସ୍ତକଳାର ଶ୍ରେଷ୍ଠ ନମୁନାର ନିଛକ ଉଦାହରଣ। ଅତି ସୁନ୍ଦର ଓ ସମୟ ସାପେକ୍ଷ ଏହି ହସ୍ତକଳାର ସ୍ମାରକୀ ସ୍ୱରୂପ ଅଦ୍ୟାବଧି ଗାଁର ଝିଅ ବୋହୂମାନେ ଶାଶୁଘର ଗଲାବେଳେ ଯୌତୁକ ପେଢିରେ ଗୋବର କଣ୍ଢେଇ ସାଥିରେ ନେଇଥାନ୍ତି। ଆଜିର ଅତ୍ୟାଧୁନିକ ଯୁଗରେ ପ୍ଲାଷ୍ଟିକ ଓ ପ୍ଲାଷ୍ଟର ପ୍ୟାରିସ ପରି ସ୍ଥାୟୀ କଣ୍ଢେଇର ଆଦର ବଢିଥିଲେ ମଧ୍ୟ ଅଧୁନା ଗାଁ ଗହଳିର ଜାନିଯାତ୍ରାରେ ଗୋବର କଣ୍ଢେଇର ଆଦର ଆଦୌ କମିନାହିଁ। ଗୋବର କଣ୍ଢେଇର ଆଦ୍ୟ ଇତିହାସକୁ ପର୍ଯ୍ୟାଲୋଚନା କଲେ ଜାଣିପାରିବା ଯେ ୰ସତ୍ୟଭାମା ମହାରଣା ଥିଲେ ଗୋବର କଣ୍ଢେଇର ପ୍ରଚାର ଓ ପ୍ରସାରର ଆଦ୍ୟ ବିନ୍ଧାଣୀ। ତାଙ୍କ ସମସାମୟିକ ଶିଳ୍ପୀ ୰ ତିଳୋତ୍ତମା ମହାରଣା, ୰ ଲଳିତା ମହାରଣା, ୰ ସୁକୁମାରୀ ମହାରଣା , ୰ ଉଲି ପାଇକରା ପ୍ରମୁଖ ଶ୍ରେଷ୍ଠ ମହିଳା ଶିଳ୍ପୀ ଥିଲେ। ତାଙ୍କ ଅନ୍ତେ ସତ୍ୟଭାମାଙ୍କ ଚାରି ଝିଅ ୰ ରାଜୁ ମହାପାତ୍ର, ୰ ହଜାରୀ ମହାପାତ୍ର,୰ ବଙ୍ଗାଳି ( ପାର୍ବତୀ) ମହାରଣା ଓ ପଙ୍କ ମହାରଣା ଏବଂ ଡମୁଣି ମହାରଣା, ଚନ୍ଦ୍ର ଦାସ ପ୍ରମୁଖ ମହିଳା ହସ୍ତଶିଳ୍ପୀ ଏହାର ପ୍ରଚାର ଓ ପ୍ରସାରର ମଙ୍ଗ ଧରିଥିଲେ। ଅଧୁନା ପ୍ରୀତି ଦାସ, ଜୟ ମହାରଣା, ରାଧା ମହାପାତ୍ର, ରେଣୁ ମହାରଣା, ଛବିତା ଦାସ, ଛବି ମହାପାତ୍ର, ଶୈଳ ମହାରଣା, ପୁର୍ଣ୍ଣବାସୀ ମହାପାତ୍ର ପ୍ରମୁଖ ମହିଳା ହସ୍ତଶିଳ୍ପୀ ବିଲୁପ୍ତପ୍ରାୟ ଗୋବର କଣ୍ଢେଇର ସ୍ଥାୟିତ୍ୱ ପାଇଁ ସଦା ଚେଷ୍ଟିତ। ସମୟକ୍ରମେ ମଥୁରାର ବୋହୂ ଉର୍ବଶୀ ମହାରଣା ଓ ଝିଅ ଅବନ୍ତୀ ମହାରଣା ଗାଁରୁ ଆସି ଭୁବନେଶ୍ୱରରେ ଅବସ୍ଥାପିତ କରି ଏହି ହସ୍ତକଳାକୁ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠିତ କରାଇବା ପାଇଁ ସଦା ଚେଷ୍ଟିତ। ଫଳ ସ୍ୱରୂପ ଉର୍ବଶୀ ମହାରଣା ଗୋବର କଣ୍ଢେଇ ଶୈଳୀରେ ରାଧାକୃଷ୍ଣଙ୍କ ପ୍ରେମଲୀଳା କଳାକୃତି ପ୍ରସ୍ତୁତ କରି ୨୦୨୨ ମସିହା ପାଇଁ ରାଜ୍ୟ ଓ ୨୦୨୩ ମସିହା ପାଇଁ ଜାତୀୟ ପୁରସ୍କାର ପାଇବା ପାଇଁ ପ୍ରଥମ ଗୋବର କଣ୍ଢେଇ ଶିଳ୍ପୀ ଭାବରେ ମଥୁରା ଗ୍ରାମ , ରାଜ୍ୟ ତଥା ଦେଶ ପାଇଁ ଗୌରବ ସାଉଁଟିଛନ୍ତି। ସେହିପରି ଅବନ୍ତୀ ମହାରଣା ମଧ୍ୟ ପଟ୍ଟଚିତ୍ର ସହ ଗୋବର କଣ୍ଢେଇର ପ୍ରଚାର ଓ ପ୍ରସାର ସ୍ୱରୂପ ବହୁ ସ୍ଥାନରେ ପ୍ରଦର୍ଶନୀ ,କର୍ମଶାଳା, କଳା କୌଶଳ ପ୍ରଦର୍ଶନୀରେ ଅଂଶ ଗ୍ରହଣ କରି ପ୍ରଶଂସିତ ହୋଇଛନ୍ତି। ଗତ ୨୦୨୨ ମସିହାରେ ସରକାରୀ ସ୍ତରରେ ଓଡିଶା ଲଳିତକଳା ଏକାଡେମୀର ସଭାପତି ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ପ୍ରଚେଷ୍ଟା, ପୂର୍ବତନ ସଂପାଦକ ଡଃ ପଞ୍ଚାନନ ସାମଲଙ୍କ ପ୍ରୟାସରେ ଓ ମଥୁରା ଗ୍ରାମର ଶିଳ୍ପୀ ରବୀନ୍ଦ୍ର କୁମାର ମହାରଣାଙ୍କ ସହଯୋଗରେ ୩୨ ଜଣ ନାରୀ ଶିଳ୍ପୀଙ୍କ ମଧ୍ୟରୁ କେବଳ ମଥୁରା ଗ୍ରାମର ୭ ଜଣ ଶ୍ରେଷ୍ଠ ଶିଳ୍ପୀମାନଙ୍କୁ ନେଇ ଭୁବନେଶ୍ୱରସ୍ଥ ବୁଦ୍ଧ ଆର୍ଟ ଗ୍ୟାଲେରୀ ପରିସରରେ ରାଜ୍ୟ ସ୍ତରୀୟ କଣ୍ଢେଇ କର୍ମଶାଳା ଓ ପ୍ରଦର୍ଶନୀର ଆୟୋଜନ କରି ବେଶ୍ ପ୍ରସଂଶା ସାଉଁଟି ଥିଲେ। ଏହା ମଥୁରା କଳା ଇତିହାସ ପାଇଁ ସ୍ମରଣୀୟ ଅଟେ।

***ପଟ୍ଟଚିତ୍ର, ଗଞ୍ଜପା,କୋଠିଶାଳ ଚିତ୍ର ଓ ଭିତ୍ତିଚିତ୍ର :*** ପଟ୍ଟଚିତ୍ର, ଗଞ୍ଜପା, କୋଠିଶାଳ ଚିତ୍ର,କାଳୀ ପଟାଚିତ୍ର,ଦୂର୍ଗାମାଧବ ଚିତ୍ର, ଘଟଚିତ୍ର ପରି ପାରମ୍ପରିକ ଚିତ୍ର ତଥା ସମସାମୟିକ ଓ ସୂକ୍ଷ୍ମ ଚିତ୍ରକଳାର ସମ୍ଭାର ଶିଳ୍ପୀ କୁଳର ଗାରିମା ବହନ କରିଛି ମଥୁରା ଗ୍ରାମ। ଉକ୍ତ ଗ୍ରାମର ସୁଧୀର କୁମାର ମହାରଣା, ରବୀନ୍ଦ୍ର କୁମାର ମହାରଣା, ସରୋଜ ମହାପାତ୍ର ପାରମ୍ପରିକ ପଟ୍ଟଚିତ୍ରର ଜଣେ ଜଣେ ଧୂରୀଣ ଚିତ୍ରଶିଳ୍ପୀ ତଥା ସଫଳ ବ୍ୟକ୍ତିତ୍ୱ। ସମୟ ଚକ୍ରରେ ସୁଧୀର କୁମାର ମହାରଣା ସିମେଣ୍ଟ ମୂର୍ତ୍ତୀ କାମ ଛାଡ଼ି ଭୁବନେଶ୍ୱରର ତତ୍କାଳୀନ ଗୁରୁ ୰ ଭାଗବତ ମହାରଣାଙ୍କ ଦ୍ୱାରା ଅନୁପ୍ରାଣିତ ଓ ନିଜର ସୃଜନାତ୍ମକ ଚିନ୍ତାଧାରା ଓ ଅଧ୍ୟବସାୟ ବଳରେ ଓଡିଶା ଲଳିତକଳା ଏକାଡେମୀ ପୁରସ୍କାର, ରାଜ୍ୟ ହସ୍ତଶିଳ୍ପ ପୁରସ୍କାର, ଜାତୀୟ ହସ୍ତଶିଳ୍ପ ପୁରସ୍କାର ଏବଂ ଚଳିତ ବର୍ଷ ଶିଳ୍ପୀ ଗୁରୁ ସମ୍ମାନରେ ସମ୍ମାନିତ ହେବା ପାଇଁ ମନୋନୀତ ହୋଇଥିବାରୁ ଶିଳ୍ପୀ ସୁଧୀର କୁମାର ମହାରଣା ମଥୁରାର କଳା ଇତିହାସ ପାଇଁ ପ୍ରେରଣାର ଉତ୍ସ ସାଜିଛନ୍ତି। ଗୁରୁ ସୁଧିର କୁମାର ମହାରଣାଙ୍କ ଅନ୍ୟତମ ଛାତ୍ର ରବୀନ୍ଦ୍ର କୁମାର ମହାରଣା (ନିଜେ ଉପସ୍ଥାପକ) ଗୁରୁଙ୍କ ମାର୍ଗଦର୍ଶନରେ ଭୁବନେଶ୍ୱର ସ୍ଥିତ ରାଜ୍ୟ ହସ୍ତଶିଳ୍ପ ତାଲିମ ପ୍ରତିଷ୍ଠାନର ପଟ୍ଟଚିତ୍ର ବିଭାଗର ତତ୍କାଳୀନ ମୁଖ୍ୟ ଉପଦେଷ୍ଟା ଗୁରୁ ବେଣୁଧର ମହାପାତ୍ର ଓ ଗୁରୁ ଦୀନବନ୍ଧୁ ମହାପାତ୍ରଙ୍କ ଦିଗଦର୍ଶନ ରବୀନ୍ଦ୍ରଙ୍କୁ ସଫଳତାର ପାହାଚ ପରେ ପାହାଚ ଅତିକ୍ରମ କରିବାର ସୁଯୋଗ ସୃଷ୍ଟି କରାଇଛନ୍ତି। ଫଳ ସ୍ୱରୂପ ରବୀନ୍ଦ୍ର ଅଧୁନା ଭୁବନେଶ୍ୱର ଉପକଣ୍ଠ ସତ୍ୟଭାମାପୁରସ୍ଥିତ ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ - ୨ ର ଜଣେ ସୁଦକ୍ଷ, ମିଷ୍ଟଭାଷୀ, କର୍ମତତ୍ପର କଳା ଶିକ୍ଷକ ଭାବେ କଳା ଶିକ୍ଷାଦାନ କରି ଅଜସ୍ର ଛାତ୍ରଛାତ୍ରୀମାନଙ୍କ କଳାମୟ ଜୀବନରେ ରଙ୍ଗ ଓ ତୂଳୀର ଚମତ୍କାରିତାର ଉପଲବ୍ଧ କରାଇ ପାରିଛନ୍ତି। ଗୁରୁ ରବୀନ୍ଦ୍ରଙ୍କ ମାର୍ଗଦର୍ଶନରେ ଅନେକ ଶିଶୁ ଚିତ୍ରଶିଳ୍ପୀ ବିଦ୍ୟାଳୟ, ରାଜ୍ୟ ତଥା ଜାତୀୟସ୍ତରରେ ସୁଖ୍ୟାତି ଅର୍ଜନ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ବିଭିନ୍ନ ବିଦ୍ୟାଳୟର ଆଠ ଜଣ ଛାତ୍ରଛାତ୍ରୀ ସାଂସ୍କୃତିକ ସମ୍ବଳ ଓ ତାଲିମ କେନ୍ଦ୍ର (ସେଣ୍ଟର ଫର କଲଚୁରାଲ୍ ରିସୋର୍ସ ଆଣ୍ଡ୍ ଟ୍ରେନିଂ), ନୂଆଦିଲ୍ଲୀ ଦ୍ୱାରା ପ୍ରଦତ୍ତ ଜାତୀୟ ମେଧା ଅନ୍ୱେଷଣ ବୃତ୍ତି ପ୍ରକ୍ରିୟା ମାଧ୍ୟମରେ ତାଲିମ ନେଇ ପାରମ୍ପରିକ ପଟ୍ଟଚିତ୍ରକୁ ଲୋକାଭିମୁଖୀ କରିବା ପାଇଁ ରବୀନ୍ଦ୍ର ମାର୍ଗଦର୍ଶକ ସାଜିଛନ୍ତି। ତାଙ୍କ ଦ୍ୱାରା ଲିଖିତ ଅନେକ ଚିତ୍ରକଳା ସମ୍ବନ୍ଧୀୟ ନିବନ୍ଧ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇ ପାଠକୀୟ ଆଦୃତି ଲାଭ କରିଛି। ସେହିପରି ଚିତ୍ରକଳା ଜଗତର ଅନନ୍ୟ ପ୍ରତିଭାଧାରୀ ବ୍ୟକ୍ତିତ୍ୱ ୰ ଚନ୍ଦ୍ର ଶେଖର ରାଓଙ୍କ ବାଲ୍ୟ ଓ କିଶୋରର ଗୁରୁତ୍ୱପୂର୍ଣ୍ଣ ସମୟ ମଥୁରାର କଳାତ୍ମକ ପରିବେଶରେ ପ୍ରଭାବିତ ହୋଇ ଓଡିଶା କଳା ଇତିହାସର କିମ୍ବଦନ୍ତୀ ପୁରୁଷ ସାଜିଥିଲେ। ପାରମ୍ପରିକ ପଟ୍ଟଚିତ୍ର ଶୈଳୀ ଆଧାରରେ ଏକ ନୂତନ ଚିତ୍ରକଳାର ସମ୍ଭାର 'ଟେମ୍ପେରା ଆର୍ଟ' ନିଜସ୍ୱ ଢଙ୍ଗରେ ସୃଷ୍ଟି କରି ଅଜସ୍ର ପ୍ରସଂଶା ସାଉଁଟି ଥିଲେ। ଚିତ୍ରକଳା ସହ ତତ୍ ସମ୍ବନ୍ଧୀୟ ଗବେଷଣାତ୍ମକ ପ୍ରବନ୍ଧ ରଚନା କରି ଓଡ଼ିଆ ଭାଷା ସାହିତ୍ୟ ଜଗତ ପାଇଁ ପ୍ରେରଣାର ଉତ୍ସ ଥିଲେ। ମଥୁରା ଗ୍ରାମର ସ୍ଥପତି ତଥା ଚିତ୍ରଶିଳ୍ପୀ ଜଗବନ୍ଧୁ ମହାପାତ୍ର ଖଲିକୋଟ ଚାରୁ ଓ କାରୁକଳା ମହାବିଦ୍ୟାଳୟରୁ ଦକ୍ଷତାର ସହ ଉତ୍ତୀର୍ଣ୍ଣ ହୋଇ ନିଜ ଗାଁ କାହ୍ନୁଚରଣ ଉଚ୍ଚ ବିଦ୍ୟାଳୟରେ କଳା ଶିକ୍ଷକ ଭାବେ କାର୍ଯ୍ୟରତ। ସେହିପରି ଚିତ୍ରଶିଳ୍ପୀ ଦିଗାମ୍ବର ମହାପାତ୍ର ଖଲିକୋଟ ଚାରୁ ଓ କାରୁକଳା ମହାବିଦ୍ୟାଳୟରୁ ଦକ୍ଷତାର ସହ ଉତ୍ତୀର୍ଣ୍ଣ ହୋଇ ନବୋଦୟ ବିଦ୍ୟାଳୟରେ କଳା ଶିକ୍ଷକ ଭାବେ କାର୍ଯ୍ୟରତ। ବିଗତ ଦିନମାନଙ୍କରେ ୰ ପ୍ରହଲ୍ଲାଦ ମହାରଣା, ୰ ସଶଦେବ ମହାରଣା, ୰ ଦେବରାଜ ମହାପାତ୍ର, ୰ ସୁରଥ ମହାପାତ୍ରଙ୍କ ପରି ଅଧୁନା ନାରାୟଣ ମହାରଣା, ସୂର୍ଯ୍ୟ ମହାପାତ୍ର, ରମେଶ ମହାପାତ୍ର, ସଞ୍ଜୟ ମହାପାତ୍ର, ବାଲାଜୀ ମହାପାତ୍ର, ରବି ମହାପାତ୍ର ପରି ଅନେକ ଯୁବ ଚିତ୍ରଶିଳ୍ପୀ କୋଠିଶାଳ, ଗଞ୍ଜପା ଓ ମନ୍ଦିର କାନ୍ଥରେ ଭିତ୍ତିଚିତ୍ର ଆଙ୍କିବାରେ ସିଦ୍ଧହସ୍ତ ଶିଳ୍ପୀ ମଥୁରା କଳା ଜଗତ ପାଇଁ ଜଣେ ଜଣେ ଧୂରୀଣ କର୍ଣ୍ଣଧାର କହିଲେ ଅତ୍ୟୁକ୍ତି ହେବନାହିଁ।

***ମନ୍ଦିର ନିର୍ମାଣ, ପ୍ରସ୍ତର ମୂର୍ତ୍ତି ଓ ସିମେଣ୍ଟ ମୂର୍ତ୍ତୀର କାରୁକାର୍ଯ୍ୟ :*** ଭିନ୍ନ ଏକ କଳାର ଗନ୍ତାଘର ମଥୁରା ଗ୍ରାମ। ଗୋବର କଣ୍ଢେଇ, କୋଠିଶାଳ,ଗଞ୍ଜପା ପରି ପ୍ରସ୍ତର ମୂର୍ତ୍ତି, ସିମେଣ୍ଟ ମୂର୍ତ୍ତୀ ଏବଂ କାରୁକାର୍ଯ୍ୟ ପୂର୍ଣ୍ଣ ମନ୍ଦିର ନିର୍ମାଣରେ ସିଦ୍ଧହସ୍ତ ମଥୁରାର ଶିଳ୍ପୀ କୁଳ। ତେଣୁ ଏହି ଶିଳ୍ପୀ ମାନଙ୍କୁ ଗଞ୍ଜାମ ଜିଲ୍ଲାରେ ଝବିନ୍ଧାଣୀଝ ବୋଲି କହିଥାନ୍ତି। ଅନ୍ୟ ଗାଁର ବିନ୍ଧାଣୀ ମାନଙ୍କ ଠାରୁ ମଥୁରା ବିନ୍ଧାଣୀଙ୍କ କାର୍ଯ୍ୟଶୈଳୀ ଓ କାର୍ଯ୍ୟଦକ୍ଷତା ସ୍ୱତନ୍ତ୍ର ଅଟେ। ନିଜ ଜନ୍ମମାଟିର ସୁଯୋଗ୍ୟ ସନ୍ତାନ ୰ ହାଡୁ ମହାରଣା, ୰ ଅନନ୍ତ ମହାରଣା, ୰ ବାସୁ ମହାରଣା, ୰ ଭୋବନୀ ମହାରଣା, ୰ ବୃନ୍ଦାବନ ମହାରଣା ,୰ ରଙ୍ଗନାଥ ମହାରଣା, ୰ ନେତ୍ରୋତ୍ସବ ଦାସ, ୰ ତ୍ରିନାଥ ଦାସ, ୰ ରଘୁନାଥ ପାଇକରା, ୰ ଲକ୍ଷ୍ମଣ ପାଇକରା, ୰ ସୋମନାଥ ମହାପାତ୍ର, ୰ ସଇତ ମହାରଣା, ୰ ପର୍ଶୁରାମ ମହାରଣା, ୰ ବିଘ୍ନରାଜ ମହାରଣା, ୰ ହାତୀ ମହାରଣା , ୰ ସଶଦେବ ମହାରଣା, ୰ ଦେବରାଜ ମହାପାତ୍ରଙ୍କ ପରି ବହୁ ପ୍ରତିଭାବାନ ବୟୋଜ୍ୟେଷ୍ଠ ଶିଳ୍ପୀଙ୍କ ନିହାଣ, ମୁଗୁର ଓ ତାପି ବା କରଣୀର ଯାଦୁକରୀ ସ୍ପର୍ଶରେ ପଥର ତଥା ସିମେଣ୍ଟର ଅଳସୀ କନ୍ୟା, ଦେବଦାସୀ ହୋଇ ଉଠୁଥିଲା ଚଳଚଞ୍ଚଳ। ଉପରୋକ୍ତ ବ୍ୟକ୍ତି ବିଶେଷ ଇହଲୀଳା ସମ୍ବରଣ କରିଥିଲେ ମଧ୍ୟ ତାଙ୍କର ପୌତ୍ରପୌତ୍ରାଦୀ ବଂଶଧର ମାନେ ପିଢି ପରେ ପିଢ଼ି ମଥୁରାର କଳାକୁ ଇତିହାସ ନ ହେବାର ପ୍ରୟାସ ଜାରି ରଖିଛନ୍ତି। ଗଞ୍ଜାମ ଜିଲ୍ଲା ବ୍ୟତୀତ ଆମ ରାଜ୍ୟର ପୁରୀ, ଖୋର୍ଦ୍ଧା, ନୟାଗଡ଼, ଅନୁଗୁଳ, ସମ୍ବଲପୁର, ବାଲେଶ୍ୱର, ମୟୁରଭଞ୍ଜ, ଜଗତସିଂହପୁର ପରି ପ୍ରାୟ ଅଧିକାଂଶ ଜିଲ୍ଲା ଏବଂ ବାହାର ରାଜ୍ୟରେ ମଧ୍ୟ ମଥୁରା ବିନ୍ଧାଣୀଙ୍କ କାରୁକାର୍ଯ୍ୟ ଶିଳ୍ପୀ କୁଳକୁ ଯଶସ୍ୱୀ କରି ରଖିଛି। ପ୍ରସ୍ତର କଳାର ଭିନ୍ନ ଏକ ନିଦର୍ଶନ ମଥୁରା ଗ୍ରାମର କାରୁକାର୍ଯ୍ୟ ପୂର୍ଣ୍ଣ ମାରଦା ମନ୍ଦିର : ଇତିହାସରୁ ଜଣାଯାଏ ଏକଦା ବିଧର୍ମୀ ତକି ଖାଁ ଉତ୍କଳର ଧନଦୌଲତ ଉପରେ ଲୋଲୁପ ଦୃଷ୍ଟି ପକାଇ ଲୁଣ୍ଠନ ସହ ଜଗନ୍ନାଥ ସଂସ୍କୃତିକୁ ବିଲୋପ କରିବାର ଚକ୍ରାନ୍ତରୁ କ୍ଷାନ୍ତ କରିବା ପାଇଁ ତତ୍କାଳୀନ ଗଜପତି ମହାରାଜାଙ୍କ ଅନୁରୋଧ କ୍ରମେ ପୁରୀର ସେବକ ମାନେ ଓଡିଶାର ବିଭିନ୍ନ ସ୍ଥାନରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଗୁପ୍ତରେ ରଖି ବିଧର୍ମୀ ଦାଉରୁ ରକ୍ଷା କରିଥିଲେ। ସମୟକ୍ରମେ ଗଜପତି ମହାରାଜା ଗଞ୍ଜାମ ଜିଲ୍ଲାର ଆଠଗଡ଼ ରାଜା ଜଗଦ୍ଦେବ ହରିଚନ୍ଦନଙ୍କ ଶରଣାଗତ ହୋଇଥିଲେ ଓ ଆଠଗଡ଼ ରାଜାଙ୍କ ଅନୁରୋଧକ୍ରମେ ପୁରୀର କିଛି ସ୍ଥପତି ଏବଂ ସ୍ଥାନୀୟ ମଥୁରା ଶିଳ୍ପୀମାନଙ୍କ ମିଳିତ ଉଦ୍ୟମରେ ହାତୀବାଡି ପାହାଡ଼ର ପାଦଦେଶର ନିଘଞ୍ଚ ଜଙ୍ଗଲରେ କୁଣ୍ଡା ପଥରରେ କାରୁକାର୍ଯ୍ୟଭରା ଭବ୍ୟ ମନ୍ଦିର ନିର୍ମାଣ କରିଥିଲେ। ଯାହା ଝଶରଣ ଶ୍ରୀକ୍ଷେତ୍ର ମାରଦାଝ ନାମରେ ପରିଚିତ। ଏହି ମନ୍ଦିରର ମୁଖଶାଳା, ପାର୍ଶ୍ୱଦେବତା, ମୁଖ୍ୟ ମନ୍ଦିର, ଗରୁଡ଼ ସ୍ତମ୍ଭ, ସିଂହାସନର କାରୁକାର୍ଯ୍ୟ ମଥୁରା ପ୍ରସ୍ଥର ଶିଳ୍ପୀଙ୍କ ଶ୍ରେଷ୍ଠତାକୁ ଋଦ୍ଧିମନ୍ତ କରେ।













ପୁର୍ବସୁରୀଙ୍କ ବଂଶଧର ଭାବେ ଅଧୁନା ଶିବ ମହାରଣା, ମହେଶ୍ୱର ମହାରଣା, ବଳରାମ ମହାରଣା, ରାମଚନ୍ଦ୍ର ଦାସ, ଅଶୋକ ମହାରଣା, ନରୋତ୍ତମ ମହାରଣା, ପ୍ରଫୁଲ୍ଲ ମହାରଣା, ପ୍ରଫୁଲ୍ଲ ମହାପାତ୍ର, ରବି ମହାପାତ୍ର, ସଞ୍ଜୟ ମହାପାତ୍ର ସମେତ ଅନେକ ଯୁବ ବିନ୍ଧାଣୀଙ୍କ ୩୦ ଫୁଟରୁ ଆରମ୍ଭ କରି ୬୦ ଫୁଟ ଉଚ୍ଚତା ବିଶିଷ୍ଟ କାରୁକାର୍ଯ୍ୟଭରା ମନ୍ଦିର ବେଶ୍ ଲୋକାଦୃତ।

***ପିତଳ ମାଛ ଓ ପିତଳର ବାସନ କୁସନ :*** ବିଶେଷ କରି କାରୁକାର୍ଯ୍ୟ ବିମଣ୍ଡିତ ମଥୁରା ଗ୍ରାମ ଦୁଇ ଭାଗରେ ବିଭକ୍ତ ହୋଇଛି - ଯଥା (୧) ମଥୁରା ଗ୍ରାମ, (ବିନ୍ଧାଣୀ ସାହି, ଆଡୁଆ ସାହି, ପନ୍ଦରା ସାହି, ବଡ ସାହି, କୁରୁଳି ସାହି, ନୂଆଁ ସାହି, ବାଉରୀ ସାହି ଓ କେଳା ସାହି। (୨) ପାଟଣା (କସାଂରୀ ସାହି,ସାମନ୍ତରା ସାହି, ପାଇକ ସାହି)।




ମୂଳ ମଥୁରା ଗ୍ରାମରେ ଗୋବର କଣ୍ଢେଇ, ପଥର ଶିଳ୍ପୀ , ମନ୍ଦିର ବିନ୍ଧାଣୀ, ଗଞ୍ଜପା, କୋଠିଶାଳ ଚିତ୍ରର କାରିଗର ସଂପ୍ରଦାୟର ପ୍ରାୟ ୭୦ ଘର ବସବାସ କରୁଥିବା ସ୍ଥଳେ ପାଟଣାରେ ୫୦ ରୁ ଉର୍ଦ୍ଧ୍ୱ କସାଂରୀ ସଂପ୍ରଦାୟର ପିତଳ କାରିଗର ଓ ବୟନ ଶିଳ୍ପୀ (ତନ୍ତୀ) କାରିଗର ସଂପ୍ରଦାୟର ଲୋକମାନେ ବସବାସ କରନ୍ତି। ମୁଖ୍ୟତଃ କସାଂରୀମାନେ ପିତଳ ହାଣ୍ଡି ମାଠିଆ, ଦୀପ, ପାନପିକ, ଫୁଲତୋଳା, ଘଣ୍ଟ, କାହାଳୀ, ପିତଳ ମାଛ, ନାଗ ମୂର୍ତ୍ତୀ,ମନ୍ଦିରର ଆରତି ଗଢି ଗାଁ ଗହଳିରେ ବିକ୍ରୟ କରି ଗୁଜରାଣ ମେଣ୍ଟାଉଛନ୍ତି। ସମୟ ଥିଲା ପାଟଣାର ଘରେ ଘରେ କଂସାରୀ ଶାଳ କସାଂରୀ ମାନଙ୍କ ଘରକୁ ଶୋଭା ବର୍ଦ୍ଧନ କରୁଥିଲା। ଶାଳର ଠଣ୍ ଠଣ୍ ଶବ୍ଦରେ ଗୁଞ୍ଜରିତ ହେଉଥିଲା କସାଂରୀ ସାହି କିନ୍ତୁ ଅଧୁନା ମାତ୍ର ଦୁଇ ତିନୋଟି କଂସାରୀ ଶାଳ ପୁର୍ବସୁରୀଙ୍କର ସ୍ମାରକୀ ବହନ କରି ଶୋଭା ବର୍ଦ୍ଧନ କରୁଅଛି। ୰ ରଘୁନାଥ ମହାରଣା (କଂସା ବାସନ), ୰ ବାଞ୍ଛା ମହାରଣା ( କସାଂ ବାସନ), ୰ ରଘୁନାଥ ସାହୁ (କସାଂ ବାସନ ଓ କୋଇ ଗଢାଳି), ୰ ସୁରେନ୍ଦ୍ର ସାହୁ ( କସାଂ ବାସନ ଓ ଧାନ ନଉତି ଗଢଣ ) ପ୍ରଭୃତି ହସ୍ତଶିଳ୍ପୀଙ୍କର ଅବଦାନ ମଥୁରା ଗ୍ରାମର କଳା ଜଗତ ପାଇଁ ପ୍ରେରଣାର ଉତ୍ସ ଅଟନ୍ତି। ସ୍ୱର୍ଗତ ଶିଳ୍ପୀମାନେ ଯେଉଁ ସବୁ ବଂଶଧର ସୃଷ୍ଟି କରିଛନ୍ତି ସେମାନେ ହେଲେ ଅନ୍ଧ ଚରଣ ସାହୁ, କରୁଣାକର ସାହୁ (ପୋଲିଓ ରୋଗରେ ଆକ୍ରାନ୍ତ ଶିଳ୍ପୀ), ସୁରେନ୍ଦ୍ର ସାହୁ ପ୍ରମୁଖ ଅନେକ ଶିଳ୍ପୀଙ୍କ କଳା ଗାରିମା ପାଇଁ ମଥୁରା ମାଟି ଗର୍ବିତ।

***ବାଉଁଶ କାରିଗରୀ :*** ଅନ୍ୟାନ୍ୟ ହସ୍ତକଳା ପରି ବାଉଁଶ କାରୁକାର୍ଯ୍ୟ ପାଇଁ ମଧ୍ୟ ମଥୁରା ଗ୍ରାମ ଆଖପାଖ ଅଞ୍ଚଳରେ ସୁନାମ ଅର୍ଜନ କରିଛି। ସଂପ୍ରତି କିଛି ହାଡି ସଂପ୍ରଦାୟର ପୁରୁଷ ଓ ମହିଳା ହସ୍ତଶିଳ୍ପୀ ମାନଙ୍କ ସୃଜନାତ୍ମକ ହାତ ତିଆରି କୁଲା,ତାଟ,ଚାଉଳ ଧୁଆ ବା ବାଉଁଶୁଣୀ, ଚିଡି, ଚାଙ୍ଗୁଡି, ତଲାରି (ଝାମ୍ପି), ଝୁମୁକା, ବିଞ୍ଚଣା, ଫିରିଙ୍ଗି, ଲିଆ ଚଲା ଚାଲୁଣୀ, ତାଟି, ବସିବା ପାଇଁ ଚଟି ବା ଆସନ, ଗାଣ୍ଡୁଆ, ସୁଗୁରା ପରି ବହୁ ହସ୍ତକଳାର ଆଦର ଆଖ ପାଖ ଅଞ୍ଚଳରେ ରହି ଆସିଛି। ସମୟ ସ୍ରୋତରେ ମଣିଷ ଚନ୍ଦ୍ର ପୃଷ୍ଠରେ ଅବତରଣ କରିଥିଲେ ମଧ୍ୟ ଅଦ୍ୟାବଧି ପାରମ୍ପରିକ ହସ୍ତକଳାର ଉତ୍କର୍ଷତା କମି ଯାଇ ନାହିଁ। ବର୍ତ୍ତମାନ ମଧ୍ୟ ବାହାପୁଆଣି, ଜନ୍ମଦିନ, ବ୍ରତଘର ପରି ବହୁ ମାଙ୍ଗଳିକ କାର୍ଯ୍ୟରେ ମଥୁରାର ଆବଶ୍ୟକୀୟ ହସ୍ତକଳାକୁ ଖୋଜାପଡେ। ଗୋବର କଣ୍ଢେଇ ପରି ବାଉଁଶରେ ତିଆରି କୁଲା, ତାର, ଚିଡି, ଚାଙ୍ଗୁଡି, ଚାଉଳ ଧୁଆ ପ୍ରଭୃତି ଘର କରଣା ଜିନିଷକୁ ନିଜ ଗାଁ ମଥୁରାର ସ୍ମାରକୀ ସ୍ୱରୂପ ବାହାଘରର ସାଜ ସାଥିରେ ଝିଅ ମାନେ ଶାଶୁଘରକୁ ନେଇଥାନ୍ତି।

***ସଂଗୀତ ଓ ନୃତ୍ୟ :*** କେବଳ ହସ୍ତକଳା ଓ ଚିତ୍ରକଳା ପାଇଁ ମଥୁରା ଗ୍ରାମ ସୁନାମ ଅର୍ଜନ କରିଛି ତାହା ନୁହେଁ ନୃତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ମଧ୍ୟ ବେଶ୍ ପାରଦର୍ଶିତା ହାସଲ କରିଛି। ମଥୁରା ଗ୍ରାମର ଦଣ୍ଡ ନାଟ ଗଞ୍ଜାମ ଜିଲ୍ଲାର ପ୍ରମୁଖ ଦଣ୍ଡ ନାଟ ଦଳ ମଧ୍ୟରେ ଅନ୍ୟତମ। ୰ ନିଳାଦ୍ରୀ ମହାରଣାଙ୍କ ଦ୍ୱାରା ରଚିତ ଓ ନିର୍ଦ୍ଦେଶିତ ଅନେକ ପୌରାଣିକ ଓ ଆଧୁନିକ ବିଷୟ ବସ୍ତୁ ସମ୍ବଳିତ ନାଟକ ବାଣା ପରାଜୟ, ଜାରା ଶବର, ଉଷା ପରିଣୟ ଇତ୍ୟାଦି ୧୯୭୫ ମସିହା ଓ ପରବର୍ତ୍ତୀ ସମୟରେ ବେଶ୍ ଲୋକପ୍ରିୟତା ହାସଲ କରିଥିଲା। ଲେଖକ ଓ ନିର୍ଦ୍ଦେଶକ ନିଳାଦ୍ରୀ ମହାରଣା ଙ୍କ ଅଭିନୟ କଳାର ଚାତୁରୀ ପାଇଁ ସେ ଝନୀଳ ମାଷ୍ଟ୍ରେଝ ନାମରେ ପରିଚିତ ଥିଲେ। ତାଙ୍କର ନୃତ୍ୟାଭିନୟରେ ଅନୁପ୍ରାଣିତ ଅନେକ ଶିଷ୍ୟ ବହୁତ ନାଟ୍ୟ ଅନୁଷ୍ଠାନ ଗଠନ କରି ଗୁରୁଙ୍କ କଳା ଗାରିମାକୁ ପ୍ରଚାର ଓ ପ୍ରସାର କରିଥିଲେ। ଦଣ୍ଡ ନାଟର ଚଢେୟା ଚଢେୟାଣୀ, କେଳା କେଳୁଣୀ, ହାଡି ହାଡିଆଣୀଙ୍କର ନୃତ୍ୟାଭିନୟ ଶୈଳୀ ଅନ୍ୟ ଦଳ ଅପେକ୍ଷା ଭିନ୍ନ ରୁଚିକର ଅଟେ। ଦଣ୍ଡ ନାଟର ପ୍ରମୁଖ ଅଂଶ ଧୂଳି ଦଣ୍ଡରେ ଢଗଢମାଳି, ବୋଲି, ହସଗମାତ ମଧ୍ୟରେ ଦ୍ୱିଅର୍ଥବୋଧକ ଶବ୍ଦର ପ୍ରୟୋଗ , କାନ୍ଦଣା ଗୀତ, ହଳିଆ ଗୀତର ପ୍ରୟୋଗାତ୍ମକ ଶବ୍ଦ ଚାତୁରୀ ଗାଉଁଲି ଭାଷାର ବାକ୍ ଚାତୁରୀର ପରାକାଷ୍ଠା ବାରି ହୋଇପଡେ କଳାକାରଙ୍କର ନୃତ୍ୟାଭିନୟ ଶୈଳୀରୁ। ମଥୁରାର ବୀଣାକାର ୰ କନ୍ଧ ସ୍ୱାଇଁଙ୍କର ଗାୟନ ଶୈଳୀରେ ନୂତନତା ପରିଲକ୍ଷିତ ହେଉଥିଲା ଏବଂ ଦଣ୍ଡ ନାଟ ପ୍ରେମୀଙ୍କୁ ମନ୍ତ୍ରମୁଗ୍ଧ କରୁଥିଲା। ବୀଣାକାର ୰ କନ୍ଧ ସ୍ୱାଇଁଙ୍କର ଅନ୍ତେ ତାଙ୍କ ନାତି ଡାକ ସ୍ୱାଇଁ ଅଧୁନା ୰ ବୀଣାକାରଙ୍କର ଅଭିନୟ ଶୈଳୀକୁ ଅନୁକରଣ କରି ଶ୍ରୋତାଙ୍କର ପ୍ରିୟ ଭାଜନ ହୋଇପାରିଛନ୍ତି। ଗାଁରେ ପାଳନ ହେଉଥିବା ଖୁଦୁରୁକୁଣି ଓଷା ଓ ଜହ୍ନିଓଷା ରେ ପୁରାଣ ପାଠ ଗାଉଁଲି ସାହିତ୍ୟକୁ ଋଦ୍ଧିମନ୍ତକରେ।

***କେଳା ନାଟ ବା ବାଉଁଶ ରାଣୀ ଖେଳ ବା କେଳା ସର୍କସ ଓ ପଟା ଆଖଡା :*** ବିଗତ ଦିନରେ ମଥୁରା ଗ୍ରାମର କେଳା ନାଟ ଓଡିଶା ବିଖ୍ୟାତ ଥିଲା। କେଳା ବା ପାତ୍ର ସଂପ୍ରଦାୟ ପୁରୁଷ (କେଳା) ଓ ମହିଳା (କେଳୁଣୀ) ମାନେ ଗାଁ ଗାଁ ବୁଲି ଏହି ଖେଳ ପ୍ରଦର୍ଶନ କରି ଗୁଜୁରାଣ ମେଣ୍ଟାଉଥିଲେ। କେଳା ଓ କେଳୁଣୀ ମାନଙ୍କର ଗାୟନ ଶୈଳୀ,ସମର କଳାକୌଶଳ, ଅଙ୍ଗ ଭଙ୍ଗୀ ଏବଂ ପ୍ରାୟ ୩୦ ରୁ ୩୫ ଫୁଟ ଉଚ୍ଚତାରେ ସରୁ ବାଉଁଶ ଉପରେ ଚକ୍ରାକାରରେ ବୁଲିବା, ଗୀତ ଓ ବାଦ୍ୟର ତାଳେ ତାଳେ ସମର କଳା ପ୍ରଦର୍ଶନ କରିବା କଷ୍ଟସାଧ ହେଲେ ମଧ୍ୟ ମନ ମୁଗ୍ଧକର ଥିଲା। ବିଗତ ଦିନ ମାନଙ୍କରେ କେଳା ମାନଙ୍କ ମଧ୍ୟରେ କାମେଶ୍ୱର ପାତ୍ର,କାଶିନାଥ ପାତ୍ର,ରଘୁନାଥ ପାତ୍ର ଓ କେଳୁଣୀ ମାନଙ୍କ ମଧ୍ୟରେ କାଳିଆ ପାତ୍ର,ପ୍ରଭା ପାତ୍ର ପ୍ରମୁଖ ପ୍ରତିଷ୍ଠିତ କଳାକାର ମାନେ କେଳା ନାଟ ବା କେଳା ସର୍କସ ବା ବାଉଁଶ ରାଣୀ ଖେଳ ର ମଙ୍ଗ ଧରିଥିଲେ।

ଦୁଃଖର ବିଷୟ ସମୟ ଚକ୍ରରେ ଚକ୍ରାୟିତ ମଥୁରାର କେଳା ନାଟ ଆଜି ଇତିହାସ ପାଲଟି ଯାଇଛି। କର୍ପୂର ଉଡ଼ି ଯାଇଥିଲେ ମଧ୍ୟ କନା ପଡ଼ି ରହିବା ଆଳରେ ଗାଁ ର ମଧ୍ୟ ଭାଗରେ କେଳା ସାହିରେ ପ୍ରାୟ ୬୦ ରୁ ୭୦ ପରିବାର ଥିଲେ ମଧ୍ୟ କେଳା ନାଟ ବା ସର୍କସ ପ୍ରତି ବିମୁଖତା ସମୟ ଗର୍ଭରେ ଲୀନ ହୋଇ ଯାଇଛି। ଅଦ୍ୟାବଧି ମଥୁରାର ବାଉରୀ ସଂପ୍ରଦାୟର ଲୋକମାନେ ପଟା ଆଖଡା ବା ବାଡି ଖେଳରେ ଧୂରନ୍ଧର ଅଟନ୍ତି। ପୁର୍ବ ପୁରୁଷଙ୍କର ପଦାନୁକରଣ କରି ବିଭିନ୍ନ ଜାନିଯାତ୍ରା, ବିବାହ ପଟୁଆରରେ ସମର କଳା ପ୍ରଦର୍ଶନ କରି ଆଖ ପାଖ ଅଞ୍ଚଳରେ ଲୋକ ପ୍ରିୟତା ହାସଲ କରିଛନ୍ତି। ଉପରୋକ୍ତ ସମସ୍ତ ବିଷୟ ବସ୍ତୁକୁ ବିଚାର କଲେ ଆମେ ସଗୌରବେ କହି ପାରିବା ଯେ ଗଞ୍ଜାମର ଝଶିଳ୍ପଗ୍ରାମ ମଥୁରା କଳାଝ ର ଏନ୍ତୁଡିଶାଳ ଅଟେ। ଆଲୋଚିତ ବିଲୁପ୍ତ କଳା, ହସ୍ତକଳା, ସଙ୍ଗୀତ ଓ ନୃତ୍ୟକଳାର ସ୍ଥାୟିତ୍ୱ ସମୟ ହିଁ କହିବ।

***ଜୟ ଜଗନ୍ନାଥ***
***ଜୟ କଳା ଓ କଳିଙ୍ଗ***
***ପାରମ୍ପରିକ ପଟ୍ଟଚିତ୍ର ଶିଳ୍ପୀ ତଥା କଳାଶିକ୍ଷକ***





## ସବୁ ଜିଲ୍ଲାରେ ହେବ ମେଡିକାଲ କଲେଜ : ସ୍ୱାସ୍ଥ୍ୟ ମନ୍ତ୍ରୀ



**ଭୁବନେଶ୍ୱର :** ରାଜ୍ୟର ସମସ୍ତ ଜିଲ୍ଲାରେ ହେବ ମେଡିକାଲ କଲେଜ। ଖୁବ୍ ଶୀଘ୍ର ଏଥିନିମନ୍ତେ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ ହୋଇ କାମ ଆରମ୍ଭ ହେବ ବୋଲି କହିଛନ୍ତି ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ। ରାଜ୍ୟରେ ମୋହନ ସରକାରକୁ ୧୦୦ ଦିନ ପୂରିଥିବା ବେଳେ ଏପରି ଘୋଷଣା କରିଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ। ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି, ଏବେ ରାଜ୍ୟରେ ୧୧ଟି ମେଡିକାଲ କଲେଜ କାର୍ଯ୍ୟକ୍ଷମ ଅଛି। ତାଳଚେର ଓ କନ୍ଧମାଳରେ ଆଉ ଦୁଇଟି ମେଡିକାଲ କଲେଜ ନିର୍ମାଣ ପାଇପ ଲାଇନରେ ରହିଛି। ତାହା ମଧ୍ୟ ଖୁବଶୀଘ୍ର ଆରମ୍ଭ ହେବ। ଏହାବାଦ ଅନ୍ୟ ସବୁ ଜିଲ୍ଲାରେ ବି ଛିଡ଼ା ହେବ ମେଡିକାଲ କଲେଜ। ସ୍ୱାସ୍ଥ୍ୟ ବିଭାଗ ଏ ସମ୍ପର୍କୀତ ସମସ୍ତ ବ୍ୟବସ୍ଥାର ତଦାରଖ କରୁଛି। ମେଡିକାଲ କଲେଜ ନିର୍ମାଣ ସହ ଅଧ୍ୟାପକ ନିଯୁକ୍ତି ଉପରେ ବି ଗୁରୁତ୍ୱାରୋପ କରାଯାଉଛି। ଆମ ରାଜ୍ୟବାସୀ ଯେପରି ଉନ୍ନତମାନର ସ୍ୱାସ୍ଥ୍ୟସେବା ପାଇପାରିବେ ସେଥିପ୍ରତି ସରକାର ଯତ୍ନବାନ ଓ ସଚେତନ ଅଛନ୍ତି। ଏଥିସହ ଏଦିଗରେ କାମ ଆରମ୍ଭ ମଧ୍ୟ ହୋଇଯାଇଛି ବୋଲି କହିଛନ୍ତି ମନ୍ତ୍ରୀ। ଏଥିସହ ସେ କହିଛନ୍ତି, ୨୦୧୪ରେ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ଭାରତ ବର୍ଷରେ ସବୁ ଜିଲ୍ଲାରେ ମେଡିକାଲ କଲେଜ ହେବ ବୋଲି କହିଥିଲେ। ଏହା ପରଠୁ ଓଡ଼ିଶାରେ ଏବ ୧୧ଟି ମେଡିକାଲ କଲେଜ କାର୍ଯ୍ୟକ୍ଷମ ଅଛି। କେନ୍ଦ୍ର ଓ ରାଜ୍ୟର ସହଭାଗିତାରେ ଏହି କାମ ଚାଲୁଛି। ଆଗକୁ ଏହାକୁ ତ୍ୱରାନ୍ୱିତ କରାଯାଇ ସବୁ ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ ବୋଲି ସେ କହିଛନ୍ତି। ମେଡିକାଲ କଲେଜରେ ଅଧ୍ୟାପକ ନିଯୁକ୍ତି ନେଇ ଓଡ଼ିଶା ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରତିକ୍ରିୟା ରଖି କହିଛନ୍ତି, ଅବସରପ୍ରାପ୍ତ ଅଭିଜ୍ଞ ଡାକ୍ତରମାନଙ୍କୁ ବିଭିନ୍ନ ମେଡିକାଲ କଲେଜରେ ପାଠ ପଢ଼ାଇବା ନିମନ୍ତେ ନିୟୋଜିତ କରାଯିବାକୁ ଯୋଜନା କରାଯାଉଛି। ଏନେଇ ବିଭାଗୀୟ ମନ୍ତ୍ରୀ ଓ ଅଧିକାରୀଙ୍କ ସହ ଆଲୋଚନା ପରେ ନିଷ୍ପତ୍ତି ନିଆଯିବ।

## ଚଳିତବର୍ଷ ୧ କୋଟି ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ଲକ୍ଷ୍ୟ: ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** ରାଜ୍ୟରେ ଏବେ ବର୍ଷକୁ ୬୮ଲକ୍ଷ ମେଟ୍ରିକ ଟନ୍ ଧାନ ଉତ୍ପାଦନ ହେଉଥିବାବେଳେ ରାଜ୍ୟ ସରକାର ଧାନର ଏମ୍ଏସ୍ପି ୩୧୦୦ଟଙ୍କାକୁ ବଢ଼ାଇଥିବାରୁ ଅଧିକ ଧାନ ଫସଲ ହୋଇଥିବା କୁହାଯାଉଛି। ଏହାକୁ ନଜରରେ ରଖି ଚଳିତବର୍ଷ ଏକ କୋଟି ମେଟ୍ରିକ ଟନ୍ ଧାନ କିଣିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଖରିଫ୍ ଧାନ ସଂଗ୍ରହ ଓ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍ପି) ୩୧୦୦ ଟଙ୍କା ଲାଗୁ କରିବା ନେଇ ସମୀକ୍ଷା କରିଛନ୍ତି। କୃଷକମାନଙ୍କ ହିତକୁ ଦୃଷ୍ଟିରେ ରଖି ଧାନର ବର୍ଦ୍ଧିତ ସର୍ବନିମ୍ନ ସହାୟକ ମୂଲ୍ୟ ଲାଗୁ ଓ ମଣ୍ଡିରେ ଧାନ ସଂଗ୍ରହ ପ୍ରକ୍ରିୟାର ସରଳୀକରଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଚାଷୀଙ୍କ ସୁବିଧା ପାଇଁ ମଣ୍ଡିରେ ସମସ୍ତ ପ୍ରକାର ବ୍ୟବସ୍ଥା କରିବା ସହ ସଂଗୃହିତ ଧାନକୁ ସୁରକ୍ଷିତ ରଖିବା ନିମନ୍ତେ ପର୍ଯ୍ୟାପ୍ତ ଗୋଦାମ ଗୃହ ନିର୍ମାଣ କରିବା, କୃଷକମାନଙ୍କ ସର୍ବାଧିକ ସୁବିଧା ପାଇଁ ସମସ୍ତ ବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଧାନ ମଣ୍ଡିକୁ ଯିବାର ୨୪ରୁ ୪୮ ଘଣ୍ଟା ମଧ୍ୟରେ ଏହାର ମୂଲ୍ୟ ଚାଷୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ପଠାଯାଉଛି। ଏହି ପ୍ରକ୍ରିୟାରେ ଅଧିକ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ମଣ୍ଡିରେ ଧାନ ସଂଗ୍ରହରେ ବାୟୋମେଟ୍ରିକ ପଦ୍ଧତି ଓ ଆଧାର ସଂଯୋଗୀକରଣ ବ୍ୟବସ୍ଥା ହୋଇଛି। ଇ-ବାହନ ଆପ୍ ଯୋଗେ ଧାନ ସଂଗ୍ରହ କରୁଥିବା ଗାଡ଼ିର ଜିପିଏସ୍ ସହାୟତାରେ ଟ୍ରାକିଂ କରାଯିବ। ଏହା ଦ୍ୱାରା ମଧ୍ୟସ୍ଥି ଓ ଦଲାଲଙ୍କ ଦୌରାତ୍ମ୍ୟ କମିବ ବୋଲି ଆଶା କରାଯାଉଛି। ଧାନସଂଗ୍ରହ ସମୟରେ ଧାନର ଗୁଣବତ୍ତା ଯାଞ୍ଚ କରିବା ପାଇଁ 'ଅଟୋମେଟିକ୍ ଗ୍ରେନ୍ ଆନାଲାଇଜର'ର ବ୍ୟବସ୍ଥା ରହିବ। ସେହିପରି ଧାନର ପ୍ରକ୍ରିୟାକରଣ ସମୟରେ କୃଷି ଓ କୃଷକ ସଶକ୍ତିକରଣ, ଖାଦ୍ୟଯୋଗାଣ, ପଞ୍ଚାୟତିରାଜ, ରାଜସ୍ୱ ଆଦି ବିଭାଗର ଅଧିକାରୀମାନେ ଜିଲ୍ଲା ଗସ୍ତ କରି କ୍ଷେତ୍ର ସ୍ତରରେ ପ୍ରତ୍ୟକ୍ଷ ଯାଞ୍ଚ କରିବେ ଏବଂ କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ। ପିପିପି ମୋଡ୍ରେ ଗୋଦାମ ଗୃହ ନିର୍ମାଣ କରାଯିବା ନେଇ ବୈଠକରେ ଆଲୋଚନା ହୋଇଛି। ଏହି ସମୀକ୍ଷା ବୈଠକରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ମୁଖ୍ୟ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ସଚିବ ନିକୁଞ୍ଜ ବିହାରୀ ଧଳ, ଅତିରିକ୍ତ ମୁଖ୍ୟ ସଚିବ ତଥା ସ୍ୱତନ୍ତ୍ର ରିଲିଫ୍ କମିସନର ଦେଓ ରଞ୍ଜନ କୁମାର ସିଂହଙ୍କ ସମେତ ସଂପୃକ୍ତ ବିଭାଗର ପ୍ରମୁଖ ସଚିବ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଏରୋସ୍ପେସ୍ ଓ ପ୍ରତିରକ୍ଷା କ୍ଷେତ୍ରରେ ନିବେଶ ପାଇଁ ଆଗ୍ରହ

**ଭୁବନେଶ୍ୱର :** ଓଡ଼ିଶାରେ ବିନିଯୋଗ କ୍ଷେତ୍ରରେ ଯୋଡ଼ି ହୋଇଛି ଆଉ ଏକ ଅଧ୍ୟାୟ। ପାରମ୍ପରିକ ବ୍ୟବସାୟରେ ନିବେଶ ପରେ ଏବେ ଏରୋସ୍ପେସ୍ ଏବଂ ପ୍ରତିରକ୍ଷା କ୍ଷେତ୍ରରେ ନିବେଶ ପାଇଁ ନିବେଶକଙ୍କ ଆଗ୍ରହ ବଢ଼ୁଛି। ଓଡ଼ିଶାର ସମୃଦ୍ଧ ଐତିହ୍ୟ, ପ୍ରାକୃତିକ ସମ୍ପଦ, ସହଜରେ ଉପଲବ୍ଧ କଞ୍ଚାମାଲ ପାଇଁ ନିବେଶକ ଓଡ଼ିଶାରେ ପୁଞ୍ଜିନିବେଶ କରିବାକୁ ଆଗେଇ ଆସୁଛନ୍ତି। ରାଜ୍ୟର ଇଣ୍ଡଷ୍ଟ୍ରିଆଲ୍ ପଲିସି ରିଜୋଲ୍ୟୁସନ୍ (ଆଇପିଆର-୨୦୨୨) ଅନୁସାରେ ଓଡ଼ିଶା ସରକାର ପ୍ରତିରକ୍ଷା କ୍ଷେତ୍ରରେ ନିଜକୁ ଯୋଡ଼ିବା ପାଇଁ କାର୍ଯ୍ୟ କରୁଛନ୍ତି। କ୍ଷେପଣାସ୍ତ୍ର, ରକେଟ୍ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ଉପକରଣ ଉତ୍ପାଦନ ଉପରେ ମଧ୍ୟ ବିଶେଷ ଧ୍ୟାନ ଦିଆଯାଇଛି। ଏହି କ୍ଷେତ୍ରରେ ପ୍ରତ୍ୟକ୍ଷ ପୁଞ୍ଜି ବିନିଯୋଗକୁ ଆକୃଷ୍ଟ କରିବା ପାଇଁ ରାଜ୍ୟ ସରକାର ଏକ ବ୍ୟାପକ ନୀତି ପ୍ରସ୍ତୁତ କରିଛନ୍ତି। ଯେପରି ପର୍ଯ୍ୟାପ୍ତ ପରିମାଣର ଜମିର ଉପଲବ୍ଧତା, ପାଣି ସହ ଆନୁଷଙ୍ଗିକ ସୁବିଧା ଏବଂ ସୁରକ୍ଷା ବ୍ୟବସ୍ଥା। ଭାରତର ବହୁ ପ୍ରତିଷ୍ଠିତ କମ୍ପାନୀ ଓଡ଼ିଶାରେ ଏରୋସ୍ପେସ୍ ଓ ପ୍ରତିରକ୍ଷା କ୍ଷେତ୍ରରେ ବିନିଯୋଗ କରିସାରିଛନ୍ତି। ଶିଳ୍ପ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ, କଲ୍ୟାଣୀ ଗ୍ରୁପ୍ ଢେଙ୍କାନାଳରେ ୧୦୦୦ ଏକର ଜମିରେ ଏକ ୟୁନିଟ୍ ସ୍ଥାପନ କରିବାକୁ ଯାଉଛି। ଏଠାରେ ସଂଯୁକ୍ତ ଟାଇଟାନିୟମ୍ ଆଲଏଜ୍ ସହ ବିଭିନ୍ନ ମିଶ୍ରିତ ଉତ୍ପାଦକୁ ନେଇ ଏରୋସ୍ପେସ୍ ଉପକରଣ ପ୍ରସ୍ତୁତ କରାଯିବ। ଏଥିପାଇଁ

**ଢେଙ୍କାନାଳରେ ୧୦୦୦ ଏକର ଜମିରେ ୟୁନିଟ୍**
**ଖୋର୍ଦ୍ଧାରେ ପ୍ରସ୍ତୁତ ହେବ ହାଇବ୍ରିଡ୍ ଡ୍ରୋନ୍**
**ରାୟଗଡ଼ାରେ ପ୍ରିମିୟର୍ ଏକ୍ସପ୍ଲୋସିଭ୍ସ ପ୍ରତିଷ୍ଠା କରୁଛି କାରଖାନା**



୨୦,୨୦୪ କୋଟି ଟଙ୍କା ବିନିଯୋଗ ହେଉଛି। ଏଥିସହ ୮,୨୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ଲକ୍ଷ୍ୟ ରହିଛି। ପ୍ରତିରକ୍ଷା କ୍ଷେତ୍ରରେ ଡ୍ରୋନର ବ୍ୟବହାର କରାଯାଉଛି। ଭାରତରେ ହାଇବ୍ରିଡ୍ ଡ୍ରୋନ୍ ଉତ୍ପାଦନ କ୍ଷେତ୍ରରେ ଆନାଡ୍ରୋନ୍ ଏକ ପ୍ରମୁଖ ସଂସ୍ଥା। ଖୋର୍ଦ୍ଧାରେ ୧୦ ଏକର ଜମିରେ ଆନାଡ୍ରୋନ୍ ୫୧ କୋଟି ଟଙ୍କା ନିବେଶରେ ଏକ ୟୁନିଟ୍ ସ୍ଥାପନ କରୁଛି, ଯେଉଁଠାରେ ୧୬୫ ଜଣଙ୍କୁ ପ୍ରତ୍ୟକ୍ଷ ଭାବେ ନିଯୁକ୍ତି ମିଳିବ। ସେହିପରି ପ୍ରତିରକ୍ଷା କ୍ଷେତ୍ରରେ ଆଉପାଦେ ଆଗକୁ ଯାଇ ବିସ୍ଫୋରକ ଉତ୍ପାଦ ସଂସ୍ଥା ପ୍ରିମିୟର୍ ଏକ୍ସପ୍ଲୋସିଭ୍ସ ଲି. ରାୟଗଡ଼ାରେ ୪୫୦ ଏକର ଜମିରେ ଏକ ୟୁନିଟ୍ ପ୍ରତିଷ୍ଠା କରୁଛି। ଏଥିରେ ୩୭୫୦ ବ୍ୟକ୍ତିଙ୍କୁ ନିଯୁକ୍ତି ମିଳିବାକୁ ଯାଉଛି। ଏସବୁ ଭିତରେ ଓଡ଼ିଶାର ଷ୍ଟାର୍ଟଅପ୍ ମଧ୍ୟ ପଛରେ ପଡ଼ିନି। ନୂଆ କରି ଆରମ୍ଭ ହୋଇଥିବା ଏକ ଡ୍ରୋନ୍ କମ୍ପାନୀ ଆଇଜି ଡ୍ରୋନ୍ ଭୁବନେଶ୍ୱରରେ ନିଜର ଏକ ସଂସ୍ଥା ପ୍ରତିଷ୍ଠା କରି ଡ୍ରୋନ୍ ଉତ୍ପାଦନ ଉପରେ ଗବେଷଣା ଆରମ୍ଭ କରିଛି। ଦକ୍ଷତା ବିକାଶ ଏବଂ ଉତ୍ପାଦନ ସହ ଟେକ୍ନୋଲୋଜି ଏବଂ ତାଲିମ ପାଇଁ ଆଇଆଇଏମ୍ ସମ୍ବଲପୁର ସହିତ ଏହାର ବୁଝାମଣା ସ୍ୱାକ୍ଷର ହୋଇଛି। ରାଜ୍ୟ ସରକାରଙ୍କ ପ୍ରଗତିଶୀଳ ନୀତି ଶିଳ୍ପ ଅଭିବୃଦ୍ଧି ପାଇଁ ଏକ ଅନୁକୂଳ ପରିବେଶ ଯୋଗାଉଛି। ପ୍ରମୁଖ କମ୍ପାନୀ ଏବଂ ଷ୍ଟାର୍ଟଅପ୍ଗୁଡ଼ିକର ନିବେଶ ଫଳରେ ଓଡ଼ିଶାରେ ଏରୋସ୍ପେସ୍ ଏବଂ ପ୍ରତିରକ୍ଷା କ୍ଷେତ୍ରର ବିକାଶ ହେବ ବୋଲି ଆଶା କରାଯାଉଛି। ଇପିକଲ୍ ଓ ଇଡ୍କୋ ସହାୟତାରେ ଓଡ଼ିଶାରେ ଏହି କ୍ଷେତ୍ରରେ ଅଧିକ ପୁଞ୍ଜି ବିନିଯୋଗ ଏବଂ ନୂତନତ୍ୱ ସୃଷ୍ଟି ପାଇଁ ପ୍ରୟାସ ଜାରି ରହିଥିବା ଜଣାପଡ଼ିଛି।


### ପାରାଦ୍ୱୀପ ଇଲିସି ସାତ ସପନ

## ଜଳ ପ୍ରଦୂଷଣ ଏହାର ମୁଖ୍ୟ କାରଣ



**ପାରାଦ୍ୱୀପ :** ଏକଦା କ୍ୱିଣ୍ଟାଲ କ୍ୱିଣ୍ଟାଲ ପାରାଦ୍ୱୀପ ମାଛଧରା ବନ୍ଦରରୁ ଧରା ଯାଉଥିବା ଇଲିସି ମାଛ ଏବେ ସାତ ସପନ ପାଲଟିଛି। ପାରାଦୀପରୁ ଅନ୍ୟ ରାଜ୍ୟ ତଥା ଦେଶ ବାହାରକୁ ରପ୍ତାନି ହେଉଥିବା ଏହି ମାଛ ଚିନ୍ତାଜନକ ଭାବେ ହ୍ରାସ ପାଇଛି। ଦୁଇ ତିନି ବର୍ଷ ହେବ ଆଉ ଜାଲୁଆଙ୍କ ଜାଲରେ ପଡୁ ନାହାନ୍ତି ଇଲିସି। ଇଲିସି ସିଜିନି ଭାବେ ଧରା ଯାଉଥିବା ମେଁ ମାସରୁ ସେପ୍ଟେମ୍ବର ମାସ ମଧ୍ୟରେ ଗଭୀର ସମୁଦ୍ରରୁ ମଧୁର ଜଳରେ ଅଣ୍ଡାଦାନ ପାଇଁ ମୁହାଣ ମୁହାଁ ହୋଇଥାନ୍ତି। ଏହି ସୁସ୍ୱାଦୁ ମାଛ କାଆଁ ଭାଁ ଜାଲରେ ପଡୁଥିବା ବେଳେ ଏହାର ମୂଲ୍ୟ ଏବେ ଆକାଶ ଛୁଆଁ। ଗୋଟା ୫୦୦ ଗ୍ରାମ ସାଇଜର ଯାହାର ଏକ କେଜି ମୂଲ୍ୟ ୧୨୦୦ରୁ ୧୫୦୦ ଥିବାବେଳେ, ଏକ କେଜି ସାଇଜର ମୂଲ୍ୟ ୨୦୦୦ରୁ ୨୫୦୦ ଟଙ୍କା ରହିଛି। ଯାହା ସାଧାରଣ ଲୋକଙ୍କ ପାଇଁ ଖାଇବା ସମ୍ଭବ ହେଉନି। ଏହାର ମୁଖ୍ୟ କାରଣ ହେଉଛି ଜଳ ପ୍ରଦୁ୍ୟଷଣ। ପାରାଦ୍ୱୀପର ବିଭିନ୍ନ ଶିଳ୍ପ ସଂସ୍ଥାରୁ ବିଶେଷ କରି ଇଫକୋ, ପିପିଏଲ୍, ଏ ଏମ/ଏନଏସ ଭଳି କାରଖାନାରୁ ନିର୍ଗତ ଦୂଷିତ ବର୍ଯ୍ୟଜଳ ସମୁଦ୍ରରେ ମିଶିବା ଦ୍ୱାରା ମାଛ ବଂଶ ଲୋପ ପାଉଛନ୍ତି ବୋଲି ମତ୍ସ୍ୟଜୀବୀ ମାନେ ଅଭିଯୋଗ କରିଛନ୍ତି। ଯାହା ବିଭିନ୍ନ ସମୟରେ ପାରାଦ୍ୱୀପରେ ଥିବା ନଦୀ ମାନଙ୍କରେ ମାଛ ମଡକ ହେଉଥିବା ନଜିର ଅଛି। ପାରାଦ୍ୱୀପରେ ଆଞ୍ଚଳିକ ପ୍ରଦୁ୍ୟଷଣ ନିୟନ୍ତ୍ରଣ ବୋର୍ଡ କାର୍ଯ୍ୟାଳୟ ଥିବାବେଳେ, ଯାହା ଏବେ ଧର୍ମକୁ ଆଖିଠାର ଭଳି କାର୍ଯ୍ୟ କରୁଛି ବୋଲି ପରିବେଶବିତ୍ ମାନେ ଅଭିଯୋଗ କରିଛନ୍ତି। ଜଳ ପ୍ରଦୁ୍ୟଷଣ ପାଇଁ ବହୁ ସମୟରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ଅନୁଷ୍ଠାନ ତରଫରୁ ଦାବି ଉଠିଥିଲେ ମଧ୍ୟ ନଦୀ ପାଣିର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇ ଏବଂ ରିପୋର୍ଟ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହି ନିଜର କର୍ତ୍ତବ୍ୟ ସାରି ଦେଉଛନ୍ତି। ଅନ୍ୟପକ୍ଷରେ ମତ୍ସ୍ୟ ବିଶେଷଜ୍ଞ ମତ ଅନୁସାରେ ପ୍ରଦୁ୍ୟଷଣ, ଜଳବାୟୁ ପରିବର୍ତ୍ତନ ଆଶାତୀତ ବର୍ଷା ନ ହେବା ସେହି ଅନୁପାତରେ ବନ୍ୟା ଜଳ ବା ମଧୁର ଜଳ ମୁହାଣ ମୁହଁରେ ପ୍ରବେଶ ନ କରିବାରୁ ଇଲିସି ସଂଖ୍ୟା ହ୍ରାସ ପାଇଛି ବୋଲି ମତବ୍ୟକ୍ତ କରିଛନ୍ତି। କେବଳ ଇଲିସି ମାଛ ନୁହେଁ ବହୁ ସୁସ୍ୱାଦୁ ମାଛ ଏବେ ଧୀରେ ଧୀରେ ଲୋପ ପାଇବାରେ ଲାଗିଛି, ଯାହା ମତ୍ସ୍ୟଜୀବୀ ମାନଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ତେଣୁ ମାଛ ଉପରେ ନିର୍ଭର କରି ବଞ୍ଚୁଥିବ ମତ୍ସ୍ୟଜୀବୀ, ଟ୍ରଲର ବ୍ୟବସାୟୀ ସେମାନଙ୍କ ବେଉସା କିପରି ଜୀବିତ ରହିବ ଏବଂ କଳ କାରଖାନା ଗୁଡ଼ିକର ନିର୍ଗତ ବର୍ଯ୍ୟଜଳ ଦ୍ୱାରା ଜଳ ପ୍ରଦୁ୍ୟଷଣକୁ ରୋକାଯାଇ ପାରିବ ସେଥିପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ଉଠିଛି।

## ଷୋଡଶ ଉପଚାର ପୂଜାପଣ୍ଡା ଭାବେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ରଘୁନାଥ ଦୀକ୍ଷିତ



**ଅସ୍ତରଙ୍ଗ :** ଆଉ କିଛି ଦିନ ପରେ ପାର୍ବଣ ପୂଜା ଏହି ଅବସରରେ କାକଟପୁର ବାସିନୀ ମା' ମଙ୍ଗଳାଙ୍କ ମନ୍ଦିରରେ ପାର୍ବଣ ପୂଜା ପାଇଁ ଜୋରଦାର ପ୍ରସ୍ତୁତି ଚାଲି ଥିବା ବେଳେ ଯୁବ ସେବାୟତ ପଞ୍ଚ ଉପଚାର ପୂଜା ପଣ୍ଡା ମାନଙ୍କୁ ଷୋଡଶ ଉପଚାର ପୂଜା ଭାବେ ସୋତନ୍ତ୍ର ପ୍ରଶିକ୍ଷଣ ଦିଆଯାଇ ଉତୀର୍ଣ୍ଣ କରାଯାଉଛି। ସେବକ ସାହିର ରଘୁନାଥ ଦୀକ୍ଷିତଙ୍କୁ ଷୋଡଶ ଉପଚାର ପୂଜା ପଣ୍ଡା ଭାବେ ବିବେଚିତ କରାଯାଇଛି। ଯାହାକି ଯୁବ ସେବାୟତ ପିଢ଼ି ପାଇଁ ଏହା ଏକ ନିଶ୍ଚୟ ଉଦାହରଣ ତାହା ନିଃସନ୍ଦେହ। ମା'ଙ୍କ ପୂଜା ପାଇଁ ନିଷ୍ଠା ଯେତିକି ଭୟ ମଧ୍ୟ ସେତିକି କାରଣ ଏହି ପୂଜାରେ ପଦୁଟିଏ ମଧ୍ୟ ଭୁଲ କି କୌଣସି ଗୋଟିଏ ପଦ ମଧ୍ୟ ଛଡା ଯିବ ନାହିଁ। ଏହି ପୂଜା ଶିଖିବାକୁ ବର୍ଷ ବର୍ଷ ସମୟ ଲାଗି ଥାଏ ଯାହା ଆଜି ସମ୍ପୂର୍ଣ୍ଣ ହୋଇଛି। ବିଧିବଦ୍ଧ ଭାବେ ମନ୍ଦିରର ବରିଷ୍ଠ ପୂଜା ପଣ୍ଡା, ଲଳିତ କୁମାର ଦୀକ୍ଷିତ, ସର୍ବେଶ୍ୱର ପାଢ଼ୀ, ସୁବାସ ଚନ୍ଦ୍ର ପାଢ଼ୀ, ସଞ୍ଜୟ ଦୀକ୍ଷିତ, ତପନ କୁମାର ଦୀକ୍ଷିତ, ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ, ସେବାୟତ ଇଶ୍ୱର ଚନ୍ଦ୍ର ଦୀକ୍ଷିତ, ପବିତ୍ର କୁମାର ଦୀକ୍ଷିତ, ସେବକ ସମିତି ସଭାପତି ମନୋରଞ୍ଜନ ପଣ୍ଡାପ୍ରମୁଖ ମା'ଙ୍କ ଭୋଗ ମଣ୍ଡପରେ ବସି ଏକ ସ୍ୱତନ୍ତ୍ର ପରୀକ୍ଷା କରାଯାଇଥିଲା। ଏହି ପରୀକ୍ଷାରେ ଷୋଡଶ ଉପଚାର ପୂଜା ପଣ୍ଡା ଭାବେ ରଘୁନାଥ ଦୀକ୍ଷିତ ଉତୀର୍ଣ୍ଣ ହୋଇଥିଲେ। ଚଳିତ ପାର୍ବଣରେ ମା' ମଙ୍ଗଳାଙ୍କ ସୋତନ୍ତ୍ର ପୂଜା ନୀତିରେ ସେ ଦାୟୀତ୍ୱ ନିର୍ବାହ କରିବେ। ଉତ୍ତୀର୍ଣ୍ଣ ହେବା ପରେ ମଙ୍ଗଳା ମନ୍ଦିର ପରିସରରେ ମନ୍ଦିର ଟ୍ରଷ୍ଟି ଅଙ୍କିତା ଅନନ୍ଦିତା, କାର୍ଯ୍ୟ ନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାସ, ଓ ପୂଜା ପଣ୍ଡା ମାନେ ତାଙ୍କୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ।

## ପୁରୀ ଜିଲ୍ଲା ଜଜ୍ କୋର୍ଟରେ ୩୦ ଅସ୍ଥାୟୀ କର୍ମଚାରୀ ନିଯୁକ୍ତି ନେଇ ବ୍ୟାପକ ଅନିୟମିତତା ଅଭିଯୋଗ

**କୋଣାର୍କ :** ପୁରୀ ଜିଲ୍ଲା ଜଜ୍ କୋର୍ଟରେ ୩୦ ଅସ୍ଥାୟୀ କର୍ମଚାରୀ ନିଯୁକ୍ତି ନେଇ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ ଯେ ଗତ ୨୨ ତାରିଖରେ ପୁରୀ ଜିଲ୍ଲା ଜଜ୍ କୋର୍ଟ ପକ୍ଷରୁ ରେଜିଷ୍ଟ୍ରାର ସିଭିଲ କୋର୍ଟ ତିରିଶଟି ଦୈନିକ ମଜୁରୀ ଭିତ୍ତିକ ଶାରୀରିକ ସକ୍ଷମ ଶ୍ରମିକଙ୍କ ଆବଶ୍ୟକତା ଓ ଅସ୍ଥାୟୀ ନିଯୁକ୍ତି ନେଇ ଏକ ବିଜ୍ଞପ୍ତି ଜାରୀ କରିଥଲେଫ ନିଯୁକ୍ତି ହେବାକୁ ଥିବା ଏହି କର୍ମଚାରୀମାନେ ପୁରୀ ଜିଲ୍ଲାର ପୁରୀ ସଦର, ନିମାପଡ଼ା, ପିପିଲି, କୋଣାର୍କ, କଣାସ ଓ ବ୍ରହ୍ମଗିରି ଠାରେ ଅବସ୍ଥିତ ସମସ୍ତ ଅଦାଲତ କାର୍ଯ୍ୟାଳୟରେ ଯୋଗ ଦେବା ପାଇଁ କୁହାଯାଇଥିଲା। ଇଚ୍ଛୁକ ପ୍ରାର୍ଥୀ ସର୍ବନିମ୍ନ ୧୮ ବର୍ଷ ହେବା ଆବଶ୍ୟକତା ଅଛି ବୋଲି କୁହାଯାଇଥିଲା। କିନ୍ତୁ ଏହି ବିଜ୍ଞପ୍ତି ନେଇ ଆବେଦନର ସମୟ ଅତି କମ୍ ଅର୍ଥାତ୍ ମାତ୍ର ସାତ ଦିନ ରଖାଯାଇଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏଥି ସହିତ ଏହାକୁ ଅତି ଗୋପନୀୟ ଭାବେ କେବଳ ଅଫିସ୍ ନୋଟିସ୍ ବୋର୍ଡ଼ରେ ମାରିବା ସହିତ କୌଣସି ଦୈନିକ ଖବରକାଗଜରେ ପ୍ରକାଶିତ ହୋଇନଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ବିଜ୍ଞପ୍ତିରେ କୌଣସି ନମ୍ବର ନଥିବା ସହିତ ଜନସାଧାରଣରେ ବିଧିବଦ୍ଧ ଭାବେ ପ୍ରକାଶିତ ହୋଇନଥିବାରୁ ବହୁତ ଯୋଗ୍ୟ ପ୍ରାର୍ଥୀ ନଜାଣି ପାରି ଆବେଦନ କରିବାରୁ ବଞ୍ଚିତ ହୋଇଥିବାର ଜଣାଯାଇଛି। ଆହୁରି ମଧ୍ୟ ଏହି କର୍ମଚାରୀ ମାନେ କେଉଁ କେଉଁ କାର୍ଯ୍ୟରେ ନିୟୋଜିତ ହେବେ, ତାହା ମଧ୍ୟ ବିଜ୍ଞପ୍ତିରେ ଦର୍ଶାଯାଇନାହିଁ। ଇତିମଧ୍ୟରେ, ଆବେଦନ କରିଥିବା ପ୍ରାର୍ଥୀ ମାନଙ୍କୁ ଅତି ତରବରିଆ ଭାବରେ ସାକ୍ଷାତକାର ସମ୍ପୂର୍ଣ୍ଣ କରାଯାଇଛି। ସବୁଠୁ କୌତୁହଳର ବିଷୟ, ଏହି ଦୈନିକ ମଜୁରୀ ଭିତ୍ତିକ ଶ୍ରମିକ ପ୍ରାର୍ଥୀମାନଙ୍କୁ ସାକ୍ଷାତକାର ସମୟରେ କେବଳ ଜାତୀୟ ଓ ଆନ୍ତର୍ଜାତୀୟ ଖାଦ୍ୟ ପ୍ରସ୍ତୁତି ବିଷୟରେ ପଚରାଯାଇଥିବା କଥା ସାଧାରଣରେ ଚର୍ଚ୍ଚାର ଖୋରାକ୍ ଯୋଗାଇଛି। ନ୍ୟାୟ ପାଳିକାରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ, ଉପରୋକ୍ତ ତ୍ରୁଟି ସବୁକୁ ସୁଧାରି, ଏହି ନିଯୁକ୍ତି ପ୍ରକ୍ରିୟାକୁ ତୁରନ୍ତ ରଦ୍ଦ କରି, ପୁର୍ନବାର ବିଧିବଦ୍ଧ ଭାବରେ ବିଜ୍ଞାପନ ପ୍ରକାଶିତ କରିବାକୁ ସାଧାରଣରେ ଦାବି ହେଉଛି।






## ସମବାୟ ବ୍ୟାଙ୍କରେ ଖାଲି ପଡ଼ିଥିବା ପଦବି ପୂରଣ ହେବ: ମନ୍ତ୍ରୀ



**ଭୁବନେଶ୍ୱର :** ସମବାୟ ବିଭାଗ ସମ୍ମିଳନୀ କକ୍ଷରେ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ମାନ୍ୟବର ମନ୍ତ୍ରୀ ପ୍ରଦିପ ବଳ ସାମନ୍ତଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷକ୍ଷ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟ ସମବାୟ ବ୍ୟାଙ୍କର ବିଭିନ୍ନ କାର୍ଯ୍ୟାବଳୀର ସମୀକ୍ଷା କରି ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଥିଲେ, ସମୟ ସହ ତାଳ ଦେଇ ଚାଲିବାକୁ ହେଲେ ବ୍ୟବସାୟିକ ବ୍ୟାଙ୍କରେ ଉପଲବ୍ଧ ଥିବା ସମସ୍ତ ପ୍ରକାର ଗ୍ରାହକ ସେବା ଆମକୁ ଯୋଗାଇ ଦେବାକୁ ହେବ। ମୋବାଇଲ୍ ବ୍ୟାଙ୍କିଙ୍ଗ୍, ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍, ୟୁପିଆଇ ପେମେଣ୍ଟ ଆଦି ସେବା ଯୋଗାଇଦେବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ କହିଥିଲେ। କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଏବଂ ପ୍ରାଥମିକ କୃଷି ସମବାୟ ସମିତି ମଧ୍ୟରେ ଆର୍ଥିକ ସନ୍ତୁଳନ ରକ୍ଷା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ। ବ୍ୟାଙ୍କର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ପାଇଁ କ୍ରେଡିଟ୍ ଡିପୋଜିଟ୍ ଅନୁପାତରେ ସଂସ୍କାର ଆଣିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅଗ୍ରାଧିକାର ଭିତିରେ ଖାଲିପଡ଼ିଥିବା ପଦବି ପୂରଣ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସମୀକ୍ଷା ବୈଠକରେ ନିଷ୍ପତ୍ତି ହୋଇଥିଲା। ସୂଚନାଯୋଗ୍ୟ, ଚାଷ ଓ ଚାଷୀଙ୍କ ଉନ୍ନତି ଏବଂ ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ ଦିଗରେ ରାଜ୍ୟ ସମବାୟ ବ୍ୟାଙ୍କର ସହଭାଗିତା ଅତ୍ୟନ୍ତ ଜରୁରୀ। ୨୦୨୨-୨୩ ଆର୍ଥିକ ବର୍ଷରେ ୩୪.୫୭ ଲକ୍ଷ ଚାଷୀଙ୍କୁ ଶସ୍ୟ ଋଣ ଦିଆଯାଇଥିବା ବେଳେ ୨୦୨୩-୨୪ ବର୍ଷରେ ୩୬.୩୧ ଚାଷୀଙ୍କୁ ଋଣ ଦିଆଯାଇଛି। ଚଳିତ ୨୦୨୪-୨୫ ଆର୍ଥିକ ବର୍ଷରେ ଖରିଫ ଚାଷ ପାଇଁ ୧୭.୭୫ ଲକ୍ଷ ଚାଷୀଙ୍କୁ ୧୮୬୦୬.୨୮ କୋଟି ଟଙ୍କାର ଶସ୍ୟ ଋଣ ଦିଆସରିଛି।






Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**